

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
# ସମ୍ବାଦ କଳିକା
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
E-mail : sambadkalikanews@gmail.com
The Sambad Kalika
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୨୪୭ ● ୫ ଅକ୍ଟୋବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-247 ● 5th October 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




# ଚିହ୍ନଟ ହେବ ଭୂସ୍ଖଳନ ପ୍ରବଣ ଅଞ୍ଚଳ, ନିର୍ମାଣ ହେବ ବିପର୍ଯ୍ୟୟ ଭବନ

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

ଗଜପତି ଭଳି ରାଜ୍ୟର ପାହାଡ଼ ପର୍ବତ ଅଞ୍ଚଳରେ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଗୁଡିକୁ ଚିହ୍ନଟ କରାଯିବ । କଳିଙ୍ଗା ଘାଟିରେ ବାରମ୍ବାର ଭୂସ୍ଖଳନ ଘଟିବା ପରେ ସରକାର ଏଭଳି ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଭୂସ୍ଖଳନ ପାଇଁ ସରକାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ଭୂସ୍ଖଳନ ରୋକିବା ପାଇଁ ପଦକ୍ଷେପ ନିଆଯିବ। ଯେମିତି ପଥର ଖସି ଲୋକଙ୍କର ମୃତ୍ୟୁ ନଘଟେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଓଡ଼ିଶାରେ ଭୂସ୍ଖଳନ ଏକ ନୂଆ ସମସ୍ୟା ହୋଇ ଉଭା ହୋଇଛି ।

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସରକାର ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ସରକାରଙ୍କ ପକ୍ଷରୁ ବିପର୍ଯ୍ୟୟ ଭବନ ନିର୍ମାଣ କରାଯିବ। ଭୁବନେଶ୍ୱରରେ



ଅତ୍ୟାଧୁନିକ ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟ ଖୋଲାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଗୋଟିଏ ବିଲ୍ଡିଂରେ ଏସଆରସି, ଅଗ୍ନିଶମ, ପାଣିପାଗ, ଓଡ୍ରାଫ, ଏନଡିଆରଏଫ, ଜଙ୍ଗଲ ବିଭାଗର କାର୍ଯ୍ୟାଳୟ ରହିବ । ଏଥିପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ମଲ୍ଟି ଷ୍ଟୋରେଡ ଓ ଭୂତଳ ବିଲ୍ଡିଂ ନିର୍ମାଣ ହେବ । ସଚିବାଳୟ ନିକଟରେ ଜମି ଚିହ୍ନଟ କରାଯାଇଛି । ବିଲ୍ଡିଂରେ ଅତ୍ୟାଧୁନିକ କାରିଗରୀ କୌଶଳର ବ୍ୟବସ୍ଥା କରାଯିବ । କାର୍ଯ୍ୟାଳୟ ନିର୍ମାଣ ପାଇଁ ଲାଗିବ ୨ ବର୍ଷ ସମୟ । ବିପର୍ଯ୍ୟୟ ସମୟରେ କାମ କରୁଥିବା ସଂସ୍ଥା ଗୋଟିଏ ଛାତ ତଳେ ରହିବେ । ସବୁ ବିଭାଗ ନିଜ ଭିତରେ ସମନ୍ୱୟ ରକ୍ଷା କରି କାମ କରିବେ । ସବୁ ଜିଲ୍ଲାକୁ ଏହି ଭବନରୁ ଯେମିତି ଯୋଡ଼ି ହେବ ସେ ନେଇ ବ୍ୟବସ୍ଥା କରାଯିବ । ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି । ବିପର୍ଯ୍ୟୟ ମୁକାବିଲା ପାଇଁ ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ବି ମଗାଯାଇଛି । ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ ହେଲେ ମଧ୍ୟ ଆଗକୁ ଆହୁରି କାମ କରାଯାଇପାରିବ। ତା ପାଇଁ ବର୍ତ୍ତମାନ ଠାରୁ ପଦକ୍ଷେ ଆରମ୍ଭ କରାଯାଉଛି ବୋଲି ସେ କହିଛନ୍ତି ।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ବର୍ଷା ଯୋଗୁଁ ବୁଡି ଯାଉଥିବା ତଳିଆ ରାସ୍ତାଗୁଡ଼ିକୁ ଠାବ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେମିତି ବର୍ଷା ଯୋଗୁଁ ରାସ୍ତା ବୁଡି ଯୋଗାଯୋଗ ବିଚ୍ଛିନ୍ନ ହେବ ନାହିଁ । ମାଲକାନଗିରି ଅଞ୍ଚଳରେ ଅଧିକ ତଳିଆ ରାସ୍ତା ଥିବାରୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେଥିପାଇଁ ତଳିଆ ରାସ୍ତାଗୁଡ଼ିକୁ ଉଚ୍ଚ କରାଯିବ ବୋଲି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

## ଉପରାଷ୍ଟ୍ରପତି ଓ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନୂଆଦିଲ୍ଲୀଠାରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କୁ ସାକ୍ଷାତ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର (ପୃଷ୍ଠା ୭ରେ)



ଧରାପୃଷ୍ଠରୁ ବିଦାୟ ନେଲେ ଜଗତଜନନୀ ମା’ ଦୁର୍ଗା (ଫଟୋ-ସମ୍ବାଦ କଳିକା)

## ପିଓକେରେ ହିଂସା : ସେନା ଗୁଳିରେ ୧୨ ମୃତ

ମୁଜାଫାରବାଦ, ୪।୧୦

ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଆରମ୍ଭ ହୋଇଥିବା ସରକାରୀ ବିରୋଧୀ ବିକ୍ଷୋଭ ହିଂସାର ରୂପ ନେଇଛି। ପାକିସ୍ତାନର କଶ୍ମୀରବାସୀ ରିହାତି ଦରରେ ଖାଦ୍ୟ, ବିଜୁଳି ଓ ଅନ୍ୟାନ୍ୟ ସେବା ଯୋଗାଇ ଦେବା ଦାବିରେ ବିକ୍ଷୋଭ ଚଳାଇଥିବାବେଳେ ସରକାର ସେମାନଙ୍କ ଉପରେ ବଳ ପ୍ରୟୋଗ କରିଛନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଲୋକେ ରାସ୍ତାଘାଟ ଅବରୋଧ କରିଥିବାବେଳେ ସେନା ଓ ପୁଲିସ ସେମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଗୁଳିମାଡ



କରିଛି। ସୁରକ୍ଷା ବାହିନୀଙ୍କ ଗୁଳିମାଡରେ ୧୨ଜଣ ପ୍ରାଣ ହରାଇଛନ୍ତି। ଏହା ସହିତ ଶତାଧିକ ଆହତ ହୋଇଛନ୍ତି।

ଅନ୍ୟପଟେ ଲୋକଙ୍କ ପାଲଟା ଆକ୍ରମଣରେ ୩ଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଛନ୍ତି। ସେପ୍ଟେମ୍ବର ୨୯ ତାରିଖରେ ପିଓକେରେ ସରକାରୀ ବିରୋଧୀ ବିକ୍ଷୋଭ ଆରମ୍ଭ ହୋଇଥିଲା। ଅକ୍ଟୋବର ୨ରେ ଏହି ବିକ୍ଷୋଭ ହିଂସା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭୁବନେଶ୍ୱର ବିମାନବନ୍ଦରରୁ ୩ କୋଟିର ମାରିଜୁଆନା ଜବତ।
- ଫ୍ରାନ୍ସରେ ସରକାରୀ ବଜେଟ୍ କମ୍ ହେବା ପ୍ରତିବାଦରେ ଲୋକମାନେ ବିପୁଳ ପ୍ରତିବାଦ କରୁଛନ୍ତି।
- ଦକ୍ଷିଣ କୋରିଆର ରପ୍ତାନୀ ସଂଖ୍ୟା ଆଶାକୁ ଅତିକ୍ରମ କରିଛି, କାରଣ କୃତ୍ରିମ ବୃଦ୍ଧି ଚିପ୍ ବିକ୍ରୟ ବୃଦ୍ଧି ପାଇଛି।
- ୟୁଏସ୍ ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ଟ୍ରକ୍, ଫର୍ଣ୍ଣିଚର୍ ଓ ଔଷଧ ପଦାର୍ଥ ଉପରେ ଭାରୀ ଶୁଳ୍କ ଲାଗୁ କରିଛନ୍ତି।
- ଜାପାନ ୫୫୦ ବିଲିୟନ୍ ଡଲାରର ନିବେଶ ପ୍ୟାକେଜ୍ ଘୋଷଣା କରିଛି ଯାହା ମୁଦ୍ରା ମାପକୁ ପ୍ରଭାବିତ କରିବ ନାହିଁ।
- ଗଜପତି ଜିଲ୍ଲାରେ ପ୍ରବଳ ବର୍ଷାରେ ଦୁଇ ଜଣ ମୃତ ଓ ଦୁଇ ଜଣ ନିଖୋଜ ହୋଇଛନ୍ତି।

## ଦୁର୍ଗାମେଢ଼ଙ୍କୁ ୭.୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ ନିଷ୍ପତ୍ତି

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟର ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

ଦୁର୍ଗାମେଢ଼କୁ ୩ ଗୋଟି ବର୍ଗରେ ବିଭକ୍ତ କରାଯାଇ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ।



‘କ’ ବର୍ଗ – ଐତିହ୍ୟ ସମ୍ପନ୍ନ ଦୁର୍ଗାମେଢ଼ – ଏହି ବର୍ଗରେ ୨୧୫ଟି ମେଢ଼କୁ ୨ କୋଟି ୧୭ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। (ପ୍ରତ୍ୟେକ ଐତିହ୍ୟ ସମ୍ପନ୍ନ ମେଢ଼କୁ ୧ ଲକ୍ଷ ୧ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। )‘ଖ’ ବର୍ଗ – ୭୫ ବର୍ଷ ପୁରୁଣା ଦୁର୍ଗାମେଢ଼ – ଏହି ବର୍ଗରେ ୧୯୭ଟି ମେଢ଼କୁ ୧ କୋଟି ୪୭ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯିବ। ( ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୭୫ ହଜାର ଟଙ୍କା ଆର୍ଥିକ (ପୃଷ୍ଠା ୭ରେ)

## ଏସ୍‌ଆଇ ପରୀକ୍ଷା ଦୁର୍ନୀତି : ସରକାରୀ ସ୍ତରରେ ତତ୍ପରତା

ଭୁବନେଶ୍ୱର, ୪।୧୦ : ନ୍ୟୁଜ୍ ବ୍ୟୁରୋ

ପୁଲିସ ଏସଆଇ ପରୀକ୍ଷା ଦୁର୍ନୀତି ମାମଲାରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏସ୍‌ଆଇ ପରୀକ୍ଷା ଦୁର୍ନୀତି ମାମଲା ଉପରେ ପୁଙ୍ଖାନୁପୁଙ୍ଖ ତର୍ଜମା କରାଯାଇଛି। ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁ, ପୁଲିସ ଡିଜି ୱାଇ. ବି. ଖୁରାନିଆ, ଓପିଆରବି ଅଧ୍ୟକ୍ଷ ସୁଶାନ୍ତ ନାଥ, ସଦସ୍ୟ ଅବିନାଶ କୁମାରଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିଥିଲେ। ଓପିଆରବି ଅଧ୍ୟକ୍ଷ ସୁଶାନ୍ତ ନାଥ ଘଟଣା ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରାଇଥିବାର ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ମାମଲା ଉପରେ ସରକାର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଥିବା ବେଳେ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ଯେପରି ନଘଟେ ସେଥିପାଇଁ ସମସ୍ତ (ପୃଷ୍ଠା ୭ରେ)

## କଟକ ଭସାଣି ହିଂସା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

କଟକ ଭସାଣି ହିଂସାକୁ ନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ସିନ୍ଧେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଶାନ୍ତି କମିଟି ଓ ପୂଜା କମିଟି ସହ ଆଲୋଚନା କରଯାଇଛି। ଆଇନ ତା ବାଟରେ ଯିବ। ଯେଉଁମାନେ ବି ଦୋଷୀ ସେମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠନ ନେବ। ଆଗକୁ କିପରି ଘଟଣା ନ ଘଟିବ ତା ଉପରେ ନଜର ରହିଛି। (ପୃଷ୍ଠା ୭ରେ)



## କଥାବାର୍ତ୍ତା ହେବାର ଆଉ କିଛି ବାକି ନାହିଁ, ଅସ୍ତ୍ରଶସ୍ତ୍ର ତ୍ୟାଗ କର

ନୂଆଦିଲ୍ଲୀ, ୪।୧୦

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ଛତିଶଗଡ଼ ଗସ୍ତ କରିଥିଲେ। ବସ୍ତରରେ, ସେ ମା’ ଦନ୍ତେଶ୍ୱରୀ ମନ୍ଦିର ପରିଦର୍ଶନ କରିଥିଲେ। ତା’ପରେ ସେ ବସ୍ତର ଜିଲ୍ଲାର ମୁଖ୍ୟାଳୟ ଜଗଦଲପୁରରେ ବସ୍ତର ଦଶହରା ଲୋକ ମହୋତ୍ସବ ଏବଂ ସ୍ୱଦେଶୀ ମେଳାକୁ ସମ୍ବୋଧିତ କରିଥିଲେ, ଯେଉଁଠାରେ ସେ ନକ୍ସଲମାନଙ୍କୁ ଶେଷ ଚେତାବନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଅମିତ ଶାହ ସ୍ପଷ୍ଟ କରିଥିଲେ ଯେ



ନକ୍ସଲବାଦୀମାନେ ଏବେ ସେମାନଙ୍କର ଅସ୍ତ୍ରଶସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ। ସେ ଏହା ମଧ୍ୟ କହିଥିଲେ ଯେ ନକ୍ସଲବାଦ ସମାପ୍ତ କରିବା ପାଇଁ ୩୧ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ଏକ ସମୟସୀମା ଧାର୍ଯ୍ୟ କରାଯାଇଛି। ଶାହ ସ୍ପଷ୍ଟ କରିଥିଲେ ଯେ ନକ୍ସଲବାଦୀମାନଙ୍କ ସହିତ ଆଲୋଚନାର କୌଣସି ସମ୍ଭାବନା ନାହିଁ। ସେ କହିଥିଲେ ଯେ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିକୁ ଗ୍ରହଣ କରିବା ପରେ ସେମାନଙ୍କୁ ସେମାନଙ୍କର ଅସ୍ତ୍ର ଆତ୍ମସମର୍ପଣ କରିବାକୁ ପଡିବ।

ସେ କହିଥିଲେ ଯେ କିଛି ଲୋକ ନକ୍ସଲବାଦୀମାନଙ୍କ ସହିତ ଆଲୋଚନା ପାଇଁ ଆହ୍ୱାନ କରିଛନ୍ତି। ‘ମୁଁ ପୁଣି ଥରେ କହିବାକୁ ଚାହୁଁଛି ଯେ ଛତିଶଗଡ଼ ଏବଂ କେନ୍ଦ୍ର ସରକାର ଉଭୟ ବସ୍ତର ଏବଂ (ପୃଷ୍ଠା ୭ରେ)

## ଏସଆଇ ପରୀକ୍ଷା ଦୁର୍ନୀତିର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଚିଠି ଲେଖିଛୁ

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

ପୋଲିସ୍ ଏସଆଇ ପରୀକ୍ଷା ଦୁର୍ନୀତି ନେଇ ଓପିଆରବିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ପ୍ରତିକ୍ରିୟା ଦେଇ କହିଛନ୍ତି ଆମେ କ୍ରାଇମବ୍ରାଞ୍ଚକୁ ଲେଖିକି ଦେଇଛୁ । ସେହି ଅନୁଯାୟୀ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛନ୍ତି। ଏନେଇ ଗୋଟିଏ ମାମଲା ରୁଜୁ ହୋଇଛି । ତାର ଫଳାଫଳକୁ ଅପେକ୍ଷା କରିଛୁ। ତାପରେ (ପୃଷ୍ଠା ୭ରେ)

## ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୯୪୦ (+୮୭)
୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୦,୯୪୫ (+୮୦)
୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୮,୯୫୫ (+୬୫)

## ରୁପା ଦର

ରୁପା – ପ୍ରତି ଗ୍ରାମ ୧୬୫ (+୩)

## ଏକାଳ ପଖାଳ




ଖସି ନପାରିକି ଧରାପଡୁଛନ୍ତି
ଦୋଷୀ ଗୋଟେ ପରେ ଗୋଟେ
କ୍ରାଇମବ୍ରାଞ୍ଚ ତନାଘନା କରି
ବିଭାଗଟା ପୂରା ଘାଣ୍ଟେ
ଯାଇପାରିବନି ମୋଟେ
ଲାଞ୍ଚୁଆ ଖଚୁଆ ଯେତେ ଅଛନ୍ତି
ରାଇଜ ଭାଗ୍ୟରେ ଜୁଟେ।

## ୩ ଦିନରେ ପିଇଦେଲେ ୭୦୦ କୋଟିର ମଦ



ନୂଆଦିଲ୍ଲୀ, ୪।୧୦

ମା’ ଦୁର୍ଗାଙ୍କ ବିସର୍ଜନ ସୁରୁଖୁରୁରେ ସାରା ଦେଶରେ ସମ୍ପନ୍ନ ହୋଇଛି । ଦଶହରା ପାଇଁ ବୁଲାବୁଲି ସହ ମା’ଙ୍କ ଦର୍ଶନ ତ ଆପଣ କରିଥିବେ । ତେବେ ଆମେ ଆପଣଙ୍କୁ ଏମିତି ଏକ ଖବର କହିବୁ ଯାହା ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଖବରଟି ତେଲେଙ୍ଗାନାରୁ ଆସିଛି । ବାସ୍ତବରେ ତେଲେଙ୍ଗାନା ଅବକାରୀ ବିଭାଗ ଏବେ ଖୁସିରେ ଡେଉଁଛି । କାରଣ ଏତେ ମାତ୍ରାରେ ରାଜସ୍ୱ ଆଦାୟ ହୋଇଛି ଯେ ରାଜ୍ୟ ସରକାର ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ତେଲେଙ୍ଗାନାରେ ଦଶହରା ପୂର୍ବ ୨ ଦିନ(ଅଷ୍ଟମୀ, ନବମୀ ଓ ଦଶମୀ)ରେ ସେଠାକାର ଲୋକ ୭୦୦ କୋଟି ଟଙ୍କାର ମଦ ପିଇଦେଇଛନ୍ତି।

ଏହି ସଂଖ୍ୟା ଅବକାରୀ ବିଭାଗର ସବୁ ରେକର୍ଡକୁ ଭାଙ୍ଗିଦେଇଥିବା ବେଳେ ନିଶାମୁକ୍ତି ଅଭିଯାନ ପାଇଁ ଶକ୍ତ ଧକ୍କା ବୋଲି କୁହାଯାଉଛି ।

ମିଳିଥିବା ସୂଚନା ମୁତାବକ ସେପ୍ଟେମ୍ବର ୩୦ ତାରିଖରେ ରେକର୍ଡ ୩୩୩ କୋଟି ଟଙ୍କାର ମଦ ବିକ୍ରି ହୋଇଥିବାବେଳେ ଦୁଇ ଦିନରେ ମଧ୍ୟ ପ୍ରାୟ ୩୬୭ କୋଟି ଟଙ୍କାର ବ୍ୟବସାୟ ହୋଇଥିଲା, ଯାହା ତିନି ଦିନରେ ମୋଟ ୬୯୭.୨୩ କୋଟି ଥିଲା।

ଗତ ବର୍ଷ ସହିତ ତୁଳନା କଲେ ୨୦୨୪ ମସିହାରେ ଦଶହରାର ଆଠ ଦିନ ମଧ୍ୟରେ ବିକ୍ରି ୮୫୨.୩୮ କୋଟି ଟଙ୍କାର ମଦ ବିକ୍ରି ହୋଇଥିବାବେଳେ ଏହି ବର୍ଷ ମାତ୍ର ତିନି ଦିନରେ ସେଠାକାର ଲୋକ ୬୯୭ କୋଟି ଟଙ୍କାର ମଦ ପିଇଦେଇଛନ୍ତି । ଏହି ରେକର୍ଡ ବିକ୍ରୟ ମଧ୍ୟ ରାଜ୍ୟର ଅର୍ଥନୀତି ପାଇଁ ଏକ ମାଇଲଖୁଣ୍ଟ ପ୍ରମାଣିତ ହେଉଛି। ତେଲେଙ୍ଗାନାର ମଦ ରାଜସ୍ୱ, ଯାହା ୨୦୧୪ ମସିହାରେ ମାତ୍ର ୧୦୦୦୦ କୋଟି ଟଙ୍କା ଥିଲା, ଏବେ ୨୦୨୪–୨୫ ସୁଦ୍ଧା ୩୪୬୦୦ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

## ବର୍ଷା ଯୋଗୁଁ ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ପ୍ରଭାବିତ

ଭୁବନେଶ୍ୱର, ୪।୧୦
ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ବର୍ଷା ଯୋଗୁଁ ଗଜପତି, ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ରାୟଗଡ଼ାର କିଛି ଗାଁରେ ବର୍ଷା ପାଣି ପଶିବା ଯୋଗୁଁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ୯ ଟି ଗାଁ ପାଣି ଘେରରେ ଥିଲା । ଲୋକଙ୍କ ସରକାର ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ତେବେ ବର୍ଷା ଯୋଗୁଁ ଗଜପତି ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ



ହୋଇଛି। ଜଣେ ଲୋକଙ୍କର ମୁଣ୍ଡରେ ପଥର ବାଜିବା ଫଳରେ ମୃତ୍ୟୁ ହେଲା ଏବଂ ଆଉ ଜଣଙ୍କର ପୋଷ୍ଟ ମର୍ଟମ ପରେ କେମିତି ମୃତ୍ୟୁ ହେଲା ଜଣାପଡିବ । ଏତେ ବଡ଼ ଭୁସ୍ଖଳନ ହେଲା ଯେ, ରାତି ସାରା ଦୁଇ ଜଣ ଲୋକ ମାଟି ପଥର ତଳେ ଦବି ରହିଗଲେ । ଖଣି ମନ୍ତ୍ରୀ ବିଭୂତି ଭୂଷଣ (ପୃଷ୍ଠା ୭ରେ)





# ରାଜଧାନୀକୁ ଆଉ ଏକ ନୂଆ ସହର ଗଢ଼ିବେ ରାଜ୍ୟ ସରକାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରାଜଧାନୀ ଭୁବନେଶ୍ୱରକୁ ଲାଗି ଆଉ ଏକ ନୂଆ ସହର ଗଢ଼ିବେ ରାଜ୍ୟ ସରକାର। ଗୁଜରାଟର ଢୋଲେରା ସହର ଭଳି ଏହାକୁ ଅତ୍ୟାଧୁନିକ ରୂପ ଦିଆଯିବ। ଯାହା ରାଜଧାନୀଠାରୁ ବି ଆହୁରି ଚାକଚକ୍ୟ ଓ ଅତ୍ୟାଧୁନିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ହେବ। କେବଳ ରହଣୀ ଉପଯୋଗ୍ୟ ନୁହେଁ, ବ୍ୟବସାୟର ବି ପ୍ରାଣକେନ୍ଦ୍ର କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ବିଶେଷ କରି ଆଇଟି କ୍ଷେତ୍ରର ବିକାଶକୁ ଏଠାରେ ପ୍ରାଧାନ୍ୟ ଦିଆଯାଇଛି। କିନ୍ତୁ ଦିଲ୍ଲୀ, ବମ୍ବେ ଭଳି ବଡ଼ ବଡ଼ ସହରରେ ପରିବେଶଗତ ସମସ୍ୟାକୁ ନଜରରେ ରଖି ସବୁଜିମାକୁ ଏହି ପ୍ରକଳ୍ପରେ ବେଶ ଗୁରୁତ୍ୱ ଦିଆଯାଇଛି। ପ୍ରକଳ୍ପ ପାଇଁ ଚିହ୍ନିତ ଅଞ୍ଚଳରେ ଥିବା ଜଙ୍ଗଲ ଜମିକୁ ସଂପୂର୍ଣ୍ଣ ସୁରକ୍ଷିତ ରଖାଯିବ। ପାର୍କ, ଗଛ ତଳେ ଛାୟାପ୍ରଦ ସ୍ଥାନ ଭଳି ଅନେକ ସୁବିଧା ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ନୂଆ ସହର(ନ୍ୟୁ ସିଟି) ପ୍ରକଳ୍ପ ପାଇଁ ଚିହ୍ନିତ ସ୍ଥାନରେ ୪୫ ପ୍ରତିଶତ କେବଳ ସବୁଜିମା ସହ ଖାଲି ଜାଗା ରଖିବାକୁ ନିଷ୍ପତ୍ତି ହୋଇଛି। ସେହି ଅନୁସାରେ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଉଛି। ଗୋଠପାଟଣା, ମଳିପଡ଼ା ଓ ଦାଶପୁରରେ ୭୮୯ ଏକର ଜାଗାରେ ପ୍ରସ୍ତାବିତ ନୂଆ ସହର ଗଢ଼ିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ଏ ବାବଦରେ ମୋଟ ୮ହଜାର ୧୭୯ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରସ୍ତାବିତ ନୂଆ ସହରର ପରିକଳ୍ପନା ୧ଲକ୍ଷ ଜନସଂଖ୍ୟାକୁ ନେଇ କରାଯାଇଛି। ଯେଉଁଠି ହେକ୍ଟର ପିଛା ୨୦୦ ଲୋକ ରହିବାର ବ୍ୟବସ୍ଥା ହେବ। ୧୬ହଜାର ଘର ନିର୍ମାଣ ହେବ, ଯେଉଁଥିରୁ ୨୫ ପ୍ରତିଶତ ଗରିବ ଲୋକଙ୍କ ପାଇଁ ସଂରକ୍ଷିତ ରହିବ। ସୁଲଭ ଗୃହ ପ୍ରକଳ୍ପ ଯୋଜନାରେ ଏହି ଘର ଯୋଗାଇ ଦିଆଯିବ। ୧୦୪ଲକ୍ଷ ବର୍ଗଫୁଟରୁ ଅଧିକ ଜାଗାରେ ଘରୋଇ ଆବାସ, ୬୫ଲକ୍ଷରୁ ଅଧିକ ବର୍ଗଫୁଟ ଜାଗାରେ ବାଣିଜ୍ୟିକ ଆବାସ, ୨୪ଲକ୍ଷରୁ ଅଧିକ ବର୍ଗଫୁଟ ଜାଗାରେ ଆଇଟି ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବ୍ୟବସାୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ରହିବ। ୧ଲକ୍ଷ ନିଯୁକ୍ତି ସୁଯୋଗର ବି ଲକ୍ଷ୍ୟ ରଖାଯାଇଛି। ବସଷ୍ଟାଣ୍ଡ, ବିମାନବନ୍ଦର, ପ୍ରମୁଖ ରାସ୍ତା ତଥା ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ପ୍ରକଳ୍ପ ବିକଶିତ କରାଯାଉଛି। ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟ ସରକାରଙ୍କ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟର ଏହା ଅଂଶବିଶେଷ। ଯେହେତୁ ଆଗାମୀ ୨୫ରୁ ୩୦ ବର୍ଷ ଆଗକୁ ଭାବି ଏହି ନୂଆ ସହରର ପରିକଳ୍ପନା କରାଯାଇଛି, ସେ ଦୃଷ୍ଟିରୁ ସବୁଜିମାକୁ ଏଥିରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ ପ୍ରତି ଗଳିକୁ ଚଉଡ଼ା ରାସ୍ତା ସହ ପାଣି, ବିଜୁଳି ସୁବିଧା ରହିବ। ଏଥିସହ ପ୍ରତି ଗଳିମୁଣ୍ଡରେ ପାର୍କ ବ୍ୟବସ୍ଥା ହେବ। ରାସ୍ତାର ଦୁଇପାର୍ଶ୍ୱରେ ଗଛ ଲଗାଯିବ। ପଥଚାରୀଙ୍କ ପାଇଁ ବିଶ୍ରାମ ଓ ଅନ୍ୟାନ୍ୟ ଅବସର ବିନୋଦନର ବ୍ୟବସ୍ଥା କରାଯିବ। ଯେହେତୁ ଆମେ ସବୁଜିମାକୁ ଗୁରୁତ୍ୱ ଦେଇଛୁ, ସେ ଦୃଷ୍ଟିରୁ ଜଙ୍ଗଲ ଜମିକୁ ବି ପ୍ରକଳ୍ପରୁ ବାଦ୍ ଦିଆଯାଇଛି। ପ୍ରଥମ କଥା ହେଉଛି, ଜଙ୍ଗଲ ଜମି ଅଡୁଆ ବହୁ ଜଟିଳ ଓ ଅନ୍ୟଟି ପ୍ରକଳ୍ପ ଦ୍ୱାରା ଜଙ୍ଗଲକୁ ନଷ୍ଟ ନ କରିବାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ସୂଚନାଯୋଗ୍ୟ, ପିପିପି ମୋଡ଼ରେ ଏହି କାମ ହେବ। ବିଡିଏ ପ୍ରକଳ୍ପର ନୋଡାଲ ଏଜେନ୍ସି ରହିବ। ଏଥିପାଇଁ ସିଙ୍ଗାପୁର ଏକ କମ୍ପାନି ସହ ରାଜ୍ୟ ସରକାରଙ୍କ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି।

# କ୍ୟାପିଟାଲ୍ ହସ୍ପିଟାଲ୍: ରୋଗୀଙ୍କ ଜୀବନ ସହ ଖେଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ କ୍ୟାପିଟାଲ୍ ହସ୍ପିଟାଲ୍‌ର ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ରୋଗୀ ଓ ସମ୍ପର୍କୀୟ ହସ୍ପିଟାଲ୍ ଭିତରକୁ ପଶିବା କଷ୍ଟକର ହୋଇପଡ଼ିଛି। ଯୁଆଡ଼େ ଦେଖିବ କୁଡ଼କୁଡ଼ ଅଳିଆ। କେଉଁଠି କୁକୁର ପରିସ୍ରା କରିଛି ତ ଆଉ କେଉଁଠି ବିଲେଇ ମଳ, ରକ୍ତଲଗା ଗଜ କପଡ଼ା, ତୁଳା, ବେଡ଼ସିଟ୍ ସହ ମେଡିକାଲ ବର୍ଜ୍ୟର ଦୁର୍ଗନ୍ଧରେ ଫାଟି ପଡ଼ୁଛି କ୍ୟାପିଟାଲ୍ ହସ୍ପିଟାଲ୍ ପରିସର। ବହୁଦିନ ହେଲା ବିଭିନ୍ନ ଦାବି ନେଇ ସୁରକ୍ଷାକର୍ମୀ ଆନ୍ଦୋଳନରେ ବସିଥିବା ବେଳେ ପ୍ରଶାସନିକ ସ୍ତରରେ କେହି ବୁଝାଇବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି। ସୁରକ୍ଷାକର୍ମୀଙ୍କ ସ୍ଥାନରେ ସିନା ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, କିନ୍ତୁ ଗତକାଲିଠାରୁ ସୁରକ୍ଷାକର୍ମୀଙ୍କ ସମର୍ଥନରେ ସଫେଇ କର୍ମଚାରୀ ଆନ୍ଦୋଳନରେ ବସିଛନ୍ତି। ଫଳରେ କାଲିଠାରୁ ଆଉ ହସ୍ପିଟାଲ ପରିସରରେ ସଫେଇ ହୋଇପାରି ନାହିଁ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏନେଇ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ପଚାରିଲେ କହୁଛନ୍ତି ପୁଲିସକୁ ଜଣାଇ ଦେଇଛୁ। ଏଜେନ୍ସିକୁ ଜଣାଇ ଦେଇଛୁ। ଆମେ କଣ କରି ପାରିବୁ। ଆମ ହାତରେ କିଛି ନାହିଁ। ଏଭଳି କହି ଦୋଷ ଝାଡ଼ି ବସି ପଡ଼ୁଛନ୍ତି। ସ୍ୱାସ୍ଥ୍ୟସେବା ଭଳି ଏକ ଜରୁରୀ ସେବାରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିନୋଦ ବେହେରା ନାମକ ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି ଯେ, ସେ ତାଙ୍କ ମାଆଙ୍କ ଦେହ ଖରାପ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ଆସିଛନ୍ତି। ମା'ଙ୍କୁ ଗତକାଲିଠାରୁ ମହିଳା ମେଡିସିନ୍ ୱାର୍ଡରେ ଭର୍ତ୍ତି କରାଯାଇଛି। କିନ୍ତୁ ଏଠାକାର ଅବ୍ୟବସ୍ଥା ଅବର୍ଣ୍ଣନୀୟ। ତାଙ୍କ ମାଆଙ୍କୁ ଯେଉଁଠି ବେଡ୍ ମିଳିଛି ତା ପାଖରେ ଥିବା ଡଷ୍ଟବିନରୁ ଅଳିଆ ଉଠିନି। ରୋଗୀମାନେ ଖାଦ୍ୟପଦାର୍ଥ ଫିଙ୍ଗିବା ଫଳରେ ଡଷ୍ଟବିନ୍ ଭର୍ତ୍ତି ହୋଇଯାଇଛି। ପାଇଖାନା ମଧ୍ୟ ସଫା ହୋଇ ନାହିଁ। କେତେକ ରୋଗୀ ଉଠି ନ ପାରି ସେ ବେଡ୍‌ରେ ପରିସ୍ରା କରୁଛନ୍ତି। ତାହା ମଧ୍ୟ ସଫା ହେଉନାହିଁ। ଫଳରେ ଦୁର୍ଗନ୍ଧରେ ୱାର୍ଡ ପରିସର ଫାଟି ପଡୁଛି। ବେଡ୍ ତଳେ ବିଲେଇ ବାନ୍ତି କରିଛି ତାକୁ ମଧ୍ୟ କେହି ଉଠାଉ ନାହାନ୍ତି। ଏହା ହେଉଛି ବର୍ତ୍ତମାନର ରାଜଧାନୀର ସ୍ୱାସ୍ଥ୍ୟାବସ୍ଥା ବୋଲି ସେ କ୍ଷୋଭର ସହିତ କହିଛନ୍ତି। ଏନେଇ ଆନ୍ଦୋଳନରତ ସୁରକ୍ଷାକର୍ମୀ କହିଛନ୍ତି ଯେ ହସ୍ପିଟାଲ୍‌କୁ ଆମେ ସୁରକ୍ଷା ଯୋଗାଉଛୁ। କିନ୍ତୁ ଆମ ସୁରକ୍ଷା କଥା କେହି ବୁଝୁନାହାନ୍ତି। ପୁଲିସ ପାଖରେ ସବୁ ପ୍ରମାଣ, ଫଟୋ ଭିଡିଓ ଥିଲେ ମଧ୍ୟ ପୁଲିସ ଅଟୋ ସଂଘର କର୍ମକର୍ତ୍ତାଙ୍କୁ ୩ ଦିନ ହେଲା ଗିରଫ କରୁନାହିଁ। କାହା ଚାପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସୁରକ୍ଷାକର୍ମୀମାନେ ପ୍ରଶ୍ନ କରିଛନ୍ତି। ସଫେଇ କର୍ମଚାରୀ ଓ ଆମେ ଗୋଟିଏ ଏଜେନ୍ସିରେ କାମ କରୁଛୁ। ତେଣୁ ଆମକୁ ସଫେଇ କର୍ମଚାରୀମାନେ ସମର୍ଥନ କରୁଛନ୍ତି। ତେଣୁ ଆକ୍ରମଣ କରିଥିବା ଅଟୋଚାଳକମାନେ ଗିରଫ ନ ହେବା ଯାଏଁ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସୁରକ୍ଷାକର୍ମୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ଦ୍ଦେଶକ ଡା. ରୂପଭାନୁ ମିଶ୍ର କହିଛନ୍ତି ଯେ ଡାକ୍ତର ଓ ନର୍ସ ଆନ୍ଦୋଳନକୁ ଆଲୋଚନା ମାଧ୍ୟମରେ ସ୍ଥଗିତ ରଖାଯାଇଛି। କିନ୍ତୁ ଆଉଟ୍‌ସୋର୍ସିଂ କର୍ମଚାରୀ ଆମ କଥାରେ ନାହାନ୍ତି। ସେମାନଙ୍କ ଦାବି ପୁଲିସ ପୂରଣ କରିବ। ଏନେଇ ପୁଲିସ ସହିତ ଆମେ ଆଲୋଚନା କରିଛୁ। ଏଜେନ୍ସିକୁ ମଧ୍ୟ ଜଣାଇ ଦେଇଛୁ। ଅବ୍ୟବସ୍ଥା ବାବଦରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇ ଦେଇଛୁ। ଖୁବଶୀଘ୍ର ସୁରକ୍ଷାକର୍ମୀଙ୍କ ଦାବି ପୂରଣ ହେବ ଏବଂ ସେମାନେ କାର୍ଯ୍ୟରେ ଯୋଗ ଦେବେ। ପୁଲିସ ସୁରକ୍ଷା ଯୋଗାଇ ଦେଉଛି। ଏହାସହିତ ଆପାତକାଳ ପାଇଁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

## ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଣ୍ଟନ ପଞ୍ଜୀକରଣ ଜାରି

**କଟକ, ନ୍ୟୁଜ ବ୍ୟୁରୋ**

ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଷ୍ଟଲ ଖୋଲିବା ନିମନ୍ତେ ପ୍ଲଟ ପଞ୍ଜୀକରଣ ଆଗେଇ ଚାଲିଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ପଞ୍ଜୀକରଣ କରାଯାଉଛି। ବାରବାଟି ପ୍ୟାଲେସଠାରେ ଦୈନିକ ପୂର୍ବାହ୍ନ ୧୦ଘଟିକାଠାରୁ ଅପରାହ୍ନ ୫ଘଟିକା ୩୦ ମିନିଟ ମଧ୍ୟରେ ଫର୍ମ ଦାଖଲ ଓ ପଞ୍ଜୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ୨୬ତାରିଖଠାରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାପରେ ଆସନ୍ତା ୧୩ ତାରିଖରୁ ନିଲାମୀ ପ୍ରକ୍ରିୟା ଆରମ୍ଭ ହେବ। ଆଜି ସୁଦ୍ଧା ୧୫୦ରୁ ଅଧିକ ପ୍ଲଟ ପାଇଁ ପଞ୍ଜୀକରଣ କରାଯାଇଛି। ଅନଲାଇନ ମାଧ୍ୟମରେ ପଞ୍ଜୀକରଣ ପାଇଁ ଇଚ୍ଛୁକ ବ୍ୟକ୍ତି www.baliyatra.net ୱେବ୍‌ସାଇଟରେ ପଞ୍ଜୀକରଣ କରିପାରିବେ।

## ମା' ଭୈରବୀଙ୍କ ଅନନ୍ୟ ପରମ୍ପରା, ଷୋହଳ ଦିନ ଭକ୍ତ ପାଆନ୍ତିନି ଦର୍ଶନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ରହିଛି ଏମିତି ଏକ ଶକ୍ତିପୀଠ, ଯେଉଁଠି ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ବନ୍ଦ ରହେ ମନ୍ଦିର । ଏହି ୧୬ ଦିନ ଗୁପ୍ତରେ ମା'ଙ୍କ ପୂଜାର୍ଚ୍ଚନା କରାଯାଏ। ଆଉ ଭକ୍ତଙ୍କ ପାଇଁ ଦର୍ଶନ ବନ୍ଦ ରହେ । ମହାନବମୀରେ ମା'ଙ୍କ ପାଖରେ ନବାନ୍ନ ଲାଗି ପରେ ପୁଣି ଥରେ ମା' ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ଏହି ପୀଠରେ ଆଉ ଏକ ଭିନ୍ନ କଥା ହେଉଛି, ମନ୍ଦିର ସେବାୟତ ପରିବାରର ମହିଳାମାନଙ୍କୁ ମାସେ ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ବାରଣ ରହିଥାଏ । ତେବେ କେଉଁଠି ଅଛି ସେ ଦେବୀ ଶକ୍ତିପୀଠ । କେମିତି ହିଏ ମା'ଙ୍କ ପୂଜା ? ଧରାବତରଣ କରୁଛନ୍ତି ଜଗତଜନନୀ ମା' ଦୁର୍ଗା । ବିଭିନ୍ନ ପ୍ରାଚୀନ ଶକ୍ତିପୀଠରେ ଆରମ୍ଭ ହୋଇଛି ଦେବୀଙ୍କ ଷୋଡଶ ଉପଚାର । ଷୋହଳ ଦିନ ଧରି ମା' ଭିନ୍ନ ଭିନ୍ନ ରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ବୌଦ୍ଧ ଜିଲ୍ଲାରେ ଏଭଳି ଏକ ପ୍ରାଚୀନ ଶକ୍ତିପୀଠ ରହିଛି ଯେଉଁଠି, ଆଶ୍ୱିନ ମାସର ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଦେବୀ ଷୋହଳ ଦିନ ଗୁପ୍ତରେ ଭିନ୍ନ ଭିନ୍ନ ବେଶରେ ପୂଜା ପାଆନ୍ତି । ଏହି ସମୟରେ ଭକ୍ତ ବା ଶ୍ରଦ୍ଧାଳୁଙ୍କ ଦର୍ଶନ ସମ୍ପୂର୍ଣ୍ଣ ବାରଣ ରହିଥାଏ । ମହାଷ୍ଟମୀର ମଧ୍ୟ ରାତ୍ରି ପରେ ଭକ୍ତମାନେ ମା'ଙ୍କ ଦର୍ଶନ କରିବାର ସୁଯୋଗ ପାଇଥାଆନ୍ତି । ଓଡିଶାର ବିଭିନ୍ନ ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ବୌଦ୍ଧ ଜିଲ୍ଲା ଆରାଧ୍ୟ ଦେବୀ ଭାବରେ ପରିଚିତ ପୁରୁଣା କଟକ ସ୍ଥିତ ମା' ଭୈରବୀ ମନ୍ଦିର । ମାତା ସତୀଙ୍କ ଏକ ପବିତ୍ର ଅଂଶ ଏହି ସ୍ଥାନରେ ପଡ଼ିଥିବା ବିଶ୍ୱାସ ରହିଛି । ବର୍ଷ ତମାମ ମା'ଙ୍କ ପବିତ୍ର ପୀଠକୁ ଭକ୍ତଙ୍କ ସୁଅ ଛୁଟିଥାଏ । ୫୭ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ଏହି ପ୍ରାଚୀନ ଶକ୍ତି ପୀଠ ପୂର୍ବରୁ ଏକ ବାଉଁଶ ବଣ ମଧ୍ୟରେ ରହିଥିଲା। ପରିବର୍ତ୍ତିତ ସମୟରେ ଏଠାରେ ମନ୍ଦିର ନିର୍ମାଣ ହୋଇଥିଲା। ରାଜତନ୍ତ୍ର ଶାସନ କାଳରେ ଏହି ପ୍ରାଚୀନ ପୀଠର ବେଶ ମାହାତ୍ମ୍ୟ ରହିଥିବା ବେଳେ ବିଭିନ୍ନ ସମୟରେ ରାଜା, ମା' ଭୈରବୀଙ୍କ ଦର୍ଶନ ପାଇଁ ବ୍ୟାକୁଳ ରହୁଥିଲେ । ଏହି ପ୍ରାଚୀନ ଶକ୍ତି ପୀଠର ସ୍ୱତନ୍ତ୍ରତା ହେଉଛି, ଆଶ୍ୱିନ ମାସର ଷୋହଳ ଉପଚାର ଗୁପ୍ତ ପୂଜା । ମୂଳାଷ୍ଟମୀକୁ ପଶ୍ଚିମ ଓଡିଶାରେ ପୁଅଜିଉଁନ୍ତିଆ ଭାବରେ ପାଳନ କରାଯାଉଥିବା ବେଳେ ଏହି ଦିନରେ ମା' ଭୈରବୀଙ୍କ ଖଣ୍ଡା ବସା ପର୍ବ ଅନୁଷ୍ଠିତ ହୋଇଥାଏ । ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମା' ଭୈରବୀଙ୍କ ୧୬ ଦିନ ଧରି ଗୁପ୍ତ ଉପଚାର ଅନୁଷ୍ଠିତ ହୋଇଥାଏ । ମୂଳାଷ୍ଟମୀ ପାଇଁ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜାର୍ଚ୍ଚନା ପରେ ଦେବୀଙ୍କ ଚଳନ୍ତି ଘଟକୁ ପୁରୁଣା କଟକ ସହରର ବିଭିନ୍ନ ବସ୍ତି ପରିକ୍ରମା କରାଯାଇଥିଲା।

## ଦେଢ ବର୍ଷ ହେଲା ଆସୁନି ନୂଆ ଟାର୍ଗେଟ : ଭତ୍ତା ଅପେକ୍ଷାରେ ୧୦, ୭୦୦ ହିତାଧିକାରୀ

**ଜୟପୁର:**



ଆବେଦନ କରି ବର୍ଷ ପରେ ବର୍ଷ ବିତିଯାଉଛି । ଯୋଗ୍ୟ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଉନି । ଭତ୍ତା ପାଉଥିବା ହିତାଧିକାରୀଙ୍କ ମୃତ୍ୟୁକୁ ଅପେକ୍ଷା କରିବାକୁ ପଡୁଛି । ମାନେ ଜଣଙ୍କ ମୃତ୍ୟୁ ହେଲେ ଯାଇ ଅନ୍ୟ ଜଣେ ନୂଆ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି । ସରକାରଙ୍କ ଏହି ଅଜବ ନୀତିକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି ।

ପରିତାପର ବିଷୟ, ଗତ ଦେଢବର୍ଷ ହେଲା ନୂଆ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ କୌଣସି ଟାର୍ଗେଟ ଆସିନି । ପୌର ଓ ବ୍ଲକ ଅଞ୍ଚଳରେ ହଜାର ହଜାର ଆବେଦନକରୀ ଭତ୍ତା ଲାଗି ଅନେଇ ବସିଛନ୍ତି । ଯୋଗ୍ୟ ହିତାଧିକାରୀଙ୍କ ସମସ୍ତ ପ୍ରମାଣପତ୍ର ଯାଞ୍ଚ କରି ତୁରନ୍ତ ଭତ୍ତା ଦେବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଅନ୍‌ଲାଇନରେ ଆବେଦନ କରିବାକୁ ପଡୁଛି । ଭତ୍ତା ପାଇବାକୁ ମାନଦଣ୍ଡ ପୂରଣ କରିବା ସହ ସମସ୍ତ ପ୍ରମାଣପତ୍ର ଦାଖଲ କରିବାକୁ ପଡୁଛି । ବିଡମ୍ବନା, ଭତ୍ତା ପାଇବାକୁ ଯୋଗ୍ୟ ଥିଲେ ବି ସେମାନଙ୍କୁ ବଞ୍ଚିତ କରାଯାଉଛି । ନିୟମ ଅନୁସାରେ ୬୦ ବର୍ଷ ହେଲେ ଜଣେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ । ଅଥଚ ୭୦ ବର୍ଷ ବୟସ୍କଙ୍କୁ ଭତ୍ତା ପାଇବାରୁ ବି ବଞ୍ଚିତ କରାଯାଉଛି । ସେହିପରି ଜଣେ ବିଧବା ଆବେଦନ ସମୟରେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଦାଖଲ କଲେ ଭତ୍ତା ମିଳିଯିବା କଥା । ଅଥଚ ବର୍ଷ ବର୍ଷ ବିତିଯାଉଥିଲେ ବି ସେମାନଙ୍କୁ ଭତ୍ତା ଦିଆଯାଉନି ।

ସାମାଜିକ ସୁରକ୍ଷା ବିଭାଗର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ନୂଆ ହିତାଧିକାରୀଙ୍କୁ ସାମିଲ କରିବାକୁ ଅଧିକ ଟାର୍ଗେଟ ଆସୁନି। ଯାହା ଫଳରେ ସମସ୍ୟା ହେଉଛି । ଆବେଦନ କରିଥିବା ତାରିଖ ଅନୁସାରେ କ୍ରମିକ ନମ୍ବର କରାଯାଉଛି। ଭତ୍ତା ପାଉଥିବା ଜଣେ ହିତାଧିକାରୀଙ୍କ ମୃତ୍ୟୁ ହେବାପରେ ସେହି ସ୍ଥାନରେ କ୍ରମିକ ନମ୍ବର ଅନୁସାରେ ଜଣେ ନୂଆ ହିତାଧିକାରୀଙ୍କୁ ସାମିଲ କରାଯାଉଛି। ଏଥିଲାଗି ଭତ୍ତା ପାଇବାରେ ଅହେତୁକ ବିଳମ୍ବ ହେଉଛି । ଗତ ନିର୍ବାଚନ ପୂର୍ବରୁ ନୂଆ ଟାର୍ଗେଟ ଆସିଥିଲା । ଏହା ପରେ ଆଉ ଆସିନି । ଆବେଦନ ଅନୁସାରେ ନୂଆ ଟାର୍ଗେଟ ଆସିଥିଲେ କୌଣସି ସମସ୍ୟା ହୋଇନଥାନ୍ତା ।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ କୁମାର ପ୍ରହରାଜ କହିଛନ୍ତି, ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଲାଗି ଅଧିକ ୧୦ ହଜାର ୭୦୦ ହିତାଧିକାରୀଙ୍କୁ ଭତ୍ତା ଦେବାକୁ ଟାର୍ଗେଟ ଲାଗି ଚିଠି କରାଯାଇଛି । ଟାର୍ଗେଟ ମିଳିଲେ ସମସ୍ୟାର ସମାଧାନ ହେବ।

## ହବିଷ୍ୟାଳୀ ବ୍ରତ ପାଇଁ ରହଣି ବ୍ୟବସ୍ଥା : ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଶିବିରରେ ରହିବା ପାଇଁ ଅନୁମତି



**ପୁରୀ, ନ୍ୟୁଜ ବ୍ୟୁରୋ**

ଆସନ୍ତା ଅକ୍ଟୋବର ୭ ତାରିଖରୁ ପବିତ୍ର କାର୍ତ୍ତିକ ବ୍ରତ ଆରମ୍ଭ ହେବ । ଏହି ବ୍ରତ ପାଳନ କରିବା ପାଇଁ ପୁରୀକୁ ହବିଷ୍ୟାଳୀ ମାଆମାନଙ୍କ ସୁଅ ଛୁଟିବ। ଚଳିତ ବର୍ଷ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷ୍ୟାଳୀଙ୍କ ରହଣି ପାଇଁ ଶିବିର କରାଯିବ । ଆସନ୍ତା ୧୯ ତାରିଖରୁ ହବିଷ୍ୟାଳୀମାନେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ତେବେ ଚଳିତ ବର୍ଷ ୨୫୦୦ ହବିଷ୍ୟାଳୀ ମାଆମାନଙ୍କୁ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହବିଷ୍ୟାଳୀ ବ୍ରତଧାରୀଣୀମାନେ ଅଫିସିଆଲ ୱେବସାଇଟ https://edistrict.odisha.gov.inକୁ ଯାଇ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ହବିଷ୍ୟାଳୀ ଶିବିରରେ ହବିଷ୍ୟାଳୀ ମାଆମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ନିୟମାବଳୀ ଜାରି କରାଯାଇଛି । ଶାରିରୀକ ଓ ମାନସିକ ଭାବେ ସୁସ୍ଥ ଥିବା ମହିଳା ବ୍ରତଧାରୀଙ୍କୁ ଚୟନରେ ଅଗ୍ରାଧିକାର ଦିଆଯିବ । ସେହିପରି ବିଧବା ମହିଳା ଓ ନୂତନ ଆବେଦନକାରୀଙ୍କୁ ଏହି ଶିବିର ପାଇଁ ଚୟନରେ ପ୍ରାଧାନ୍ୟ ଦିଆଯିବ। କେବଳ ଅନଲାଇନ ମାଧ୍ୟମରେ ମନୋନୀତ ହୋଇଥିବା ହବିଷ୍ୟାଳୀଙ୍କୁ ରହିବାର ସୁଯୋଗ ଦିଆଯିବ। ଆବେଦନ କରିନଥିଲେ ହଠାତ୍ ଆସି ପହଞ୍ଚିଲେ ହବିଷ୍ୟାଳୀ ଶିବିରରେ ରହିବାକୁ ଅନୁମତି ଦିଆଯିବ ନାହିଁ । ସେହିପରି ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ହବିଷ୍ୟାଳୀ ଶିବିରରେ ରହିବା ପାଇଁ ଅନୁମତି ଦିଆଯିବ ନାହିଁ । ତେବେ ଅଧିକ ତଥ୍ୟ ଜାଣିବା ପାଇଁ ପୁରୀ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ଫୋନ୍ ନମ୍ବର ୯୬୯୨୭୨୦୫୯୪, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଫୋନ ନମ୍ବର ୯୪୩୭୩୦୨୬୧୮, ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନମ୍ବର ୭୭୩୫୫୧୭୪୮୨ ଏବଂ ପୁରୀ ଜିଲ୍ଲା କାର୍ଯ୍ୟାଳୟ (୦୬୭୫୨) ୨୨୨୬୬୪ ନମ୍ବରରେ ଯୋଗାଯୋଗ କରିବା ପାଇଁ ପୁରୀ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ପୁରୀରେ ମୋଟ ଚାରିଟି ସ୍ଥାନ ବୃନ୍ଦାବତି ନିବାସ, ବଗଳା ଧର୍ମଶାଳା, ପୁରୀ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଓ ଅକ୍ଷୟ ପାତ୍ର ବିଲ୍ଡିଂରେ ୨୫୦୦ ହବିଷ୍ୟାଳୀଙ୍କୁ ନେଇ ଏହି ଶିବିରର ବ୍ୟବସ୍ଥା ହୋଇଛି। ସରକାରଙ୍କ ପକ୍ଷରୁ ବିବୃତି ଜାରି କରି କୁହାଯାଇଛି, 'ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ପବିତ୍ର କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ପାଳନ କରିବା ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀ ମାଆମାନଙ୍କ ପାଇଁ ରହଣୀ, ଶ୍ରୀ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ପୁରୀ ଜିଲ୍ଲା ପ୍ରଶାସନଙ୍କ ସହାୟତାରେ କରାଯାଉଛି । ଚଳିତ ବର୍ଷ ପୁରୀରେ ହବିଷ୍ୟାଳୀ ବ୍ରତ ପାଳନ କରିବା ପାଇଁ ଆଗ୍ରହୀ ମାଆମାନେ ସେପ୍ଟେମ୍ବର ୧୯ ତାରିଖ ଦିବା ୧୦ ଘଟିକା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଲିଙ୍କ୍ https://edistrict.odisha.gov.inରେ ଆବେଦନ କରିବପାରିବେ ।'

# ଇନ୍ଦ୍ରାବତୀ ବିସ୍ଥାପିତଙ୍କ ପାଇଁ ଘୁଞ୍ଚି ଘୁଞ୍ଚି ଯାଉଛି ବିକାଶ

## ଡ୍ୟାମ ନିର୍ମାଣର ୫ ଦଶନ୍ଧି ପରେ ବି ଡଙ୍ଗା ଭରସା

**କଳାହାଣ୍ଡି, ନ୍ୟୁଜ ବ୍ୟୁରୋ**



ଅଭିଶପ୍ତ ମଣିଷଙ୍କ ଅସରନ୍ତି ଦୁଃଖ । ମୌଳିକ ସୁବିଧା ପାଇଁ ଜୀବନ ସହ ଲଢ଼େଇ । ବୁଡି ଅଞ୍ଚଳରେ ବୁଡିଛି ସ୍ୱପ୍ନ ଓ ଭବିଷ୍ୟତ । ସବୁ ଦେଲେ ହେଲେ ପାଇଲେ ନି କିଛି । ଏ ଥିଲା ଇନ୍ଦ୍ରାବତୀ ବୁଡି ଅଞ୍ଚଳବାସୀଙ୍କ ଦୁଃଖର କାହାଣୀ। ଆଦିବାସୀ ଅଧୁଷିତ କଳାହାଣ୍ଡି ଜିଲ୍ଲା । ଜିଲ୍ଲାରେ ଜଳସେଚନ ଏବଂ ବିଦ୍ୟୁତ ଉତ୍ପାଦନ ପାଇଁ ନିର୍ମାଣ ହୋଇଛି ଇନ୍ଦ୍ରାବତୀ ଜଳଭଣ୍ଡାର । ଏପରିକି ଏହି ଡ୍ୟାମ ସମଗ୍ର ଭାରତ ବର୍ଷର ସର୍ବବୃହତ ଜଳ ବିଦ୍ୟୁତ ପ୍ରକଳ୍ପ ଭାବେ ପରିଚିତ । ଡ୍ୟାମ ହେବା ଦିନରୁ ଆଜିଯାଏଁ ୪୨ ଖଣ୍ଡ ଗାଁ ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ । ସରକାରଙ୍କ ବିକାଶମୁଖୀ ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ । ଡ୍ୟାମ ନିର୍ମାଣର ୫ ଦଶନ୍ଧି ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ଏଠାକାର ବାସିନ୍ଦା । ଡ୍ୟାମ ପାଇଁ ଦୁର୍ଦ୍ଦିନରେ ଭାସୁଛନ୍ତି ହଜାର ହଜାର ବିସ୍ଥାପିତ ଓ ବୁଡି ଅଞ୍ଚଳରେ ସର୍ବଦା ବିତାଉଛନ୍ତି ଜଳବନ୍ଦୀ ଜୀବନ । ମୌଳିକ ସୁବିଧାଠୁ ଆରମ୍ଭ କରି ସାମାଜିକ ସୁରକ୍ଷା ସବୁ ଅପହଞ୍ଚ ଏଠାକାର ଗରିବ ଆଦିବାସୀଙ୍କ ପାଇଁ । ଜିଲ୍ଲାର ବଣ ପାହାଡ ଘେରା ଇନ୍ଦ୍ରାବତୀ ଜଳଭଣ୍ଡାର। ଡ୍ୟାମ ନିର୍ମାଣ ପରେ ଜିଲ୍ଲାର ୧ ଲକ୍ଷ ୨୮ ହଜାର ହେକ୍ଟର ଚାଷ ଜମିରେ ଜଳସେଚନ ସହିତ ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଛି । ହେଲେ ଦୀପ ତଳ ଅନ୍ଧାର ପରି ଏଯାଏଁ ବିକାଶକୁ ଅନେଇ ବସିଛନ୍ତି ବୁଡି ଅଞ୍ଚଳବାସୀ। ଏତିକିରେ ସରିନି ଏଠାକାର ବିସ୍ଥାପିତଙ୍କ ଦୁର୍ଦ୍ଦଶା। ବୁଡି ଅଞ୍ଚଳରେ କେତେବେଳେ ଡଙ୍ଗାବୁଡିରେ ଜୀବନ ଯାଉଛି ତ କେବେ ଡରାଉଛି ଡାଇରିଆ ଏବଂ ମ୍ୟାଲେରିଆ । ଏହା ସହ ମୌଳିକ ସମସ୍ୟାରେ ଶଢୁଛନ୍ତି ଅହରହ । ଅଞ୍ଚଳବାସୀଙ୍କ ପାଇଁ ଡଙ୍ଗା ଏକମାତ୍ର ଯାତାୟାତର ମାଧ୍ୟମ ହୋଇଥିବାବେଳେ ଏଯାଏଁ ଡଙ୍ଗାବୁଡିରେ ଗଲାଣି ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣ । ଏହାସହ ସଙ୍ଘର୍ଷମୟ ଜୀବନ ଭିତରେ ଜୀବିକା, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବିଜୁଳି ଭଳି ମୌଳିକ ସମସ୍ୟା ସହ ଏମାନଙ୍କୁ ଜୁଝିବାକୁ ପଡୁଛି। ଡ୍ୟାମର ୧୧୦ ବର୍ଗ କିମି ପ୍ରଶସ୍ତ ଜଳରାଶି ମଧ୍ୟରେ ବିଲିନ ହୋଇଯାଇଛି ଜିଲ୍ଲାର ୪ ପଞ୍ଚାୟତର ୪୨ ଗାଁ । ୨୬୩୦ ବର୍ଗ କିମି ଜଙ୍ଗଲ ପାଲଟିଯାଇଛି ବୁଡି ଅଞ୍ଚଳ । ଏପଟେ ଜଳସେଚନ, ବିଦ୍ୟୁତ ଉତ୍ପାଦନ ଏବଂ ରାଜସ୍ୱ ବୃଦ୍ଧି ଆଶାରେ ଭିଟାମାଟି ହରାଇଥିବା ବିସ୍ଥାପିତଙ୍କୁ ମିଳିଛି ସାମାନ୍ୟତମ କ୍ଷତିପୂରଣ । ଜଳବନ୍ଦୀ ଜୀବନ ବିତାଉଥିବା ଏହି ଅଭିଶପ୍ତ ମଣିଷ ମାନଙ୍କର ଏଯାବତ ମାନବ ସମ୍ବଳର ବିକାଶ ହୋଇପାରିଲା ନାହିଁ । ଯେଉଁମାନେ ଇନ୍ଦ୍ରାବତୀ ପାଇଁ ନିଜର ଜୀବନ ଜୀବିକାକୁ ତୁଚ୍ଛ କରି ସର୍ବସ୍ୱ ଅଜାଡି ନିସ୍ୱ ହୋଇଗଲେ ସେମାନଙ୍କ ହାଲଚାଲ ବୁଝିବା ବେଳକୁ ସମସ୍ତେ ପଛଘୁଞ୍ଚା ଦେଉଥିବା ଅଭିଯୋଗ ହୋଇଛି । ବିଗତ ସରକାର ସମୟରେ ଏହି ବୁଡି ଅଞ୍ଚଳବାସୀଙ୍କ ପାଇଁ ଡି ଚେପଟାଘାଟ ଠାରୁ କେ ଚେପଟା ଘାଟ ପର୍ଯ୍ୟନ୍ତ ଗୋଲାଗଡ ନଦୀରେ ପୋଲ ନିର୍ମାଣ ପାଇଁ ୫ କୋଟି ୪୪ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର ହୋଇ କାମ ଆରମ୍ଭ ହେଲା ହେଲେ କାମ କିଛି ବାଟ ଆଗେଇବା ପରେ ଭୁଲ ଡିଜାଇନ ନାଁରେ ପୋଲ ନିର୍ମାଣ କାମକୁ ବନ୍ଦ କାରିଦିଆଗଲା । କେବଳ ୪ଟି ଖୁଣ୍ଟ ନିର୍ମାଣ କରି କାମ ବନ୍ଦ କରି ଦିଆଯାଇଛି । ଯାହା ଫଳରେ ଏବେ ଇନ୍ଦ୍ରାବତୀ ଜଳଭଣ୍ଡାରରେ ବାସ କରୁଥିବା ଲୋକଙ୍କ ପକ୍କା ରାସ୍ତାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ଗମନାଗମନର ବ୍ୟବସ୍ଥା ନଥିବା କାରଣରୁ ଅନେକ ବିକାଶମୂଳକ କାର୍ଯ୍ୟ ହୋଇ ପାରୁନାହିଁ। ପିଡିଏସ ସାମଗ୍ରୀ ପାଇଁ ଡଙ୍ଗାରେ ଜୀବନକୁ ବାଜି ଲଗାଇ ଯିବାକୁ ପଡୁଛି ଆରପାରିକୁ । ଡ୍ୟାମ ନିର୍ମାଣ ପାଇଁ ସର୍ବସ୍ୱ ହରାଇ ପାହାଡ ଉପରେ ଏମାନେ ବିତାଉଛନ୍ତି ଅଭିଶପ୍ତ ଜୀବନ। ତେବେ କଣ ଏମାନଙ୍କର ନାହିଁ ମୌଳିକ ଅଧିକାର ? ସର୍ବସ୍ୱ ହାରାଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ଦୁଃଖ ବୁଝୁଛି କିଏ ? ଏମାନଙ୍କ ପାଇଁ କଣ କରୁଛନ୍ତି ପ୍ରଶାସନ ବା ସରକାର। ଲାଗୁଛି ସମୃଦ୍ଧ ଓଡିଶାରେ ଏମାନଙ୍କ ପାଇଁ ଜଳବନ୍ଦୀ ଜୀବନ ହିଁ ଶ୍ରେୟ ? ଏନେଇ ଇନ୍ଦ୍ରାବତୀ ଜଳଭଣ୍ଡାର ବାସିନ୍ଦା ବରୁଣ ନାଏକ କହିଛନ୍ତି, 'ଡଙ୍ଗା ହିଁ ଆମର ସାହା ଭରସା । ଡଙ୍ଗା ନ ଥିଲେ ଆମର କିଛି କାମ ହେବ ନାହିଁ । ପିଡ଼ିଏସ ଚାଉଳ ପାଇଁ ଆମେ ତାଳନାଗିକୁ ଡଙ୍ଗାରେ ଯିବାକୁ ପଡିବ ଅନେକ ସମୟରେ ଡଙ୍ଗା ବୁଡ଼ି ଯାଉଛି ଦେହ ଖରାପ ହେଲେ ମାରିବା ଛଡ଼ା ଆଉ କିଛି ଉପାୟ ନାହିଁ ।' ସେପଟେ ଜଳଭଣ୍ଡାର ମଧ୍ୟରେ ଥିବା ଗୋପୀନାଥପୁର ଗାଁର ମହିଳା ପ୍ରତିମା ଗୌଡ କହିଛନ୍ତି, 'ଯିବା ଆସିବା ବହୁତ କଷ୍ଟ ହେଉଛି । ଆମେ ମେଡିକାଲ ହେଉ ଅବା ବଜାର ଯାହା ଆବଶ୍ୟକ ହେଲେ ଆମକୁ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି ଆଉ ସେଥିରେ ମଧ୍ୟ ଏହି ଡଙ୍ଗା ଭୟ ଲାଗୁଥିଲେ ବି ଯିବା ଆସିବା କରିବାକୁ ପଡୁଛି । ପିଲା ଛୁଆଙ୍କୁ ଧରି ଡଙ୍ଗାରେ ଯିବାକୁ ଭୟ ଲାଗୁଛି । କାରଣ ଆମକୁ ଭବାନୀପାଟଣା ବହୁତ ଦୂର ବାଟ ହେଉଛି ତେଣୁ ଏଠାରେ ଏକ ପୋଲ୍ ନିର୍ମାଣ ହେଲେ ଆମେ ବହୁତ ସୁବିଧା ପାଇ ପାରିବୁ ।' ଜଳଭଣ୍ଡାର ମଧ୍ୟରେ ଥିବା ତେନ୍ତୁଳିପଦର ଗାଁ ବାସିନ୍ଦା ଅଭିମନ୍ୟୁ ନାଏକ କହିଛନ୍ତି, 'ଇନ୍ଦ୍ରାବତୀ ହେଲା ପରେ ଆମ ଗାଁ ବୁଡ଼ି ଅଞ୍ଚଳ ହେଲା । ସାରା କଳାହାଣ୍ଡିକୁ ପାଣି ଯୋଗାଣ ହେଲା ଓ ଧାନ ଚାଷ ହେଲା ବିଜୁଳି ମିଳିଲା, ହେଲେ ସମସ୍ତେ ଏଥିରୁ ଉପକୃତ ହେଲେ କିନ୍ତୁ ଆମ ଯେଉଁ ବିସ୍ଥାପିତ ହେଲୁ ଆମର ଭିଟା ମାଟି ହରାଇ ଆମେ କିଛି ପାଇଲୁ ନାହିଁ। ସମସ୍ତ କାମରେ ଆମେ ଡ଼ଙ୍ଗା ଉପରେ ନିର୍ଭର କରୁଛୁ କେତେବେଳେ ଦେଶୀ ଡଙ୍ଗା ତ ପୁଣି କେତେବେଳେ ମଟର ଡଙ୍ଗା ହିଁ ଭରସା। ଆମର ଏହି ଅଞ୍ଚଳ ପାଇଁ ଏକ ପୋଲ ନିର୍ମାଣ କଲେ ଆମ ବୁଡ଼ି ଅଞ୍ଚଳ ସମେତ କାଶିପୁର ଅଞ୍ଚଳକୁ ମଧ୍ୟ ଗମନାଗମନ ଠିକ୍ ଭାବରେ ହୋଇ ପାରନ୍ତା ।' ସେପଟେ ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି କହିଛନ୍ତି, 'ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳ ପାଇଁ ପଦକ୍ଷେପ ନିଆଯାଉଛି । ସେଠାରେ ରାସ୍ତା ନିର୍ମାଣ ସହ ପୋଲ ନିର୍ମାଣ ପାଇଁ ଉପରସ୍ଥ ଅଧିକାରୀମାନଙ୍କୁ ଜଣାଇଛୁ । କେମିତି ସେହି ଅଞ୍ଚଳର ଲୋକ ସୁବିଧା ଭାବରେ ଗମନାଗମନ କରି ପରିବେ ସେ ବ୍ୟବସ୍ଥା ଆମେ କରିବୁ ।'

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଅକ୍ଟୋବର ୨୦୨୫ ରବିବାର





# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନୂତନ ବସ୍‌ଷ୍ଟାଣ୍ଡ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସ୍ଥିତ ବସ୍‌ଷ୍ଟାଣ୍ଡ ଠାରେ ନୂତନ ବସ୍‌ଷ୍ଟାଣ୍ଡ ଗୃହ ନିର୍ମାଣ ପାଇଁ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓଙ୍କ ଦ୍ୱାରା ଶିଳାନ୍ୟାସ ବା ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଭିତ୍ତି ପ୍ରସ୍ତର ସ୍ଥାପନ ସମୟରେ ସାଂସଦ, ବଲାଙ୍ଗିର, ସଙ୍ଗୀତା କୁମାରୀ ସିଂହଦେଓ, ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ନାରାୟଣ ନାଏକ, ସୋନପୁର ପୌରପରିଷଦର ଅଧକ୍ଷା ତାମସି ତାମସ୍ମିତା ନାୟକ ଓ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ବେଣୁଧର ଦାଶ ଉପସ୍ଥିତ ଥିଲେ ଓ ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ମଞ୍ଚାସିନ ଥିଲେ । ଏହି ସାଧାରଣ ସଭାର ସମସ୍ତ ମଞ୍ଚାସିନ ଅତିଥି ଓ ଉପସ୍ଥିତ ଜନସାଧାରଣ ଓ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣ ମାଧମର ପ୍ରତିନିଧି ମାନଙ୍କୁ ସ୍ୱାଗତ ଜଣାଇଥିଲେ । ସାଧାରଣ ସଭାରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ସଂଗୀତା କୁମାରୀ ସିଂହ ଦେଓ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଶିଳାନ୍ୟାସ ବା ଭିତ୍ତପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଚାଳିକା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ସୁବର୍ଣ୍ଣପୁର ଜିଲ୍ଲା ଜୟଶ୍ରୀ ଲକ୍ଷ୍ମୀ, ଶୁଭ୍ରଜିତ ଦାଶ, ବ୍ଲକ ସୁପରଭାଇଜର, ରାଜ୍ୟ ସଡ଼କ ପରିବହନ ନିଗମ, ସୁବର୍ଣ୍ଣପୁର ଜିଲ୍ଲା, ଅଧିକ୍ଷଣ ଯନ୍ତ୍ରୀ, ଓଡ଼ିଶା ବ୍ରିଜ୍ ନିର୍ମାଣ ନିଗମ ସୁନା ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ସାହୁ ଓ ଅବନୀ ଶଙ୍କର ନାୟକ ଉପସ୍ଥିତ ରହି ସଭାର ଆୟୋଜନ କରିଥିଲେ । ପ୍ରଦ୍ୟୁମ୍ନ କୁମାର ସାହୁ ସାଧାରଣ ପରିଚାଳନା କରିଥିଲେ । ସଭା ଶେଷରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ମଞ୍ଚାସିନ ସମସ୍ତ ଅତିଥି, ଉପସ୍ଥିତ ଜନସାଧାରଣ ଓ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଚୌଦ୍ୱାର ଜେଲ୍‌ରୁ ୨ କଏଦୀ ଫେରାର୍:ୱାର୍ଡର ସସ୍‌ପେଣ୍ଡ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ବହୁ ସମୟରେ ଚୌଦ୍ୱାର ସର୍କଲ୍ ଜେଲ୍ ଚର୍ଚ୍ଚାରେ ରହି ଆସିଛି । କେତେବେଳେ ଜେଲ୍ ଭିତରେ କଏଦୀ ଆତ୍ମହତ୍ୟା, କଏଦୀ ମାନଙ୍କ ଭିତରେ ଗଣ୍ଡଗୋଳ, ଜେଲ୍ ଭିତରେ କଏଦୀ ମାନଙ୍କ ମୋବାଇଲ୍ ଫୋନ୍ ବ୍ୟବହାର, କୁଖ୍ୟାତ ଅପରାଧିମାନଙ୍କ ଦ୍ୱାରା ଜେଲ୍ ଭିତରେ ଥାଇ କଳାକାରନାମା ନିୟନ୍ତ୍ରଣ ଆଦି ଭଳି ଘଟଣା ଘଟୁଥିବା ବେଳେ ଜେଲ୍‌ର କଡ଼ା ସୁରକ୍ଷା ଓ ବିଶାଳ ଦେବାଲ ଡେଇଁ କଏଦୀ ଫେରାର୍ ହୋଇଯିବା ଘଟଣା ଜେଲ୍ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୁରୁବାର ବିଳମ୍ବିତ ରାତିରେ ୨ ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଯେକି ସର୍କଲ୍ ଜେଲ୍‌ରେ ସଜା କାଟୁଥିଲେ । ସେମାନେ ଜେଲ୍‌ର ଦେବାଲ ଡେଇଁ ଫେରାର୍ ହୋଇଯାଇଛନ୍ତି । ଯାହା ଏବେ





ଜେଲର ନୂଆକରି କାର୍ଯ୍ୟରେ ଯୋଗଦେଇଥିବା ଜେଲ୍ ଅଧିକ୍ଷକ ସୁଜିତ ରାଉଳ ଓ ଜେଲ୍‌ର ସନ୍ତୋଷିନୀ ଦାସଙ୍କ ନିଦ ହଜାଇ ଦେଇଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ଜେଲ୍ ପରିସରରେ ଦଶହରା ଉପଲକ୍ଷେ ସନ୍ଧ୍ୟା ସମୟରେ ଭୋଜି ଭାତର ଆୟୋଜନ କରାଯାଇଥିଲା । ତେବେ ଗତ କିଛି ମାସ ତଳେ ବିହାର ରାଜ୍ୟର ମୁଫସିଲ ଥାନା ଅଧିନ ଲୋହିଆ ନଗର ଅଞ୍ଚଳର ରାଜା ସାହାଣି ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ ଜଣ କଏଦୀ ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ମର୍ଡର କେଶରେ ଚୌଦ୍ୱାର ଜେଲ୍‌ରେ ବିଚାରଧୀନ କଏଦୀ ଭାବେ ସଜା କାଟୁଥିଲେ । ୨ ଅପରାଧୀ ଅଲଗା ଅଲଗା ହାଇ ସିକ୍ୟୁରିଟି ସେଲ୍‌ରେ ରହୁଥିବା ବେଳେ ତାଙ୍କୁ ବ୍ୟବହାର ପାଇଁ ଦିଆଯାଇଥିବା କମ୍ବଳ ଓ ପିନ୍ଧାବସ୍ତ୍ରକୁ କାଟି ଦଉଡି ବନାଇଥିଲେ । ପରେ ରହୁଥିବା ସେଲ୍‌ର ସ୍ୱେଶାଲ୍ ଗ୍ରୀଲ୍‌କୁ କାଟି ବନାଇଥିବା ଦଉଡି ଓ ବାଉଁଶ ସାହାଯ୍ୟରେ ଜେଲ୍‌ର ପାଚେରୀ ଡେଇଁ ଫେରାର୍ ହୋଇଯାଇଥିବା ଜେଲ୍ ଡିଜିଙ୍କ ସୂତ୍ରରୁ ପ୍ରକାଶ । ଅଧିକ୍ଷକ ଖବର ପାଇବା ପରେ ଜେଲ୍‌ର ଉଚ୍ଚ ପଦସ୍ଥ ଅଧିକାରୀ, ଡିସିପି ଶ୍ରୀଖିଲାରୀ ରୁଷିକେଶ ଦ୍ୟାନଦେଓ, ଚୌଦ୍ୱାର ପୋଲିସ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଅଧିକ ତଦନ୍ତ ପାଇଁ ଜେଲ୍‌କୁ ଆସି ଘଟଣାର ତଦନ୍ତ ଜାରୀ ରଖିଛନ୍ତି । ତେବେ ଏହି ଘଟଣାରେ ତୁରନ୍ତ ୨ ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡିଛି । ଜେଲ୍‌ର ସିସିଟିଭିକୁ ଯାଞ୍ଚ କରାଯିବା ସହିତ କାର୍ଯ୍ୟରେ ଅବହେଳା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜି ସୁଶାନ୍ତ କୁମାର ନାଥ ପ୍ରକାଶ କରିଛନ୍ତି । ଏହି ଭିତରେ କମିଶନରେଟ ପୋଲିସ ତରଫରୁ ଉଭୟଙ୍କ ବିଷୟରେ ସୂଚନା ଦେବାପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଜେଲ୍ ଭିତରେ ସେଲର ରଡ କାଟିବା ପାଇଁ ତାଙ୍କ ପାଖକୁ ଅସ୍ତ୍ର ଆସିଲା କିପରି ଓ ଏତେ କର୍ମଚାରୀଙ୍କ ପହରା ସତ୍ତ୍ୱେ କିଭଳି ଭାବେ କଏଦୀ ୨ ଜଣ ଫେରାର୍ ହେବାରେ ସକ୍ଷମ ହେଲେ । ଅନ୍ୟପଟେ ଗତ କିଛି ମାସ ପୂର୍ବେ ଏହି ୨ ଦୁର୍ଦ୍ଧାନ୍ତ ଅପରାଧୀ ଫେରାର୍ ହେବାପାଇଁ ଜେଲ୍ ପରିସରରେ ସିନ୍ଧି କରିବା ପାଇଁ ଯୋଜନା କରୁଥିବା ବେଳେ ପୂର୍ବତନ ଅଧିକ୍ଷକଙ୍କ ହାତରେ ଧରାପଡି ଦଣ୍ଡ ପାଇଥିଲେ । ଏହା ସତ୍ତ୍ୱେ ଏହି ଘଟଣା ଜେଲ୍ ସୁରକ୍ଷା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

# ଭିଣୋଇର ମରଣାନ୍ତକ ଆକ୍ରମଣରେ ଶଳାର ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଯାଜପୁରରୋଡ ଆଦର୍ଶ ଥାନା ଅର୍ନ୍ତଗତ ଏବଂ ବ୍ୟାସନଗର ପୌରପରିଷଦର ୨ ନମ୍ବରର ପନାସିଆ ସାହିର ଟ୍ରେନ୍ ଲାଇନ୍ କଡରେ ଶନିବାର ଭୋର୍ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି, ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଏହି ଲୋମହର୍ଷଣକାରୀ ଘଟଣା ସମଗ୍ର ବ୍ୟାସନଗର ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ଦଶହରା ପୂଜା କାଟିବା ପାଇଁ ୨ ଦିନ ତଳେ ଅର୍ଥାତ୍ ଗୁରୁବାର ମିଥୁନ ବେହେରା ନାମକ ଜଣେ ଶ୍ରମିକ ନିଜ ଗାଁ କେଉଁଝର ଜିଲ୍ଲା ରାଇସୂଆଁ ଥାନା ଅର୍ନ୍ତଗତ ଗୁହାଳୀଚଟୁଆ ଗ୍ରାମରୁ ବ୍ୟାସନଗର ସହରର ପନାସିଆରେ ରହୁଥିବା ନିଜ ବଡ଼ଭାଇ ରସିକ ବେହେରାଙ୍କ ଘରକୁ ସ୍ତ୍ରୀ ମୀତା ବେହେରା ଓ ୭-୮ ବର୍ଷର ପୁଅ ଗୁରୁକୁ ଧରି ଆସି ପହଞ୍ଚିଥିଲେ ମିଥୁନ ବେହେରା । ସେ କେବେବି ଭାବିନଥିବେ ଯେ, ତାଙ୍କର ଜୀବନ ତାଙ୍କ ହତ୍ୟାକାରୀ ଭିଣୋଇ କହ୍ନେଇ ବେହେରା ହାତରେ ଯିବ ବୋଲି ! ସୂଚନାଯୋଗ୍ୟ, ପନାସିଆ ସାହିର କୁନୁ ମହାପାତ୍ର ଟ୍ରେନ୍ ଲାଇନ୍‌କୁ ଲଗାଇ ସରକାରୀ ଜମିରେ ଏକ ଘର କରି ତାହାକୁ ବିନା ଇଲେକ୍ଟ୍ରି ସଂଯୋଗରେ ଏକ ବଖରା ଘରକୁ ମାସିକ ୬୦୦ ଟଙ୍କା ଭଡ଼ାରେ ରସିକ ବେହେରା ନାମକ ଜଣେ ନିର୍ମାଣ ଶ୍ରମିକଙ୍କୁ ଦେଇଥିଲେ । ରସିକ ଦୀର୍ଘ ପ୍ରାୟ ୧୦ ବର୍ଷ ହେଲା ଭଡ଼ାରେ ରହି ଏଣେ ତେଣେ ବିଭିନ୍ନ ରାଜମିସ୍ତ୍ରୀଙ୍କ ପାଖରେ ହେଲ୍‌ପର୍ ଭାବେ କାମ କରି ନିଜ ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ତାଙ୍କ ତଳ ଭଉଣୀ ରୀନା ବେହେରା କିଛି ବର୍ଷ ତଳେ ରାଜମିସ୍ତ୍ରୀ କହ୍ନେଇ ବେହେରାଙ୍କୁ ବିବାହ କରିଥିଲେ । କହ୍ନେଇର ନିଶାଗ୍ରସ୍ତ ଓ ଅସାମାଜିକ ଗୁଣ ପାଇଁ ରୀନା କହ୍ନେଇଙ୍କୁ ଛାଡି ଅନ୍ୟ ଜଣେ ପୁରୁଷକୁ ବିବାହ କରି ରହୁଛନ୍ତି । କହ୍ନେଇ ଏଥିରେ ଉତ୍କ୍ଷିପ୍ତ ହୋଇ ବହୁ ସମୟରେ ଆସି ରସିକର ଭଡ଼ା ଘରେ ଗଣ୍ଡଗୋଳ କରେ ଏବଂ ତୁମ ଘରୁ ଜଣକୁ ମାରିଦେବି ବୋଲି ଧମକ ମଧ୍ୟ ଦେଇଥାଏ । ବିଶେଷକରି ସବା ବଡ଼ ଶଳା ରସିକକୁ ଜୀବନରେ ମାରି ଦେବାକୁ କହିଥାଏ ବୋଲି ରସିକ 'ଉଦୟବର୍ଟ'କୁ କହିଛନ୍ତି । ରସିକର କହିବା ମୁତାବକ ରାତ୍ରୀରେ ସମସ୍ତେ ବସି ଟିଭି ଦେଖୁଥିଲେ । ହଠାତ୍ ୩ ଟାରୁ ୪ ଟା



ରାତ୍ରୀ ଅର୍ଥାତ୍ ଶନିବାର ଭୋର୍ ସମୟରେ ସ୍ତ୍ରୀ ଛାଡି ବୀରହ ଯନ୍ତ୍ରଣାରେ ନିଶା ଖାଇ ଉବୁଟୁବୁ ହେଉଥିବା କହ୍ନେଇ ଆସି ରସିକର ଘରେ ପହଞ୍ଚି ଛଳନା କରି ପ୍ରଥମେ ରସିକକୁ ବାହାରକୁ ଯାଇ ମଦ ପିଇବାକୁ ଡାକିଥିଲା । ରସିକ ଫିଲ୍ମ ଦେଖୁଛି କହି ଯିବାକୁ ମନା କରିବା ପରେ ପୂଜାରେ ବୁଲିବାକୁ ଆସିଥିବା ସାନ ଶଳା ମିଥୁନକୁ ମଦ ପିଇବାକୁ ଡାକିଥିଲା । ଏହାର ମାତ୍ର ୧୦ ମିନଟ୍ ଭିତରେ କହ୍ନେଇର ବର୍ବରତା ଆରମ୍ଭ ହୋଇଯାଇଥିଲା । ଶଳା ମିଥୁନକୁ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା । ପ୍ରଥମେ ବେକକୁ କାଟି ଦେଇଥିବା ବେଳେ ଯୌନ ଅଙ୍ଗକୁ ମଧ୍ୟ କାଟି ଦେଇଥିଲା । ମିଥୁନ କିଛି ବୁଝିବା ପୂର୍ବରୁ ଛଳନାକାରୀ ଭିଣୋଇର ଅତର୍କିତ ଆକ୍ରମଣରେ ଲହୁଲୁହାଣ ହୋଇ ଶେଷ ସଂଘର୍ଷ କରି ବଡ଼ ଭାଇର ଭଡ଼ା ଘର ଆଡକୁ ଦୌଡିଥିଲା । ପୋଲ ନିକଟରୁ ପ୍ରାଣ ବିକଳରେ ଦୌଡିବା ସମୟରେ ଦୀର୍ଘ ପ୍ରାୟ ୩୦୦-୪୦୦ ମିଟର ରାସ୍ତା ରକ୍ତ ରଞ୍ଜିତ ହୋଇଯାଇଥିଲା । ଘର କବାଡ ବାଡେଇ ମିଥୁନ ଘରକୁ ପଶିଥିବା ବେଳେ ସେଠାରେ ପଡି ତାର ଜୀବନ ଯାଇଥିଲା । ଏଭଳି ଏକ ଲୋମ ଟାଙ୍କୁରା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ରେଳବାଇ ଠିକାଦାରଙ୍କ ପାଖରେ ଡଲେଇ କାମ କରି ଟ୍ରେନ୍ ଲାଇନ୍ ଆରପଟେ ଗାନ୍ଧୀ କୁଷ୍ଠାଶ୍ରମ ନିକଟରେ ୨ ମାସ ତଳୁ ପାଲ ଟାଙ୍ଗି ରହିଥିବା ନରହନ୍ତା ଭିଣୋଇ କହ୍ନେଇ ମାରଣାସ୍ତ୍ର ସହ ଫେରାର୍ ହୋଇଯାଇଛି । ୨ ମାସ ତଳୁ ଏଠାରେ ରହି ଏଭଳି ନାରକୀୟ କାଣ୍ଡ ଘଟାଇବ ବୋଲି କହ୍ନେଇ ଯୋଜନା କରୁଥିବାର ସୁରାକ୍ ରସିକର ପରିବାର ଜାଣିପାରି ନଥିବାରୁ ଅଯଥାରେ ପୂଜା ବୁଲିବାକୁ ଆସିଥିବା ମିଥୁନର ଜୀବନ ଗଲା ବୋଲି କୁହାଯାଉଛି । ରସିକ ପୋଲିସର ନମ୍ବର ସଂଗ୍ରହ କରି ଫୋନ୍ କଲାପରେ ତତ୍କ୍ଷଣାତ୍ ଯାଜପୁରରୋଡ ପୋଲିସ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପହଞ୍ଚି ଛାନ୍ ଭିନ୍ କରୁଛି । ଘଟଣା ସମ୍ପର୍କରେ ଜାଣିବା ପାଇଁ ବହୁ ଲୋକଙ୍କ ସମାଗମ ହୋଇଛି । ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ସହିତ ଏସ.ଆଇ ମାନସ କୁମାର ସାହୁ, ଲିଙ୍ଗରାଜ ବେହେରା, ପାଣିକୋଇଲି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ରହି ଅନୁସନ୍ଧାନ ଚଳାଇଛନ୍ତି । ପୋଲିସ ପାଇଁ ମୁଖ୍ୟ ହତ୍ୟାକାରୀ ଚିହ୍ନଟ ସହଜ ହୋଇଥିବା ତା' ସହିତ ଟ୍ରେନ୍ ଲାଇନ୍ ଆରପଟୁ ଆଉ କିଏ ଆସିଛି କି ନାହିଁ ସେଥିପାଇଁ ସବୁ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନିରିଖୁଛି ପୋଲିସ । ବିଶେଷକରି ଘଟଣାସ୍ଥଳ ପାଖରେ ଚୋରାରେ ଅବାଧ ମଦ ବିକ୍ରି ହେଉଥିବା ବେଳେ ଏହି ଅଞ୍ଚଳ ନିଶା ବେପାରୀ, ଅପରାଧି ଆଦିଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି । ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ବହୁ ଅମାନୁଷିକ କାଣ୍ଡ ଘଟିଛି ଏବଂ ପନାସିଆ, ସାପଗଡ଼ିଆ ଅଞ୍ଚଳ ଏଭଳି କିଛି ଅପରାଧିଙ୍କ ପାଇଁ ଚର୍ଚ୍ଚିତ ବୋଲି କୁହାଯାଉଛି । ବଡ଼ ଭାଇ ରସିକର ଏତଲା ଅନୁସାରେ ତଦନ୍ତ ଚାଲିଛି ।

///// ଦଶହରାରେ କଳା କନା ବୁଲାଇଲେ ଚୋର /////

# ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ରୂପା ଗହଣା ଚୋରି

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ସତ୍ୟ ନଗର ପ୍ରସନ୍ନ କୁମାର ବିଶୋଇଙ୍କ ଘରେ ଭଡ଼ାରେ ରହୁଥିବା ଦୁଇ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା, ରୂପା, ଡାଇମଣ୍ଡ ଗହଣା ଓ ନଗଦ ଟଙ୍କା ସମେତ ଏକ ଲାପଟପ୍ ଗୁରୁବାର ରାତି ଚୋରି ହୋଇଥିବା ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କ୍ରମେ ନବରଙ୍ଗପୁର ଥାନାରେ କେସ୍ ନମ୍ବର ୩୮୫/୨୫ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଛି । ନବରଙ୍ଗପୁର ସତ୍ୟ ନଗର ପ୍ରସନ୍ନ କୁମାର ବିଶୋଇଙ୍କ ପ୍ରଥମ ମହଲାରେ ଦୁଇଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ଭଡ଼ାରେ ରହୁଥିଲେ । ଦଶହରା ଛୁଟି ଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛୁଟିରେ ଭଦ୍ରକ ଓ ଜଗତସିଂପୁର ଯାଇଥିଲେ । ବୁଧବାର ରାତି ପ୍ରସନ୍ନ ଓ ପରିବାର ଲୋକ ରାତିରେ ଶୋଇଥିଲେ । ପ୍ରସନ୍ନଙ୍କ ପୁଅ ଦ୍ୱିତୀୟ ମହଲାର ଏକ ରୁମ୍‌ରେ ଶୋଇଥିଲେ । ବିଳମ୍ବିତ ରାତିରେ ଚୋରମାନେ ପ୍ରସନ୍ନଙ୍କ ଘର ବାହାର ପଟେ ଗାଡା ଦେଇଦେଲେ । ଗୁରୁବାର ସକାଳୁ ପ୍ରସନ୍ନଙ୍କ ସ୍ତ୍ରୀ କବାଟ ଖୋଲିବା ବେଳକୁ ବାହାରେ ଗାଡ଼ା ପଡ଼ିଥିବା ଜାଣିବାକୁ ପାଇଥିଲେ । ପୁଅକୁ ଫୋନ୍ କରିବାରୁ ସେ ତଳକୁ ଆସି କବାଟ ଗାଡ଼ା ଖୋଲିଲେ ଓ ଭଡ଼ାଘର କବାଟ ଖୋଲାଥିବା ବାପାଙ୍କୁ କହିଲେ । ଏହାକୁ ନେଇ ପ୍ରସନ୍ନ ଉପରକୁ ଆସି ଦେଖିଲେ ଭଡ଼ା ଘରେ ଚୋରି ହୋଇଛି । ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସୂଚନା ଦେବା ସହିତ ନବରଙ୍ଗପୁର ଥାନା ପୋଲିସକୁ ଜଣାଇଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହିତ ଭଡ଼ା ଘର କେହିନଥିବାରୁ ତାଲା ପକାଇଥିଲେ । ଶୁକ୍ରବାର ଏଲିନା ନବରଙ୍ଗପୁର ପହଞ୍ଚି ଥାନାରେ ଏତଲା ଦେଇଥିଲେ । ପୋଲିସ ଏହାକୁ ନେଇ ଏକ ମାମଲା ରୁଜୁ କରିବା ସହିତ ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ଶିକ୍ଷୟିତ୍ରୀ ଏଲିନା ରାୟ ଓ ଏଲୋରା ରାୟ ଦୁଇଜଣ ଜାଆଁଳା ଭଉଣୀ । ଗୋଟିଏ ଭଡ଼ା ଘରେ ଦୁଇଜଣ ଅଲଗା ରୁମ୍‌ରେ ରହୁଥିଲେ । ମନୋରଞ୍ଜନ ନାଥ ଆଉ ଏକ ଘରେ ଭଡ଼ାରେ ରହୁଥିଲେ । ଏଲିନାଙ୍କ ସୁନା ଚେନ୍, ଲକେଟ୍, ରୂପା ପାଉଁଜି, ସୁନା ଶଙ୍ଖା, ୨୦ ହଜାର ଟଙ୍କା ଚୋରି ହୋଇଛି । ଏହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଏକ ହଜାର ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି । ସେହିଭଳି ଏଲୋରାଙ୍କ ସୁନା ଶଙ୍ଖା, ଡାଇମଣ୍ଡ ରିଙ୍ଗ, ମଙ୍ଗଳ ସୂତ୍ର, ଚେନ୍, ତିନୋଟି ଲକେଟ୍, ୪ ହଳ କାନଫୁଲ, ସୁନା ମୁଦି ଓ ରୂପା ଗିନା ଆଦି ଚୋରି ହୋଇଛି । ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ୭୮ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି । ତେବେ ଶିକ୍ଷକ ମନରଞ୍ଜନଙ୍କ ଘରୁ ସୁନା ମୁଦି, ରୂପା ପାଉଁଜି ୫ ହଳ, ୧୫ ହଜାର ଟଙ୍କା ଓ ଗୋଟିଏ ଲାପଟପ୍ ଚୋରି ହୋଇଛି । ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ହେବ ବୋଲି ଅଭିଯୋଗ ହୋଇଛି । ମନୋରଞ୍ଜନ ଫେରି ନଥିବାରୁ ତାଙ୍କ ଅଭିଯୋଗ ନଥିବାରୁ ପୋଲିସ ମାମଲା ରୁଜୁ କରିପାରିନାହିଁ ।

# ଟ୍ରେନ୍ ଲାଇନ୍‌ରେ କଟି ୨ଯୁବକଙ୍କର ମୃତ୍ୟୁ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ଼ ରେଳ ଷ୍ଟେସନ୍‌ର ଅହମ୍ମଦ ନଗର ନିକଟସ୍ଥ ଟ୍ରେନ୍ ଲାଇନ୍‌ରେ ଗତ ରାତିରେ ଜଣେ ଯୁବକଟି ମୃତ୍ୟୁ ହୋଇଥିବାର ଜଣାପଡିଛି । ଘଟଣା ସ୍ଥଳରେ ଜିଆର୍‌ପି ପୋଲିସର ତଦନ୍ତ ଜାରୀ । ସୂଚନା ମୁତାବକ ଗତ ରାତିରେ ଜଣେ ୨୨ ବର୍ଷ ବୟସ୍କ ଯୁବକ ଅହମ୍ମଦ ନଗର ବାଇପାସ୍ ଓଭର୍ ବ୍ରିଜ୍ ତଳେ କୌଣସି ଅଜଣା ଚଳନ୍ତା ରେଳଗାଡ଼ି ତଳେ ଶୋଇ ଆତ୍ମହତ୍ୟା କରିଛନ୍ତି । ସୂଚନା ମୁତାବକ କେନ୍ଦୁଝର ଜିଲ୍ଲାର ବେଲ ବାହାଲୀ ଅଞ୍ଚଳର ପ୍ରଦୀପ ସାହୁଙ୍କ ପୁଅ ପ୍ରତିଶ କୁମାର ସାହୁ ବୋଲି ଜଣାପଡିଛି । ପ୍ରତିଶ କୌଣସି କାରଣରୁ ଘରୁ ରାଗିକି ପଳେଇ ଆସିଥିଲେ । ସେ ରାଞ୍ଚି ଯାଉଥିବା ସୂଚନା ମିଳିଥିଲା କିନ୍ତୁ ରାତି ଅଧରେ ଯାଜପୁର ରୋଡ଼ ରେଳ ଷ୍ଟେସନ୍‌ରେ ଓହ୍ଲାଇ ଥିଲେ ଏବଂ ରେଳ ଷ୍ଟେସନ୍ ନିକଟ ଓଭର୍ ବ୍ରିଜ୍ ତଳେ ଏକ ଟ୍ରେନ୍ ଆସୁଥିବା ସମୟରେ ଟ୍ରେନ୍ ଲାଇନ୍‌ରେ ଶୋଇ ପଡ଼ିଥିଲେ । ଫଳରେ ଯୁବକ ପ୍ରତିଶଙ୍କର ଶରୀର ଖଣ୍ଡ ବିଖଣ୍ଡିତ ହୋଇ ମୃତ୍ୟୁ ବରଣ କରିଥିଲେ । ତେବେ ସକାଳୁ ରେଳବାଇ ଜି.ଆର.ପି ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲା ଏବଂ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଅନ୍ୟପଟେ ଭଦ୍ରକ ରେଳବାଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା କେସ୍ ନଂ ୬୮/୨୦୨୫ରେ ପଞ୍ଜୀକୃତ କରି ତଦନ୍ତ ଜାରି ରହିଛି ବୋଲି ରେଳବାଇ ଥାନାଧିକାରୀ ସୁଶାନ୍ତ କୁମାର ସେଠି ସୂଚନା ଦେଇଛନ୍ତି ।

# ଗାନ୍ଧିଜୀଙ୍କ ସ୍ୱଦେଶୀ ଆହ୍ୱାନର ପ୍ରାସଙ୍ଗିକତା ଏବେ ବୃଦ୍ଧି ପାଇବାରେ ଲାଗିଛି: ଜିଲ୍ଲାପାଳ

**କଟକ, ନ୍ୟୁଜ୍ ବ୍ୟୁରୋ**



ଐତିହାସିକ ଗାନ୍ଧି ସ୍ମୃତି ପୀଠ, ତେଲେଙ୍ଗାପେଣ୍ଠ ଠାରେ ଜିଲ୍ଲା ପ୍ରଶାସନ ଏବଂ କଟକ ମହାନଗର ନିଗମ ମିଳିତ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା କଟକ ଜିଲ୍ଲାସ୍ତରୀୟ ୧୫୬ତମ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସତ୍ୟ, ଅହିଂସା, ଧୈର୍ଯ୍ୟ ଓ ସତ୍ ମାର୍ଗ ଅବଲମ୍ବନ କରି ଗାନ୍ଧିଜୀ ଭାରତର ସ୍ୱାଧିନତା ହାସଲ କରିଥିଲେ । ଗାନ୍ଧୀ ଜୟନ୍ତୀ କେବଳ ଏକ ସ୍ମୃତିଚାରଣର ଦିବସ ନୁହେଁ, ଏହା ହେଉଛି ଗାନ୍ଧୀଜୀଙ୍କ ମୂଲ୍ୟବୋଧ ଅହିଂସା, ସତ୍ୟ, ସ୍ୱଚ୍ଛତା ଓ ସେବା ପ୍ରତି ଆମ ଦୃଢ଼ ପ୍ରତିବଦ୍ଧତାର ପ୍ରତୀକ । ଗାନ୍ଧିବାଦକୁ ନିଜ ଜୀବନରେ ଆପଣେଇବା, ପରିବେଶ ସୁରକ୍ଷିତ ରଖିବା, ସ୍ୱଚ୍ଛତାକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ଆଦି ଉପରେ ଗୁରୁତ୍ୱ ଆରୋପ କରିବା ସହ ମହାତ୍ମାଗାନ୍ଧୀଙ୍କ ଆଦର୍ଶକୁ ଆମେ ନିଜ ଜୀବନରେ ପାଳନ କରି ଦେଶର ପ୍ରଗତି ପଥରେ ସହଭାଗୀ ହେବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଆହ୍ୱାନ ଦେଇଥିଲେ । ଏଥିସହ ଗାନ୍ଧିଜୀଙ୍କ ସ୍ୱଦେଶୀ ଆହ୍ୱାନର ପ୍ରାସଙ୍ଗିକତା ଏବେ ବୃଦ୍ଧି ପାଇବାରେ ଲାଗୁଥିବା ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ଏକ ସର୍ବଧର୍ମ ପ୍ରାର୍ଥନାସଭା ଅନୁଷ୍ଠିତ ହୋଇଥିଲା । ଶୁକଦେବ ସ୍ୱାଇଁ ଗୀତା ପାଠ କରିଥିବାବେଳେ ସନ୍ଦୀପ ନାୟକ ବାଇବେଲ ଏବଂ ତାଜ ଉଦ୍ଦିନ ଖାନ କୋରାନ ପାଠ କରିଥିଲେ । ଉକ୍ତ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତେଲେଙ୍ଗାପେଣ୍ଠ ଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଜୟନ୍ତୀ ଉତ୍ସବ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବାନୀ ଶଙ୍କର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କଟକ ସଦର ବିଧାୟକଙ୍କ ପ୍ରତିନିଧି ସ୍ୱାଧୀନ ଚନ୍ଦ୍ର ମହାନ୍ତି ଯୋଗଦେଇ ଗାନ୍ଧୀସ୍ମୃତି ପୀଠର ମାହାତ୍ମ୍ୟ, ଗୁରୁତ୍ୱ ତଥା ଉନ୍ନତିକରଣ ଉପରେ ବକ୍ତବ୍ୟ ରଖିଥିଲେ । କଟକ ମହାନଗର ନିଗମ ୫୯ ନମ୍ବର ୱାର୍ଡ କର୍ପୋରେଟର ମମତା ମହାନ୍ତି, କଟକ ମହାନଗର ନିଗମ ସହକାରୀ ଆୟୁକ୍ତ ତ୍ରିନାଥ ବେହେରା, ଭାରତୀୟ ଜନତା ପାର୍ଟି ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କଟକ ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବ୍ରାଉନ୍‌ସୁଗାର କବଳରେ ଯୁବପିଢ଼ି:ପରିତ୍ୟକ୍ତ ଗୃହ ଓ ନଦୀ ବନ୍ଧ ପାଲଟିଛି ଆଡ୍ଡାସ୍ଥଳୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ଅଞ୍ଚଳରେ ମାରାତ୍ମକ ନିଶା କୁହାଯାଉଥିବା ବ୍ରାଉନ୍‌ସୁଗାର କବଳରେ ଏବେ ଯୁବପିଢ଼ି କବଳିତ ହୋଇପଡିଛନ୍ତି । ଶିକ୍ଷିତ ଅଶିକ୍ଷିତ ବେକାର ଯୁବଗୋଷ୍ଠୀ ଏବଂ ଛାତ୍ରମାନେ ବ୍ରାଉନ୍‌ସୁଗାର ମାୟାରେ ପଡ଼ି ପଥଭ୍ରଷ୍ଟ ହେଉଥିବା ଦେଖିବାକୁ ମିଳୁଛି । ପରିତ୍ୟକ୍ତ ଘର, ନିଛାଟିଆ ସ୍ଥାନ ଏବଂ ନଦୀ ବନ୍ଧ ଏବେ ବ୍ରାଉନ୍‌ସୁଗାର କାରବାର ତଥା ସେବନର ନିରାପଦ ଆଡ୍ଡା ପାଲଟିଛି । ଧାମନଗର ବ୍ଲକର ପ୍ରାୟ ସବୁ ଅଞ୍ଚଳରେ ବ୍ରାଉନ୍‌ସୁଗାର ବେପାର ମାଡ଼ି ଗଲାଣି । ଧାମନଗର ସଦର ସମେତ ଅସୁରାଳି, ଉଚ୍ଚପଦା, କଲ୍ୟାଣୀ, ଦୋବଲ, କୋଠାର, ସହିଦ ନଗର, ସରପୁର ଛକ, ଧୂଷୁରୀ, କୋରୁଆ, ବେତାଳିଗାଁ, ପାୟାସାହି, ଆନନ୍ଦପୁର, ଗୋରାଙ୍ଗପୁର ଆଦି ଅଞ୍ଚଳରେ ଧଳା ଜହର ବେପାର ଅନାୟାସରେ ଚାଲୁଥିବା ଜଣାପଡିଛି । ହାତୀଡ଼ିହ ନିକଟ ସିଦ୍ଧେଶ୍ୱର ପୋଲ ଏବଂ ଗୋରାଙ୍ଗପୁର ପୋଲ ସମେତ ବୈତରଣୀ ଓ ଗେଙ୍ଗୁଟି ନଦୀର ବନ୍ଧର ଏକାଧିକ ସ୍ଥାନରେ ସଞ୍ଜ ପରେ ନିଶାଖୋରଙ୍କ ଭିଡ଼ ଜମୁଛି । ଯାଜପୁର ଅଞ୍ଚଳରୁ କିଛି ଯୁବକ ଆସି ଏଠାରେ ଏହି କାରବାର ଚଳାଉଛନ୍ତି । ସେହିପରି ଭଦ୍ରକ-ଆରଡ଼ି ମୁଖ୍ୟ ସଡ଼କ ପାର୍ଶ୍ୱସ୍ଥ ଆନନ୍ଦ ବଜାର, ସରପୁର ଛକରେ ଥିବା ପୁରୁଣା ଫ୍ୟାକ୍ଟ୍ରି, କେନାଲ ରାସ୍ତା ଏହାର ଆଡ୍ଡା ପାଲଟିଛି । ଅନ୍ୟପକ୍ଷରେ ଅବଶିଷ୍ଟ ଅଞ୍ଚଳରେ ଥିବା ଏକାଧିକ ପୁରୁଣା ପରିତ୍ୟକ୍ତ ଘର, ନିଛାଟିଆ ରାସ୍ତା ସାଙ୍ଗକୁ ଦୋକାନ ପାଖରେ ବ୍ରାଉନ୍‌ସୁଗାର ଅବାଧରେ ଚାଲୁଛି । ଏହି ବେପାର ଏମିତି କାୟା ବିସ୍ତାର କରିଛି ଯେ ଛକ ବଜାର ଆଦିର ପରିବେଶ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଗଲାଣି । ୫/୭ ଯୁବକ ଏକତ୍ର ହୋଇ ବ୍ରାଉନ୍‌ସୁଗାର ଖାଇବା ସଙ୍ଗେ ସଙ୍ଗେ ନିତି ନିତି ନୂଆ ଯୁବକ ଏବଂ ଅଳ୍ପ ବୟସର ଛାତ୍ରଙ୍କୁ ଏଥିରେ ଅଭ୍ୟସ୍ତ କରୁଛନ୍ତି । ଦୈନିକ ବ୍ରାଉନ୍‌ସୁଗାର ଖାଇବା ପାଇଁ ଅଧିକ ଅର୍ଥର ଆବଶ୍ୟକ ହେଉଥିବାରୁ ପଥ ଭ୍ରଷ୍ଟ ଯୁବକ ଛାତ୍ରମାନେ ଘରୁ ଚୋରି କରିବା ସହ ବିଭିନ୍ନ ସ୍ଥାନରୁ ଚୋରି କରୁଥିବା ଜଣାପଡିଛି । କେବଳ ଧଳା ଜହର ପାଇଁ ଧାମନଗର ଏବଂ ଧୂଷୁରୀ ଥାନା ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବୃଦ୍ଧି ପାଇଛି । ନିଶା ଖାଇବା ଦ୍ୱାରା ଅନେକ ଛାତ୍ର ଯୁବକଙ୍କ କ୍ୟାରିଅର ନଷ୍ଟ ହେବା ସହ ସେମାନଙ୍କ ପରିବାର ଦୋହଲି ଯାଉଥିବା ଦେଖିବା ପାଇଁ ମିଳୁଛି । ନିଶା ପାଇଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଭଦ୍ରକ ଏବଂ ଯାଜପୁରରୁ ଦୈନିକ ଏହି ନିଶା ଦ୍ରବ୍ୟ ଆସୁଥିବା ବେଳେ ନିର୍ଦ୍ଦିଷ୍ଟ ଦଲାଲ ମାନେ ବେପାରକୁ ନିୟନ୍ତ୍ରଣ କରୁଛନ୍ତି । ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ କରାଗଲେ ବେଆଇନ୍ ନିଶା କାରବାରର ଚେର କେତେ ଗଭୀରକୁ ଯାଇଛି ଜଣାପଡିବ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୫।୧୦।୨୦୨୫, ଆଶ୍ୱିନ ଦି୧୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୮।୨୮ ଚନ୍ଦ୍ରୋଦୟ- ଦିଘ ୪।୧୫।୦୩**

**ତ୍ରୟୋଦଶୀ-** ଦିଘ ୩।୦୪ ପର୍ଯ୍ୟନ୍ତ । **ଶତଭିଷା ନକ୍ଷତ୍ର-** ଦିଘ ୮।୦୧ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ରାଘ ୧୨।୪୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧୨।୪୪ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୧୨।୪୪ ଗତେ ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୩।୦୪ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୯ ଗତେ ଘ ୮।୫୦ ମଧ୍ୟେ । ଦିଘ ୧।୦୩ ଗତେ ଘ ୩।୦୭ ମଧ୍ୟେ ।



**ମେଷ:** ମନରେ ସରସତା ଆସିବ । କାର୍ଯ୍ୟ ପ୍ରାପ୍ତି । ଆୟରେ ଅଗ୍ରଗତି । ପରିବାରରେ ଆନନ୍ଦ ମିଳିବ । ଦୂରଯାତ୍ରା କରିବାକୁ ପଡ଼ିପାରେ । ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିପାରେ । ଦେହ ଓ ମନ ଭଲ ରହିବ ।



**ବୃଷ:** ସୁଖ ସମ୍ମାନ ପାଇବେ । କାମ ଗୁଡ଼ିକ ସୁରୁଖୁରୁରେ ସମ୍ପାଦନ ହେବ । ସମାଜ ସେବା ପ୍ରତି ମନ ବଳାଇବେ । ପରିବହନ ସମସ୍ୟା ଦୂର ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମିଥୁନ:** ଆଜି ଦିନଟି ଭଲରେ କଟିବ ନାହିଁ । ଦୂରଯାତ୍ରା କରି ସତର୍କତା ଅବଲମ୍ବନ କରିବେ । ମାନହାନୀ ଓ ଧନହାନୀର ଆଶଙ୍କା । ଅନ୍ୟମନସ୍କ ରହିବେ । ଶୁଭ କାର୍ଯ୍ୟରେ ଯୋଗ ଦେବେ । ଘରେ କଳହ ସୃଷ୍ଟି ।



**କର୍କଟ:** ପାରିବାରିକ ଅଶାନ୍ତି । ଖାଦ୍ୟ ପେୟରେ ଅନିୟମିତତା । ଏଣୁ ଦେହ କଷ୍ଟ ଭୋଗିବାର ସୂଚନା । ଆୟ ମଧ୍ୟମ ହେବ । ଗୃହସଜା ପ୍ରତି ଆଗ୍ରହ ବଢ଼ିପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ବୃଦ୍ଧି ପାଇବେ । ସହକର୍ମୀ ମାନଙ୍କ ସହଯୋଗରେ ଉନ୍ନତି । ଆଦର ସମ୍ମାନ ଲାଭ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ସତ କଥା କହି ବିରୋଧୀ ହେବାର ଆଶଙ୍କା ।



**କନ୍ୟା:** ନିର୍ଭୟରେ ସବୁ କାମ କରି ଜୟଯୁକ୍ତ ହେବେ । ଶତ୍ରୁ ଆପେ ଆପେ ହାର ମାନିବେ । ଆୟ ଓ ବ୍ୟୟ ସମାନ ରହିବ । ସୁଖ ଭ୍ରମଣ ଯୋଗ ରହୁଛି । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଯାହା କହିବାର ଅଛି ବୁଝି ବିଚାରି କରନ୍ତୁ । ଅନ୍ୟଥା ବିପଦ । ନୀରବ ଚିନ୍ତା ଆପଣଙ୍କ ପାଇଁ ଶ୍ରେୟସ୍କର । ରୋଜଗାର ମଧ୍ୟମ ହେବ । ଗୃହେ ବନ୍ଧୁ ମିଳନର ସୂଚନା । ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର ରହିବ ।



**ବିଛା:** କର୍ମକ୍ଷେତ୍ରରେ ଅଶାନ୍ତି । ପର ପାଇଁ ନିଜର ପରିଶ୍ରମ ବୃଦ୍ଧି । ଦୂରଯାତ୍ରା କରି ନିରାଶ ହେବେ । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବ । ମାନସିକ ଅସ୍ଥିରତା ଦେଖାଦେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ ।



**ଧନୁ:** ପରିବାରରେ ଆନନ୍ଦ । ଭୋଜନେ ତୃପ୍ତି ଲାଭ ହେବ । କାର୍ଯ୍ୟକ୍ଷେତ୍ରରେ ଉତ୍ସାହିତ ହୋଇ ଉନ୍ନତି ସାଧନ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା । ମହିଳାମାନେ ଗର୍ବୀ ହେବେ ।



**ମକର:** ବୁଝି ବିଚାରି କାର୍ଯ୍ୟକ୍ରମ ହାତକୁ ନେଲେ ଭଲ । ପରସ୍ପର ବୁଝାମଣା ଦ୍ୱାରା କାର୍ଯ୍ୟ ପ୍ରାପ୍ତି । ସୁପରାମର୍ଶ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**କୁମ୍ଭ:** ବିଭିନ୍ନ ଦିଗରୁ ସୌଜନ୍ୟତା ଲାଭ କରିବେ । ଆଦର ସମ୍ମାନ ମିଳିବ । ସାର୍ବଜନୀନ କାର୍ଯ୍ୟ କରିପାରନ୍ତି । ଆୟ ଅପେକ୍ଷା ବ୍ୟୟ ବୃଦ୍ଧି । ଗୃହେ ଆନନ୍ଦ । ସହଯୋଗୀଙ୍କ ସହଯୋଗ ପ୍ରାପ୍ତ ହେବ । ମନ ଭଲ ରହିବ ।



**ମୀନ:** ପ୍ରତ୍ୟେକ କାର୍ଯ୍ୟରେ ବାଧା ଆସିବ । ମନରେ ଅଶାନ୍ତି ଲାଗି ରହିବ । ବନ୍ଦୀରେ ରହିବା ପରି ଅନୁଭବ କରିବେ । ସମ୍ମାନ ଲାଭ ହେବ । ରୋଜଗାରରେ ଉନ୍ନତି ହେବ । ପରିବାରରେ ଖୁସି ଲାଭ ହେବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୬।୧୦।୨୦୨୫, ଆଶ୍ୱିନ ଦି୨୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୮।୪୪ ଚନ୍ଦ୍ରୋଦୟ- ଦିଘ ୪।୫୪।୧୨**

**ଚତୁର୍ଦ୍ଦଶୀ-** ଦିଘ ୧୨।୨୪ ପର୍ଯ୍ୟନ୍ତ । **ପୂର୍ବଭାଦ୍ର ନକ୍ଷତ୍ର ଗତେ ଉତ୍ତର ଭାଦ୍ର କ୍ଷୟ, ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦିଷ୍ଟ ଏବଂ ପୂର୍ଣ୍ଣିମାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୨।୨୪ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୨ ଗତେ ଘ ୭।୧୦ ମଧ୍ୟେ । ଦିଘ ୮।୫୦ ଗତେ ଘ ୧୧।୧୧ ମଧ୍ୟେ । **ପର୍ବୋତ୍ସବ-** କୁମାର ପୂର୍ଣ୍ଣିମା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା, ଇନ୍ଦ୍ର ଐରାବତ ପୂଜା, ଅକ୍ଷକ୍ରୀଡ଼ା, ଜହ୍ନି ଓଷା ସମାପ୍ତ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ବଡ଼ ସମସ୍ୟା

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# ସବୁ ନାରୀ ଦୁର୍ଗା ନୁହନ୍ତି

ଡ଼.ମନୋଜ କୁମାର ମହାନ୍ତି
ଅଧ୍ୟାପକ ଦର୍ଶନ ବିଭାଗ,
ବି.ଏନ. ଏମ.ଏ
ମହାବିଦ୍ୟାଳୟ,
ଭଦ୍ରକ,
୮୮୯୫୩୪୧୦୩୩

ଆଶ୍ୱିନ ମାସରେ ପାର୍ବଣ ଋତୁରେ ନାରୀଶକ୍ତିର ପ୍ରତୀକ ଦେବୀଦୁର୍ଗାଙ୍କର ଶାରଦୀୟ ପୂଜା ଭାରତର କୋଣ ଅନୁକୋଣରେ ପାଳିତ ହେଉଛି। ପୁରୁଷ ଶକ୍ତିର ପରାଜୟ ପରେ ନାରୀଶକ୍ତିକୁ ଶେଷ ବିକଳ୍ପଭାବେ ଗ୍ରହଣକରି ଦୈତମାନଙ୍କର ବିନାଶକରି ନାରୀକୁ ସୃଷ୍ଟିର ଶ୍ରେଷ୍ଠଶକ୍ତି ରୂପେ ଅଭିହିତ କରାଗଲା। ସୃଷ୍ଟିର ଦୁଇଟି ଶ୍ରେଷ୍ଠ ଅମୁଲ୍ୟରତ୍ନ ଭାବେ ନାରୀ ଓ ପୁରୁଷ ଯୁଗେଯୁଗେ ସଂସାରକୁ ସେମାନଙ୍କର ଯୋଗଦାନ ଦେଇଆସିଛନ୍ତି। ସୃଷ୍ଟିଚକ୍ରକୁ ପୃଥିବୀ ପୃଷ୍ଠରେ ଧାରଣକରି ତାକୁ ଆଗେଇ ନେବା ଲକ୍ଷ୍ୟରେ ଶାରୀରିକ ଦୃଷ୍ଟିକୋଣରୁ ନାରୀ ଓ ପୁରୁଷକୁ ଅଲଗା କରି ସୃଷ୍ଟି କରାଯାଇଥିଲା। ଯାହାଦ୍ୱାରା ପୁନଶ୍ଚ ଦୁଇଟି ଶରୀରର ମିଳନରେ ସୃଷ୍ଟିହେବ ନୂଆ ମଣିଷ ଗଛଟିଏ। ସୃଷ୍ଟିକୁ ରକ୍ଷାକରିବା ପାଇଁ ମଣିଷ ଜାତିର ଆବଶ୍ୟକତାକୁ ଅନୁଭବ କରି ସୃଷ୍ଟିକର୍ତ୍ତା ମଣିଷକୁ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀଭାବେ ଅଧିଷ୍ଠିତ କଲେ। ଶରୀରର ଭିନ୍ନଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସହ ପଞ୍ଚ ଇନ୍ଦ୍ରିୟ ଓ ଉନ୍ନତ ମସ୍ତିଷ୍କ ଦେଇ ମାନବ ଧର୍ମ ପାଳନ କରିବାକୁ ସୁଯୋଗ ଦେଲେ। କିନ୍ତୁ ସମୟଚକ୍ରରେ ମଣିଷ ଜାତିର ଉଚ୍ଚାରଣ ଓ ଆଚରଣରେ ଭିନ୍ନତା ପରିଲକ୍ଷିତ ହେବାରେ ଲାଗିଛି।

ଶାରୀରିକ ସବଳ ଭାବେ ନିଜକୁ ପ୍ରମାଣିତ କରି ପୁରୁଷ ସମାଜ ନାରୀଜାତିକୁ ଧୀରେଧୀରେ ଦମନ କରିବାରେ ଲାଗିଲା। ଦମନ କରୁକରୁ ନାରୀ ନିର୍ଯାତନାର ସୂତ୍ରପାତ ହେଲା। ନାରୀ ନିର୍ଯାତନାର ମୂଳଲକ୍ଷ୍ୟ ଯୌନ ନିର୍ଯାତନା ଓ ଶୋଷଣ। ଧିରେଧିରେ ନାରୀ ପାଲଟିଗଲା ଉପଭୋଗର ଶ୍ରେଷ୍ଠ ସାମଗ୍ରୀ। ଏଠି ସେଠି ସବୁଠି ସେଇ ଲୋଲୁପ ଦୃଷ୍ଟି ନିକ୍ଷେପ ନାରୀ ଉପରେ। ଘରଠୁ ବଜାର ସବୁ ଗଳିରେ ତା ଉପରେ ନଜର। ସବୁଠି ଖାଲି କାମନାର ଆଖି ମେଲେଇ ଚାହିଁ ରହୁଛନ୍ତି ଯୌନ ପିପାସୁମାନେ। ସତରେ ନାରୀ ଦେହ ରହସ୍ୟମୟ ନା ଏ ପୁରୁଷ ସମାଜ ତାକୁ ରହସ୍ୟମୟ କରିଦେଇଛନ୍ତି ? ତା ପାଇଁ କିଏ ଗୀତ ଲେଖୁଛି, କିଏ ଗୀତ ଗାଉଛି। କେହି ପ୍ରେମର ସୌଧ ନିର୍ମାଣ କରି ଅମର ପ୍ରେମର କାହାଣୀ ରଚୁଛି। କିଏ କହୁଛି ଫଟଫଟି ଆରେ ତୋତେ ବୁଲେଇନେବି ଖପରାଖୋଲ, ତ ପୁଣି କିଏ କହୁଛି ଆ କରିବା ଠିଆପାଲା। ଏ ସବୁ ପଛରେ ଯୌନ ବ୍ୟାକୁଳତା ହିଁ ଲୁଚି ରହିଛି।

୨୦୦୫ରେ ବିଧିବଦ୍ଧ ଭାବେ ସରକାର ଦ୍ୱାରା ନାରୀ ସୁରକ୍ଷା କାନୁନ ବ୍ୟବସ୍ଥାର ପ୍ରଣୟନ ସହ କାର୍ଯ୍ୟକାରୀ ହେଲା। ସମସ୍ତ ଘରୋଇ ନିର୍ଯାତନାରୁ ନାରୀକୁ ରକ୍ଷା ନିମନ୍ତେ ତାହା ଉଦ୍ଦିଷ୍ଟ ଥିଲା। ପୁନଶ୍ଚ ୨୦୧୩ରେ କର୍ମକ୍ଷେତ୍ରରେ ଯୌନ ଶୋଷଣ ଓ ନିର୍ଯାତନାର ନିଷେଧ, ପ୍ରତିକାର ଓ ସୁରକ୍ଷା ଆଇନକୁ କାର୍ଯ୍ୟକାରୀ ସହ ତାକୁ ବିଭିନ୍ନ କର୍ମକ୍ଷେତ୍ରରେ ମଧ୍ୟ ଲାଗୁକରାଯାଇଛି। କିଛି ବ୍ୟକ୍ତି ମଧ୍ୟ ଦଣ୍ଡିତ ହୋଇଛନ୍ତି। କିନ୍ତୁ ଯୌନ ନିର୍ଯାତନା ରୋକିବାରେ ନାମ ଧରୁନି। ପ୍ରତ୍ୟେକ ଦିନ ଯୌନ ନିର୍ଯାତନାର ଶିକାର ହେଉଛନ୍ତି କିଛି ନିରୀହ ନାରୀ। କେଉଁଠି ବଳାତ୍କାର, ତ କେଉଁଠି ବଳାତ୍କାର ପାଇଁ ଉଦ୍ୟମ। ଯୌନଶୋଷଣ, ପୁଣି ଯୌନଉତ୍ପୀଡନ ପୁରୁଷ ସମାଜର ଚିରାଚରିତ ଅଭ୍ୟାସ ପାଲଟିଗଲାଣି। ଥାନାରୁ କୋର୍ଟ କଚେରୀ ମହିଳା କମିଶନ ପର୍ଯ୍ୟନ୍ତ ଗୋଟେ ସମସ୍ୟାର ସମାଧାନ ନ ସରୁଣୁ ପୁଣି ଆଉ ଗୋଟେ ସମସ୍ୟା। ଶହଶହ ଫାଇଲ ଭିତରେ ଧରାଶାୟୀ ହୁଅନ୍ତି କିଛି ଅପ୍ରାପ୍ତ ବୟସ୍କ ବାଳିକା ଓ ପ୍ରାପ୍ତ ବୟସ୍କ ନାରୀମାନେ। ସ୍ୱାଧୀନତା ପରେ ଜାତିରପିତା ଗାନ୍ଧୀଙ୍କ ସ୍ୱପ୍ନଥିଲା ରାମରାଜ୍ୟ ପ୍ରତିଷ୍ଠା କରି ସମାଜର ସମସ୍ତ ବର୍ଗର ଲୋକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରିବା। ବିଶେଷକରି ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଗୋଟେ ନାରୀକୁ ସ୍ୱାଧୀନ ଭାବେ ସୁରକ୍ଷା ଓ ସଶକ୍ତପାଇଁ ଆଶାପୋଷଣ କରିଥିଲେ। ନାରୀ ସଶକ୍ତିକରଣ ସହ ନାରୀ ସୁରକ୍ଷା ଆଳରେ ସେଦିନ ସେ କହିଥିଲେ, ଯେଉଁଦିନ ଗୋଟେ ନାରୀ; ସେ ସ୍ତ୍ରୀ ହେଉକି ଝିଅ, ମଧ୍ୟରାତ୍ର ବା ଅର୍ଦ୍ଧରାତ୍ରରେ ଶୁନଶାନ୍ ରାସ୍ତାରେ ରାତିର ଅନ୍ଧାରରେ ହେଉକି ଆଲୋକରେ ବିନା ସାହାରାରେ, ସ୍ୱାଧୀନ ଭାବରେ ବିଚରଣ କରିପାରୁଥିବ, ସେତେବେଳେ ନାରୀ ସ୍ୱାଧୀନ, ସଶକ୍ତ ଓ ସୁରକ୍ଷିତ ବୋଲି ଆମେ ଅନୁଭବ କରିବା।

ଝିଅଟିଏ ଜନ୍ମ ଗ୍ରହଣ ପରେ ବାପାମା ସାହିବନ୍ଧୁ ସମସ୍ତେ ତାକୁ ଲକ୍ଷ୍ମୀର ଅବତାର ବୋଲି ଗ୍ରହଣ କରିଥାନ୍ତି। କିନ୍ତୁ କାହିଁକି କେଜାଣି ସମୟ ଓ ଶରୀର ବୃଦ୍ଧି ସହ ଦୁନିଆର କିଛି ଆଖିର ଲୋଲୁପ ଦୃଷ୍ଟି ତାକୁ ବ୍ୟସ୍ତବିବ୍ରତ କରେ। କାମପିପାସୁ ଅନ୍ଧମାନେ ସବୁ ସମ୍ପର୍କକୁ ପାଦରେ ଆଡେଇ ଲାଗିପଡିନ୍ତି ଯୌନ ନିର୍ଯାତନା ଓ ଯୌନ ଶୋଷଣରେ। ନାରୀ ଜନ୍ମ ଅଭିଶାପ ନା ଆଶୀର୍ବାଦ ? ବାସ୍ତବରେ ସେ ସବଳ ନା ଦୁର୍ବଳ ? ଯଦି ସବଳ ତେବେ ତା ସହ କାହିଁକି ଏମିତି ଘଟଣା ବାରମ୍ବାର ଘଟୁଛି ? ଉପଭୋଗର ସାମଗ୍ରୀଭାବେ ଗ୍ରହଣ କରିନେଇଥିବା ପୁରୁଷ ସମାଜର କଣ ମାନସିକତାର ପରିବର୍ତ୍ତନ ହେବନାହିଁ କି ?

ପ୍ରତିବର୍ଷ ଯୌନ ନିର୍ଯାତନା ଉପରେ ଆଲୋଚନା, ସମୀକ୍ଷା, କର୍ମଶାଳା ଓ ପାଠଚକ୍ର ବିଦ୍ୟାଳୟ, ମହାବିଦ୍ୟାଳୟ,ବିଶ୍ୱବିଦ୍ୟାଳୟ ତଥା ଭିନ୍ନଭିନ୍ନ ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନରେ ଆୟୋଜନ କରାଯାଉଛି। ହେଲେ 'ଯଉ ଚାଉରକୁ ସେ ଚାଉର'। ସ୍ୱାଧୀନତା ପୂର୍ବରୁ ଯେଉଁ ଅବସ୍ଥା ଆଜି ମଧ୍ୟ ସେଇ ଅବସ୍ଥା। ଯୁଗେ ଯୁଗେ ନାରୀ ପ୍ରତି ଆସକ୍ତ ଏ ପୁରୁଷ ସମାଜ କାହିଁକି କେଜାଣି ନାରୀ ସହ ଯୌନଖୁସି ପାଇଁ ସହଭାଗିତା ହେବାକୁ ଅନୁରୋଧ, ପ୍ରସ୍ତାବ ଆଦି ଇଶାରା କେବେ ଆଖିରେ, ଓଠରେ, ସ୍ମିତହାସ୍ୟ ସହ ଶାରିରୀକ ଅଙ୍ଗଭଙ୍ଗୀରେ ପରିପ୍ରକାଶ କରିଥାଏ। ପୁରାଣରୁ ଇତିହାସ ପୃଷ୍ଠାପର୍ଯ୍ୟନ୍ତ ସବୁଠି ପୁଳାପୁଳା ଯୌନ ନିର୍ଯାତନାର ଘଟଣା। ସୀତାହରଣ ଠାରୁ ଆରମ୍ଭ କରି ଦ୍ରୌପଦୀର ବସ୍ତ୍ରହରଣ ମୂଳରେ ଯୌନ ଶୋଷଣ ଓ ନିର୍ଯାତନା ଲୁଚି ରହିଛି। ବସୁରାଜାଙ୍କ କନ୍ୟା ମତ୍ସ୍ୟଗନ୍ଧାକୁ ପରାଶର ଋଷି କାମାନ୍ଧ ହୋଇ ନଦୀମଝିରେ ନୌକାରେ ଚତୁର୍ଦ୍ଦିଗକୁ କୁହୁଡିରେ ଆଛନ୍ନ କରି ନିଜ କାମନାକୁ ଚରିତାର୍ଥ କରିବା ଏକ ଯୌନ ଶୋଷଣର ପୌରାଣିକ ଘଟଣା। ସଂସ୍କୃତ ସାହିତ୍ୟର ଜନକ ମହାଜ୍ଞାନୀ କାଳିଦାସ ମଧ୍ୟ ଲକ୍ଷେହୀରା ବେଶ୍ୟାଦ୍ୱାରା ମୃତ୍ୟବରଣ ଏବଂ ବିଲ୍ୱମଙ୍ଗଳର ଚିନ୍ତାମଣି ବାରଙ୍ଗନା ପ୍ରତି ଆସକ୍ତ ଯୌନ ମାନସିକତାର ପରିଚୟ ଦିଏ।

ରାଜତନ୍ତ୍ର ଶାସନ ସମୟରେ ରାଜାମାନେ ଯୁଦ୍ଧ ବିଜୟ ପରେ ପରାଜିତ ରାଜ୍ୟର ରାଜକନ୍ୟାଙ୍କୁ ନିଜର ଧର୍ମପତ୍ନୀ ଭାବରେ ଗ୍ରହଣ କରିବାକୁ ପରାଜିତ ରାଜାଙ୍କୁ ପ୍ରସ୍ତାବ ଦେଇଥାନ୍ତି। ଏକଥା ଇତିହାସରେ ଲିପିବଦ୍ଧ। ଆଲ୍ଲାଉଦ୍ଦିନ୍ ଖିଲିଜୀ ନିଜ ଯୌନଲାଳସାକୁ ଚରିତାର୍ଥ କରିବାପାଇଁ ମେଓ୍ୱାର୍ଡ ଉପରେ ଆକ୍ରମଣ ସହ ରାଜାରତନ ସିଂହକୁ ହତ୍ୟା କରିବାର ମୁଖ୍ୟଲକ୍ଷ୍ୟ ଥିଲା ରାଣୀ ପଦ୍ମାବତୀ।

ଭାରତରୁ ପାକିସ୍ଥାନ ଅଲଗା ହେବା ସମୟରେ ଯେଉଁ ଲୋମହର୍ଷଣକାରୀ ଯୌନ ନିର୍ଯାତନାର ଶୋଷଣରେ ଶିକାର ହେଇଥିଲେ ଶହଶହ ହିନ୍ଦୁ ଓ ଶିଖ ଯୁବତୀ ଓ ମହିଳାମାନେ ତାର ମୂକସାକ୍ଷୀ ପାକିସ୍ଥାନରୁ ଆସିଥିବା ଟ୍ରେନ। ଖାଲି ସେତିକି ନୁହେଁ ଭାରତରୁ ବଙ୍ଗଳାଦେଶ ଅଲଗା ହେଲାପରେ ସେଇ ଏକାପ୍ରକାରର ଯୌନ ବର୍ବରତା ହିନ୍ଦୁ ଯୁବତୀ ଓ ମହିଳାଙ୍କ ପ୍ରତି। ୧୯୯୦ରେ ପୁଣି ସେଇ ଅମାନୁଷିକ ଅତ୍ୟାଚାର କାଶ୍ମୀର ପଣ୍ଡିତମାନଙ୍କ ପ୍ରତି। ଆତଙ୍କବାଦୀମାନେ ମସଜିଦରୁ ଚେତାବନୀଭାବେ ପ୍ରଚାର କଲେ କଶ୍ମୀର ପଣ୍ଡିତମାନେ ଯେତେଶୀଘ୍ର ପାରୁଛ କାଶ୍ମୀରଘାଟି ଖାଲିକର, କିନ୍ତୁ ସେମାନଙ୍କର ଝିଅବୋହୂଙ୍କୁ ଆମମାନଙ୍କ ପାଖରେ ଛାଡ଼ି ଦିଆଯାଉ। ତାହା ଥିଲା ଯୌନପିପାସୁ ଅମଣିଷ ରାକ୍ଷସମାନଙ୍କର ମାନସିକ ଅବସ୍ଥା। କାଶ୍ମୀର ଘାଟିରେ ପଣ୍ଡିତମାନଙ୍କର ନରସଂହାର ସହ ଯୌନ ଉତ୍ପୀଡନର ଶିକାର ହେଲେ ନାରୀସମୁଦାୟ। ପାକିସ୍ଥାନ ଓ ବାଂଲାଦେଶରେ ଲଗାତାର ଯୌନ ନିର୍ଯାତନାରେ ଶିକାର ହୋଇଚାଲିଛନ୍ତି ହିନ୍ଦୁଝିଅ ବୋହୂମାନେ ଯାହା ଗଣମାଧ୍ୟମରେ ଦେଖିବାକୁ ମିଳୁଛି। କେରଳରେ ଝିଅମାନଙ୍କୁ ବିବାହର ମିଛ ପ୍ରଲୋଭନ ଦେଇ ଯୌନସମ୍ପର୍କ ରଖି ପରବର୍ତ୍ତୀ ସମୟରେ ଆଇଏସଆଇଏସ ଭଳି ଆତଙ୍କୀ ସଂସ୍ଥାକୁ ଯୌନଦାସୀ ରୂପେ ହସ୍ତାନ୍ତର ସଦ୍ୟ କେରଳା ଚଳଚ୍ଚିତ୍ରର ମୁଖ୍ୟ ବିଷୟବସ୍ତୁ।

ଖବରକାଗଜରେ ପ୍ରତିଦିନ କେଉଁ ପୃଷ୍ଠାରେ ନା କେଉଁ ପୃଷ୍ଠାରେ ପ୍ରକାଶିତ ଯୌନ ନିର୍ଯାତନାର ଶିକାର ହେଉଥିବା କନ୍ୟା ସନ୍ତାନ, ବିକଳାଙ୍ଗ ପର୍ଯ୍ୟନ୍ତ ସେଥିରୁ କେହି ବାଦ ପଡୁନାହିଁ। ଆଇନକାନୁନର ଭୟ, ଫାଶୀଦଣ୍ଡ ଏବଂ ଆଜୀବନ କାରାଦଣ୍ଡକୁ ସେମାନଙ୍କର ତିଳେମାତ୍ର ଭୟନାହିଁ। ଯେପର୍ଯ୍ୟନ୍ତ ପୁରୁଷର ମାନସିକତାରେ ପରିବର୍ତ୍ତନ ନ ଆସିଛି ସେ ପର୍ଯ୍ୟନ୍ତ ନାରୀ ନା ଘରେ ସୁରକ୍ଷିତ ନା ବାହାରେ। ସାତ ସିନ୍ଦୁକରେ ଲୁଚେଇ ରଖିଲେ ବି ସେ ଯୌନ ନିର୍ଯାତନାର ଶିକାର ହେଉଛି। ସବୁନାରୀ ଦୁର୍ଗା ନୁହଁନ୍ତି କି ସଭିଁଏ ରାଣୀ ଲକ୍ଷ୍ମୀବାଇ ନୁହଁନ୍ତି। ନାରୀ ସଶକ୍ତିକରଣ ଦ୍ୱାରା ନାରୀ ଶିକ୍ଷିତ ହୋଇଛି, କର୍ମନିଯୁକ୍ତି ପାଇଛି କିନ୍ତୁ ଯୌନ ନିର୍ଯାତନାରୁ ମୁକ୍ତହୋଇ ପାରିନାହିଁ। ହେ ଗାନ୍ଧୀ ! ତୁମ କଥା ଯେବେ ମନେପଡେ, ତାହା ପୁଣି ପ୍ରଶ୍ନ ହୋଇ ରହିଯାଏ।ସତରେ ତୁମ ପରିକଳ୍ପନାର ସେ ରାତି କେବେ ଆସିବ... ?

# ସର୍ବ କନିଷ୍ଠ ସହିଦ ବାଜିରାଉତ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଭାରତର ମୁକ୍ତି ଆନ୍ଦୋଳନରେ ଝାସ ଦେଇଥିବା ବୀର ଓଡିଆଙ୍କ ମଧ୍ୟରୁ ବୀର ବାଜିରାଉତଙ୍କ ସ୍ଥାନ ଅନନ୍ୟ ଓ ସବୁଠାରୁ ଭିନ୍ନ। କେବଳ ଓଡିଶା ନୁହେଁ, ସାରା ଭାରତରେ କନିଷ୍ଠତମ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ଏହି ବାଳୁତ ବୀରଙ୍କ ଜୀବନୀ ସ୍ୱଳ୍ପ ହୋଇଥିଲେ ମଧ୍ୟ ତାଙ୍କର ବୀରତ୍ୱର ଗାଥା ବ୍ରିଟିଶ୍ ସରକାର ବିରୁଦ୍ଧରେ ଲଢିବା ପାଇଁ ଦେଶବାସୀଙ୍କୁ ପ୍ରେରଣା ଦେଇଥିଲା। ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ୧୯୨୬ମସିହା ଅକ୍ଟୋବର ମାସ ୫ ତାରିଖରେ ବାଜି ରାଉତଙ୍କର ଜନ୍ମ। ଏକ ଖଣ୍ଡାୟତ ପରିବାରର ହରି ରାଉତ ଓ ରାଣୀଆ ଦେବୀଙ୍କର ସେ ଥିଲେ ପଞ୍ଚମ ସନ୍ତାନ। ବାଜି ଶିଶୁ ଥିବା ସମୟରେ ତାଙ୍କର ପିତୃ ବିୟୋଗ ଘଟିଥିଲା। ପାଠ ପଢିବା ପାଇଁ ବାଜିଙ୍କର ପ୍ରବଳ ଆଗ୍ରହ ଥିଲେ ମଧ୍ୟ ଅଭାବ, ଅନଟନ ତାଙ୍କୁ ଅନ୍ଧକାର ମଧ୍ୟକୁ ଠେଲି ଦେବାକୁ ସର୍ବଦା ତତ୍ପର ଥିଲା।

ସେତେବେଳେ ଢେଙ୍କାନାଳ ଥିଲା ଏକ ଗଡ। ବ୍ରିଟିଶ୍ ଶାସକଙ୍କ ସହାୟତାରେ ଗଡଜାତର ଶାସକ ରାଜା ଶାସନ କରୁଥିଲେ। ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅଖଣ୍ଡ, ନିର୍ମମ, ନିଷ୍ଠୁର, ଅତ୍ୟାଚାରୀ ଶାସନରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ। ରାଜାଙ୍କ ଇଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥିଲେ। ଗଡଜାତର ରାଜା ପ୍ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥିଲେ। ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ। ପ୍ରଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ। ଯେତେବେଳେ ପ୍ରଜାମାନେ ବିଦ୍ରୋହ କରିଥାନ୍ତି ସେତେବେଳେ ଏହି ବିଦ୍ରୋହକୁ ଇଂରେଜ ସରକାର ସହଯୋଗରେ ରାଜା ଭଣ୍ଡୁର କରିଦେଉଥାନ୍ତି। ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଅନ୍ୟାନ୍ୟ ଗଡଜାତ ରାଜ୍ୟ ପରି ଢେଙ୍କାନାଳରେ ମଧ୍ୟ ପ୍ରଜାମଣ୍ଡଳ ଗଠନ କରାଯାଇ ଉଭୟ ରାଜତନ୍ତ୍ର ଓ ବ୍ରିଟିଶ୍ତନ୍ତ୍ର ବିରୁଦ୍ଧରେ ପ୍ରଜାମଣ୍ଡଳ ଗଠନ କରାଗଲା। ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା। ସାପ୍ତାହିକ ହାଟରୁ ଲୋକମାନେ ସଉଦାପତ୍ର କିଣିବା ସହ ପ୍ରଜାମଣ୍ଡଳ ଆନ୍ଦୋଳନ ବିଷୟରେ ସୂଚନା ପାଉଥିଲେ। ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ। ସେତେବେଳେ ଢେଙ୍କାନାଳ ଗଡ ପ୍ରଜାମଣ୍ଡଳର ସଭାପତି ଥାଆନ୍ତି ମହେଶ୍ ଚନ୍ଦ୍ର ସୁବାହୁ ସିଂହ। ତାଙ୍କ ନେତୃତ୍ୱରେ ଭୁବନ, ମଡ଼ି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳ ବେଶ୍ କିଛି କାର୍ଯ୍ୟ କରୁଥିଲା।

ଭୁବନ ସେତେବେଳେ ସାତ ହଜାର ଲୋକଙ୍କ ବସତିର ଏକ ବଡ ଗାଁ। ଏଠାକାର ଲୋକେ ଭାରି ସାହସୀ ଓ ଲଢୁଆ। ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ। ଭୁବନ ଅଞ୍ଚଳରେ ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି। ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ। ଦିନ ସାରା ଝିପି ଝିପି ବର୍ଷା। ହାଇଦ୍ରାବାଦି ଓ ପଞ୍ଜାବୀ ଫୌଜ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ତୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ଭୁବନର ପଶ୍ଚିମ ପାର୍ଶ୍ୱ ସୁଲେଇପାଳ ତୋଟାରେ ଡଙ୍ଗା ରଖି ସନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ। ଆଠ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ। ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପିଗଲା। କର୍ମୀମାନେ ଥାନା ଘେରାଉ କଲେ। ଗିରଫ ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ହୋ ହାଲା କଲେ। ଥାନା ଉପରକୁ ଟେକା ପଥର ଫିଙ୍ଗିଲେ। ସୃଷ୍ଟି ହେଲା ପୋଲିସ୍ର ନାରକୀୟ କାଣ୍ଡ। ପୋଲିସ୍ ଗୁଳିରେ ସହିଦ୍ ହେଲେ ଗୁରି ନାୟକ। ଗୁରୁତର ଆହତ ହେଲେ ରଘୁ ନାୟକ। ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ। ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଢେଙ୍କାନାଳ ଗଡକୁ ଚାଲିଯିବାକୁ ବସିଥିଲେ। ସେମାନଙ୍କ ଠାରୁ ଅସ୍ତ୍ର ଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ। ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆରପାରିକୁ ଯିବାକୁ ବସିଥିଲେ। ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି। ଜୀବନ ସେମାନଙ୍କର ବିପନ୍ନ। ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା। ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ। ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇଁ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ। ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ। ଫୌଜମାନେ ଘାଟରେ ପହଞ୍ଚି ନଦୀ ପାର କରିଦେବାପାଇଁ କର୍କଶ ସ୍ୱରରେ କହିଲେ। ମାତ୍ର କର୍ମୀମାନଙ୍କ ଗ୍ରହଣରେ ଥିବା ବାର ବର୍ଷର ବାଳକ ବାଜିରାଉତ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ "ପ୍ରଜାମଣ୍ଡଳର ହୁକୁମ ନାହିଁ, ମୁଁ ନଦୀ ପାର କରିପାରିବି ନାହିଁ" ଛୋଟ ପିଲାଟିର କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ। ବାଜିରାଉତଙ୍କ ହାତରୁ ଡଙ୍ଗା କାତକୁ ଛଡାଇ ନେଇ ତାଙ୍କୁ ନଦୀ କୂଳକୁ ଠେଲିଦେଲେ। ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ। ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ବର୍ଷଣ କଲେ। ଏଥିରେ ଟିକି ବାଳକ ବାଜିରାଉତଙ୍କ ସମେତ ହୁରୁଷି ପ୍ରଧାନ, ନଟ ମଳିକ, ଫଗୁ, ଲକ୍ଷ୍ମଣ ମଳିକ ପ୍ରମୁଖ ଚାରି ଜଣ ମୃତ୍ୟୁବରଣ କଲେ। ସ୍ୱୟଂ ପାଇଁ ନୁହେଁ ସମୂହର କଥା ଭାବୁଥିବା ଛୋଟ ବଳିତା ଥିଲେ ବାଜି ରାଉତ।

# ଶାନ୍ତିଦୂତ ଲାଲବାହାଦୂର



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଇତିହାସ ପୃଷ୍ଠାରେ ଏପରି କେତେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜାତିର ଉନ୍ନତି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି। ଏଇ ମାନବୀୟ ମୂଲ୍ୟବୋଧକୁ ଜୀବନରେ ମହାମନ୍ତ୍ର କରି କାର୍ଯ୍ୟ କରିପାରିଥିବା ମଣିଷ ହିଁ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥାନ୍ତି। । ସେହିଭଳି ଜଣେ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ଶାନ୍ତିର ଶ୍ରେଷ୍ଠ ଉପାସକ, "ଜୟ ଯବାନ-ଜୟ କିଷାନ" ସ୍ଲୋଗାନର ପ୍ରବକ୍ତା ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ। ସରଳ ଓ ନିରାଡମ୍ବର ଜୀବନ ଥିଲା ତାଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ। ସେଥିପାଇଁ ଭାରତର ପ୍ରଧାନମନ୍ତ୍ରୀ ଥିଲେ ମଧ୍ୟ ନିଜର ବାସସ୍ଥଳୀ ବ୍ୟତୀତ ଅନ୍ୟ କେଉଁଠାରେ ତାଙ୍କର ଗୁଣ୍ଠେ ମଧ୍ୟ ଜମି ନ ଥିଲା ବା ବ୍ୟାଙ୍କରେ ଟଙ୍କାଟିଏ ନ ଥିଲା।

ଅକ୍ଟୋବର ଦୁଇ ତାରିଖ ହେଉଛି ଆମ ଦେଶ ପାଇଁ ଏକ ଚିରସ୍ମରଣୀୟ ଦିବସ। ସେହିଦିନ ସତ୍ୟ ଓ ଅହିଂସାର ପୂଜାରୀ, ମହାମାନବ ମହାତ୍ମା ଗାନ୍ଧି ଜନ୍ମଗ୍ରହଣ କରିଥିଲେ। ତାଙ୍କର ଜନ୍ମଦିବସରେ ତାଙ୍କର ସମସ୍ତ ଗୁଣକୁ ଧାରଣ କରି ଲାଲବାହାଦୂର ଶାସ୍ତ୍ରୀ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ପବିତ୍ର ଗଙ୍ଗାନଦୀ କୂଳରେ ଉତ୍ତରପ୍ରଦେଶର ମୋଗଲ ସରାଇ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସାରଦା ପ୍ରସାଦ ଶ୍ରୀବାସ୍ତବ ଓ ମାତାଙ୍କ ନାମ ରାମଦୁଲାରୀ ଦେବୀ। ତୁଳସୀ ଦୁଇ ପତ୍ରରୁ ବାସିଲାପରି ବାଲ୍ୟକାଳରୁ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ସେ। ପରିବାରର ଆର୍ଥିକ ସ୍ଥିତି ଓ ପିତୃ ବିୟୋଗ ତାଙ୍କର ଭବିଷ୍ୟତ ଗଢିବାରେ ପ୍ରତିବନ୍ଧକ ସାଜିନଥିଲା। ଏହି ଦୁର୍ଦ୍ଦିନରେ ମାତା ରାମଦୁଲାରୀ ପୁଅକୁ ମଣିଷ ପରି ମଣିଷଟିଏ ଗଢିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ। ଦୃଢଇଛାଶକ୍ତି ଓ ଅଦମ୍ୟ ସାହସ ବଳରେ ଲାଲବାହାଦୁର କାଶୀ ବିଦ୍ୟାପୀଠରୁ ସଂସ୍କୃତ ପଢି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ତାଙ୍କୁ ଶାସ୍ତ୍ରୀ ଉପାଧି ମିଳିଥିଲା। ସେହିଦିନଠାରୁ ଶ୍ରୀବାସ୍ତବ ପରିବର୍ତ୍ତେ ଶାସ୍ତ୍ରୀ ସାଙ୍ଗିଆରେ ପରିଚିତ ହେଲେ ସେ।

୧୯୨୧ ମସିହାର କଥା ସେତେବେଳକୁ ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନର ଡାକରା ସାରା ଭାରତବର୍ଷରେ ନୂତନ ଆଲୋଡନ ସୃଷ୍ଟି କରିଥାଏ। ଲୋକମାନ୍ୟ ତିଳକଙ୍କର ଗୋଟିଏ କଥା – "ସ୍ୱରାଜ ମୋର ଜନ୍ମଗତ ଅଧିକାର" ତାଙ୍କ ହୃଦୟକୁ ବେଶ୍ ପ୍ରଭାବିତ କରିଥିଲା। ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଲାଲବାହାଦୂର ଗିରଫ ହୋଇଥିଲେ। ଏହାପରେ ପାଠପଢାରେ ତାଙ୍କର ଡୋରି ବନ୍ଧାହେଲା। ଏଥିସହିତ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ଓ ୧୯୪୨ ମସିହା ଭାରତ ଛାଡ ଆନ୍ଦୋଳନରେ ମଧ୍ୟ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଲାଲବାହାଦୂର ସର୍ବଦା ନିଜ କର୍ମ ଉପରେ ବିଶ୍ୱାସ କରିଥିଲେ। ନିଷ୍କାମ ସାଧନା ଯେ ମନୁଷ୍ୟକୁ ସଫଳତାର ଶିଖରରେ ପହଞ୍ଚାଇପାରେ ତାହା ସେ ମର୍ମେ ମର୍ମେ ଅନୁଭବ କରିଥିଲେ। ସେଥିପାଇଁ ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ବହୁ ବଡବଡ ପଦବୀରେ ଅଧିଷ୍ଠିତ ହୋଇଥିଲେ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ଲାଲବାହାଦୂର ଉତ୍ତରପ୍ରଦେଶର ନୂତନ ସରକାରରେ ମନ୍ତ୍ରୀପଦ ଗ୍ରହଣ କରିବା ସହିତ ନିଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭଳି ଗୁରୁଦାୟିତ୍ୱକୁ ସଫଳତାର ସହ ତୁଲାଇ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ୧୯୫୬ ମସିହାରେ କେନ୍ଦ୍ରରେ ରେଳମନ୍ତ୍ରୀ ଭାବେ ଯୋଗଦେଲେ ସେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କରି ମନ୍ତ୍ରୀତ୍ୱ କାଳରେ ତାମିଲନାଡୁର ଆରୟାଲୁର ଠାରେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୫୦ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିଲେ। ଏଥିରେ ମର୍ମାହତ ହୋଇ ଶାସ୍ତ୍ରୀଜୀ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପଣ୍ଡିତ ନେହେରୁ ତାଙ୍କୁ ଇସ୍ତଫା ପତ୍ର ଫେରାଇ ନେବାକୁ ଅନୁରୋଧ କରିଥିଲେ। ମାତ୍ର ବ୍ୟଥାଭରା କଣ୍ଠରେ ସେ କହିଥିଲେ – "ପଣ୍ଡିତଜୀ ସେ ଦୁର୍ଘଟଣାର କରୁଣଦୃଶ୍ୟ ମୁଁ କେବେ ଭୁଲିପାରିବି ନାହିଁ। ମୋ ବିଭାଗର ଦୁର୍ଘଟଣା ପାଇଁ ମୁଁ ପରୋକ୍ଷରେ ଦାୟୀ ନୁହେଁ କି ? ତେଣୁ, ମନ୍ତ୍ରୀମଣ୍ଡଳରେ ରହି ଲୋକଙ୍କର ବିଶ୍ୱାସଭାଜନ ହେବା ମୋର ଆଉ ନୈତିକ ଅଧିକାର ନାହିଁ" ତାଙ୍କର ନୂତନ ଆଦର୍ଶ ଦେଖି ପଣ୍ଡିତ ନେହେରୁ ମଧ୍ୟ ଚକିତ ହୋଇଯାଇଥିଲେ। ଏଭଳି ଚରମ ତ୍ୟାଗର ଉଦାହରଣ ପୃଥିବୀ ଇତିହାସରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ।

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରିୟ ଶିଷ୍ୟ, ନବ ଭାରତର ନିର୍ମାତା, ଆମ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୬୪ ମସିହା ସେ ମାସ ୨୭ ତାରିଖରେ ମୃତ୍ୟୁ ହେଲା। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଉଙ୍କିମାରିଲା ତାଙ୍କ ପରେ ଏ ଦେଶର ପ୍ରଧାନମନ୍ତ୍ରୀ କିଏ ହେବ ? ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଲା। ୧୯୬୪ ମସିହା ଜୁଲାଇ ୮ ତାରିଖ ଦିନ ଶାସ୍ତ୍ରୀଜୀ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଲେ। ପ୍ରଧାନମନ୍ତ୍ରୀ ହେବାପରେ ଭାରତରୁ ଖାଦ୍ୟ ସମସ୍ୟା ଦୂର କରିବା ଓ ଦରିଦ୍ର ଲୋକଙ୍କୁ ବାସଗୃହ ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଲୋକମାନେ ଯେପରି ଦୁଇଓଳି ଶାନ୍ତିରେ ଓ ଆନନ୍ଦରେ ପେଟପୁରା ଖାଇବାକୁ ପାଇବେ ସେଥିପାଇଁ ସେ ଅଗ୍ରାଧିକାର ଦେଇଥିଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଦେଶ ପ୍ରତ୍ୟେକଟି କ୍ଷେତ୍ରରେ ପ୍ରଗତି ପଥରେ ଆଗେଇଥିଲା। ଆମ ଦେଶର ପ୍ରଗତିରେ ଈର୍ଷାନ୍ୱିତ ହୋଇ ପାକିସ୍ତାନ ୧୯୬୫ ମସିହାରେ ଆମ ଦେଶକୁ ଆକ୍ରମଣ କଲା। ମାତ୍ର ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ବିଚଳିତ ହେଲେନାହିଁ। ତାଙ୍କ ପିଞ୍ଜରା ମଧ୍ୟରେ ଶତସିଂହର ବଳ ଆତ୍ମପ୍ରକାଶ କଲା। ଆମ ଦେଶକୁ ରକ୍ଷା କରିବା ପାଇଁ ସେ ବଜ୍ର ନିର୍ଘୋଷ କଣ୍ଠରେ ଆହ୍ୱାନ ଦେଇ କହିଲେ – "ଗୁଳିର ଜବାବ ଆମେ ଗୁଳିରେ ଦେବା"। ଶେଷରେ ରୁଷିଆର ପ୍ରଧାନମନ୍ତ୍ରୀ କୋସିଜିନ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ତାସ୍କେଣ୍ଟକୁ ଆମନ୍ତ୍ରଣ କଲେ। ୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ଲାଲବାହାଦୂର ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍ ଖାଁ ତାସ୍କେଣ୍ଟ ଠାରେ ମିଳିତ ହେଲେ। ଏଇ ଅବସରରେ ଶାସ୍ତ୍ରୀଜୀ କହିଥିଲେ "ମୁଁ କେବଳ ଭାରତ ପାକିସ୍ତାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ଚାହୁଁନାହିଁ, ମୁଁ ଚାହେଁ ସାରା ପୃଥିବୀର ଲୋକମାନେ ଶାନ୍ତିରେ ରୁହନ୍ତୁ।" ତାସ୍କେଣ୍ଟ ଠାରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା। ଦୁଇ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟା ଆରମ୍ଭ ହେଲା। ମାତ୍ର ଶାନ୍ତିଦୂତ ଆଉ ଫେରିଆସିଲେ ନାହିଁ। ୧୯୬୬ ମସିହା ଜାନୁଆରୀ ୧୧ ତାରିଖରେ ଚିରଦିନ ପାଇଁ ଶୋଇଗଲେ ସେ। ଶାନ୍ତିବନରେ ସବୁଦିନ ପାଇଁ ତାଙ୍କ ମରଶରୀର ଚିତାରେ ଭସ୍ମ ହୋଇଗଲା।

ଏହିପରି ଭାବେ ମାନବିକ ମୂଲ୍ୟବୋଧର ପ୍ରତୀକ, ଭାରତମାତାର ସୁଯୋଗ୍ୟ ସନ୍ତାନଙ୍କ ଜୀବନର ଅବସାନ ଘଟିଲା। ପ୍ରଧାନମନ୍ତ୍ରୀ ଭାବରେ ୧୮ମାସର ଶାସନ କାଳ ମଧ୍ୟରେ ସେ ଯେଉଁ ପଦାଙ୍କ ଛାଡି ଯାଇଛନ୍ତି ତାହା ଏବେବି ଅନ୍ୟ ମାନଙ୍କପାଇଁ ଉଦାହରଣୀୟ ହୋଇ ରହିଛି। ସତରେ ସେ ଥିଲେ ଜଣେ ନିଆରା ପ୍ରଧାନମନ୍ତ୍ରୀ। ବିଡମ୍ବନାର ବିଷୟ ତାଙ୍କ ଜୀବନ ଦର୍ଶନର କଥା ଓ ଗାଥା ଇତିହାସର ପାଣ୍ଡୁଲିପି ହୋଇରହିଗଲା। ସେ ପାଣ୍ଡୁଲିପିକୁ ପଢିବାର ଅଛି, ତାର ନିର୍ଯାସକୁ ଉତ୍ତରପିଢି ପାଖରେ ପହଞ୍ଚାଇବାର ଅଛି। ସେ ଦାୟିତ୍ୱ ଆମ ସମସ୍ତଙ୍କର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ବର୍ଜ୍ୟବସ୍ତୁରୁ ତିଆରି ହେବ କଳାକୃତି:ପ୍ରତିଷ୍ଠା ହେବ ଇକୋ ପାର୍କ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ କଳାକୃତିରେ ନିର୍ମାଣ ହେବ ପାର୍କ। ଏଠାରେ ରହିବନି ଫୁଲକୁଣ୍ଡ କି ଫୁଲବଗିଚା। ଅବ୍ୟବହୃତ ସାମଗ୍ରୀ, ପୁରୁଣା ଟାୟାର, ବ୍ୟବହାର ଅନୁପଯୋଗୀ ଲୁହା ସାମଗ୍ରୀ, ଅବ୍ୟବହୃତ ସାଇକଲ, ମୋଟର ସାଇକଲର ଉପକରଣ ସମେତ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଇ କଳାକୃତି ନିର୍ମାଣ କରି ଏହି ପାର୍କରେ ରଖାଯିବ। ଏହାର ନାଁ ରହିବ '୩ ଆର୍' ପାର୍କ। ରିଡ୍ୟୁସ୍, ରିୟୁଜ୍, ରିସାଇକେଲର ବାର୍ତ୍ତା ବହନ କରିବ ଏହି କଳାକୃତି। କେନ୍ଦୁଝରଗଡ଼ ପୌରପାଳିକାର ବିଭିନ୍ନ ଛକ ଓ ବସ୍ଷ୍ଟପ୍‌ରେ ଇକୋ ପାର୍କ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପୌରପାଳିକା ପକ୍ଷରୁ ସରକାରୀ ସ୍ଥାନ ଚିହ୍ନଟ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ବିଭିନ୍ନ ସ୍ଥାନରେ ଥିବା ପାର୍କ, କରଞ୍ଜିଆ ବସ୍‌ଷ୍ଟପ୍, ଡେଲକୋଇ ବସ୍‌ଷ୍ଟପ୍, ସରକାରୀ ମହିଳା ମହାବିଦ୍ୟାଳୟ ଠାରୁ ଲାବଣ୍ୟ ଛକ, କଟକ-ଭୁବନେଶ୍ୱର ବସ୍ଷ୍ଟପ୍ ସମେତ ବିଭିନ୍ନ ଛକ ସ୍ଥାନରେ ଇକୋ ପାର୍କ ନିର୍ମାଣ କରାଯିବ ବୋଲି କେନ୍ଦୁଝରଗଡ଼ ପୌରନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ପ୍ରକାଶ କରିଛନ୍ତି। ମହାପୁରୁଷଙ୍କ ପ୍ରତିମୂର୍ତ୍ତି, ହାତୀ, ଭାଲୁ, ସିଂହ, ହରିଣ, ମାଙ୍କଡ଼, ଜେବ୍ରା, ଡାଇନୋସର, ଓଟ, ଘୋଡ଼ା, ଫୁଲ, ମାଛ, ମୟୂର, ବାଦ୍ୟଯନ୍ତ୍ର ଏବଂ ଆଦିବାସୀ ସଂସ୍କୃତି, ଖାଦ୍ୟ, ନୃତ୍ୟ, ବାଦ୍ୟ ସ୍ଥାନିତ କରାଯିବା ସହ ଲୋକଙ୍କ ବସିବା ପାଇଁ ବେଞ୍ଚ ତିଆରି କରାଯିବ। ପିଲାଙ୍କ ନିମନ୍ତେ ଖେଳ ଉପକରଣ ମଧ୍ୟ ଏଥିରୁ ପ୍ରସ୍ତୁତ କରି ସ୍ଥାପନ କରାଯିବ। ଏହା ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ପିଲାଙ୍କ ସୃଜନଶୀଳତାରେ ସହାୟକ ହେବ। ଭୁବନେଶ୍ୱରର ଇକୋ ମାଟ୍ରିକ୍ ସଂସ୍ଥା ଏହି କାର୍ଯ୍ୟାଦେଶ ପାଇଥିବାବେଳେ ଏହାକୁ ସରକାରୀ ଆଇଟିଆଇ, ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିବେ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏପରି ଯୋଜନା କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। 'ୱେଷ୍ଟ ଟୁ ୱେଲ୍' ସଚେତନତାକୁ ଆଧାର କରି ଏହି ନିଷ୍ପତ୍ତି ହୋଇଛି। ବିଭିନ୍ନ ସ୍ଥାନରେ ବିଷୟ ଆଧାରିତ ସର୍ବସାଧାରଣ ସ୍ଥାନ ନିର୍ମାଣ କରାଯିବ, ଯାହା ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ନିର୍ବାହୀ ଅଧିକାରୀଙ୍କ କହିବା କଥା, ଯେଉଁ କଳାକାର ଏହି କାର୍ଯ୍ୟରେ ସହଯୋଗ କରିବେ, ସେମାନଙ୍କୁ ପାରିଶ୍ରମିକ ମଧ୍ୟ ମିଳିବ। ଇଣ୍ଟରନାଲ୍ ରେଭିନ୍ୟୁ ଜେନେରେସନ୍ (ଆଇଆର୍‌ଜି) ମଡେଲ୍‌କୁ ଆଧାର କରି କଳାକୃତି ନିର୍ମାଣ ହେବ। ଉଭୟ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ଓ ନଗର ଉନ୍ନୟନ ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କରାଯିବ। ଉଭୟ ବିଭାଗରୁ ଚୟନ କରାଯାଇଥିବା ନୋଡାଲ୍ ଅଫିସରମାନେ ଏହି କାର୍ଯ୍ୟ ତଦାରଖ କରିବେ।

# ଅଧିକାଂଶ ମାର୍କେଟ୍‌ରେ ତାଲା:କର୍ତ୍ତୃପକ୍ଷ ଉଦାସୀନ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳ ବ୍ରହ୍ମପୁର ସହରରେ ଗୋଟିଏ ପରେ ଗୋଟିଏ ମାର୍କେଟ୍ ବନ୍ଦ ହେବାରେ ଲାଗିଛି । ପୁରୁଣା ମାର୍କେଟ୍ ବନ୍ଦ କରି ନୂତନ ମାର୍କେଟ୍ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନିଆଯାଉଥିଲେ ହେଁ ଏଥିରେ ବହୁ ବିଳମ୍ବ ପରିଲକ୍ଷିତ ହୋଇଛି । ଯଦ୍ୱାରା କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ବ୍ୟବସାୟୀ ରାସ୍ତା କଡ଼ରେ ଉଠାଦୋକାନୀ ଭାବେ ଭାଗ୍ୟକୁ ଆଦରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି । ଏ କ୍ଷେତ୍ରରେ ଉଭୟ ବିଏମ୍‌ସି ଓ ବିଡ଼ିଏ କର୍ତ୍ତୃପକ୍ଷଙ୍କୁ ବ୍ୟବସାୟୀ ଓ ସହରବାସୀ ମୁଖ୍ୟତଃ ଦାୟୀ କରିଛନ୍ତି । ଦୀର୍ଘ ବର୍ଷ ପରେ ମଧ୍ୟ କର୍ପୋରେସନ୍ ରୋଡ୍‌ରେ ବିଡ଼ିଏ ପକ୍ଷରୁ ବହୁ ପ୍ରତୀକ୍ଷିତ ଗଞ୍ଜାମ ହାଟ ଆରମ୍ଭ ହୋଇପାରିନଥିବା ବେଳେ ନିକଟ ଅତୀତରେ ସହରର ଅନ୍ୟତମ ପୁରୁଣା ମାର୍କେଟ୍ ଗିରି ମାର୍କେଟ୍‌କୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ସେଠାରେ ମଧ୍ୟ ନୂତନ ମାର୍କେଟ୍ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ସେହିଭଳି ସହରର ଅନ୍ୟତମ ପ୍ରମୁଖ ମାର୍କେଟ୍ ହେଉଛି କମାପଲ୍ଲୀ ମାର୍କେଟ୍ । ରାସ୍ତା ଉପରେ ବସିଥିବା ଉଭୟ ପନିପରିବା ଓ ଆମିଷ ମାର୍କେଟ୍‌କୁ ଜିଲ୍ଲା କୋର୍ଟ ନିକଟରୁ ଉଚ୍ଛେଦ କରାଯାଇଥିଲା । ପରବର୍ତ୍ତୀ ସମୟରେ ମେଡ଼ିକାଲ୍ ଛକ ନିକଟରେ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ଉଭୟ ପନିପରିବା ଓ ଆମିଷ କାରବାର ପାଇଁ ପ୍ରତିଷ୍ଠା କରାଯାଇଥିଲା । ବିସ୍ଥାପିତ ବ୍ୟବସାୟୀଙ୍କୁ ଏଠାରେ ଲଟେରୀ ମାଧ୍ୟମରେ ଥଇଥାନ କରାଯାଇଥିଲା । ତେବେ ବ୍ୟବସାୟୀଙ୍କ ତୁଳନାରେ ପିଣ୍ଡି ବା ଦୋକାନ ଗୃହ ସଂଖ୍ୟା କମ୍ ଥିବାରୁ ବହୁ ବ୍ୟବସାୟୀଙ୍କୁ ନିରାଶ ହେବାକୁ ପଡ଼ିଥିଲା । ଦୁଇ ମହଲା ବିଶିଷ୍ଟ ହାଇଜେନିକ୍ ଆମିଷ ବଜାରର ଉଭୟ ମହଲାରେ ୩୬ଟି ଲେଖାଏଁ ମୋଟ୍ ୭୨ଟି ପିଣ୍ଡି କରାଯାଇଥିବା ବେଳେ ଗ୍ରାହକମାନେ ଦ୍ୱିତୀୟ ମହଲାକୁ ଯିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଦ୍ୱିତୀୟ ମହଲାକୁ କୌଣସି ଆମିଷ ବ୍ୟବସାୟୀ ନଯାଇ ତଳ ମହଲାରେ ବସି କାରବାର କଲେ । ଫଳରେ ଉପର ମହଲା କାର୍ଯ୍ୟକ୍ଷମ ନହୋଇ ଖାଇପଡ଼ିଲା। ତଳ ମହଲାରେ ଚାଲିଥିବା ମାଛ ବଜାରରେ ପାଣିର ଅଭାବ ଯୋଗୁ ବ୍ୟବସାୟୀଙ୍କୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେବାକୁପଡୁଛି । ସେପଟେ ଭେଣ୍ଡିଂ ଜୋନ୍ ସମ୍ମୁଖରେ ଏକ ଶୌଚାଳୟ ପ୍ରତିଷ୍ଠା କରାଯାଇଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି । ଅନ୍ୟପଟେ ହାଇଜେନିକ୍ ମାଛ ବଜାର ନିକଟରେ ବିଏମ୍‌ସିର ଡମ୍ପିଂ ପଏଣ୍ଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ଅନୁରୂପ ଭାବେ ପନିପରିବା ବ୍ୟବସାୟ ପାଇଁ ନୂତନ ଭାବେ ନିର୍ମିତ ଦୁଇ ମହଲା ବିଶିଷ୍ଟ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍‌ର ପ୍ଲାନ୍‌ରେ ବାରମ୍ବାର ପରିବର୍ତ୍ତନ ଫଳରେ ନିର୍ମାଣ କାର୍ଯ୍ୟ ବହୁ ବିଳମ୍ବ ହୋଇଛି । ତେବେ ଗତ ଅଗଷ୍ଟ ୩୧ ତାରିଖ ସ୍ୱାୟତଶାସନ ଦିବସ ଅବସରରେ ଯଦିଓ ଏହାକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି ହେଲେ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଷ୍ଟାଣ୍ଡିଂ କମିଟି ବୈଠକ ପରେ ପିଣ୍ଡି ଆବଣ୍ଟନ୍ କିଭଳି ହେବ ସେ ନେଇ ଚୁଡ଼ାନ୍ତ ନିଷ୍ପତି ହେବ ଏବଂ ତାହାପରେ ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ମେୟର ସଂଘମିତ୍ରା ଦଳେଇ । ଅନୁରୂପ ଭାବେ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ସ୍ଥାନୀୟ କିଛି ଉଠାଦୋକାନୀଙ୍କୁ ଥଇଥାନ କରିବାକୁ ଯାଇ ଦୀର୍ଘ ବର୍ଷ ପୂର୍ବେ ବିଏମ୍‌ସି ପକ୍ଷରୁ ୧୪ଟି ଦୋକାନ ଗୃହ ଥିବା ଭେଣ୍ଡିଂ ଜୋନ୍ କରାଯାଇଛି । ତେବେ କୌଣସି କାରଣରୁ ଏହାକୁ ମଧ୍ୟ ଆବଣ୍ଟନ୍ କରାଯାଇନାହିଁ । ଗୋଟିଏ ପଟେ ରାସ୍ତା କଡ଼ରୁ ଉଠାଦୋକାନୀଙ୍କୁ ହଟାଇ ସେମାନଙ୍କୁ ସହରର ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ ଏବଂ ମାର୍କେଟ୍ ପ୍ରତିଷ୍ଠା କରି ଥଇଥାନ କରିବାକୁ ଲକ୍ଷ୍ୟ ରହିଥିଲେ ହେଁ ସେଥିରେ ବହୁ ବିଳମ୍ବ ଘଟୁଥିବା ପରିଲକ୍ଷିତ ହେଉଛି । ଏନେଇ ଉଭୟ ବିଡ଼ିଏ ଏବଂ ବିଏମ୍‌ସି ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଭେଣ୍ଡିଂ ଜୋନ୍‌ଗୁଡ଼ିକୁ ପ୍ରାଥମିକତା ଦେଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ବିଏମ୍‌ସି କମିଶନର ତଥା ବିଡ଼ିଏ ଉପାଧ୍ୟକ୍ଷ ପ୍ରଥମେସ ଅରବିନ୍ଦ ରାଜସିର୍କେ । ସେହିଭଳି ଗଞ୍ଜାମ ହାଟକୁ କିଭଳି ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇପାରିବ ସେ ନେଇ ବ୍ୟବସାୟୀଙ୍କ ସହିତ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ତୁଳସୀକ୍ଷେତ୍ର କଳାକାର ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ତୁଳସୀକ୍ଷେତ୍ର କଳାକାର ସଂଘ ପକ୍ଷରୁ ଓଡ଼ିଶା ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ (ଭୁବନେଶ୍ୱର)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳ ରଘୁରାମ୍.ଆର୍.ଆଇ.ଆର୍‌ଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସଂଘ ତରଫରୁ ଆସନ୍ତା ନଭେମ୍ବର ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କେନ୍ଦ୍ରାପଡା ଜିଲ୍ଲା ତୁଳସୀକ୍ଷେତ୍ର ମହୋତ୍ସବ କରିବା ପାଇଁ ଜିଲ୍ଲାର ସବୁବର୍ଗର କଳାକାରମାନଙ୍କୁ ନେଇ ତୁଳସୀକ୍ଷେତ୍ର କଳାକାର ସଂଘ ନିଷ୍ପତ୍ତି ନେଇଛି। ଏହି କାର୍ଯ୍ୟକ୍ରମରେ ଦାସକାଠିଆ, ଘୋଡାନାଚ, ସଂକୀର୍ତ୍ତନ, କେନ୍ଦରା, ଶ୍ରୀରାମଲୀଳା, ଗୀତିନାଟ୍ୟ, ତୁଳସୀ ବିବାହ ଭଜନ, ଘଣ୍ଟ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଷଣ୍ଢନୃତ୍ୟ, ପ୍ରବଚନ ଓ ମୃଦଙ୍ଗ ବାଦ୍ୟ ପରିବେଷଣ ହେବାପାଇଁ ସ୍ଥିର ହେବା ସଙ୍ଗେ ବରିଷ୍ଠ ବୃଦ୍ଧ, ବୃଦ୍ଧା, କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି। ତେଣୁ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ଗୁଡ଼ିକୁ କରିବା ପାଇଁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଗଗନ ବିହାରୀ ସିଂ, ବିଦୁଭୂଷଣ ତ୍ରିପାଠୀ, ବିଭୁତି ପଟ୍ଟନାୟକ, ପରୀକ୍ଷିତ ବିଶ୍ୱାଳ, ସତ୍ୟନାରାୟଣ ପରିଡା, ଶ୍ରୀଧର ସାହୁ, ବସନ୍ତ ବେଉରା, ବାବାଜି ବେହେରା, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ମହାତ୍ମାଗାନ୍ଧୀଙ୍କ ସତ୍ୟାଗ୍ରହ ପରମାଣୁ ବୋମା ଠାରୁ ଅଧିକ ଶକ୍ତିଶାଳୀ ଥିଲା'

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**




ମହାତ୍ମା ଗାନ୍ଧୀ ଜାତି, ଧର୍ମ, ସମ୍ପ୍ରଦାୟରୁ ଉର୍ଦ୍ଧ୍ୱରେ ରହି ଦେଶବାସୀଙ୍କ ସେବା କରୁଥିଲେ । ସେ ଥିଲେ ସେବା, ତ୍ୟାଗ ଓ ତିତିକ୍ଷାର ଆଲୋକବର୍ତ୍ତିକା। ସତ୍ୟ ଓ ଅହିଂସା ମାର୍ଗରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ସେ ଏକ ନୂତନ ଦିଶା ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ପରମାଣୁ ବୋମା ଠାରୁ ଅଧିକ ଶକ୍ତିଶାଳୀ ଥିଲା ବୋଲି ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଗ୍ରାମ ଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ମତପ୍ରକାଶ ପାଇଛି। ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ ସାହୁ ମୁଖ୍ୟଅତିଥି, ସାମାଜିକ କର୍ମୀ ଅଭିମନ୍ୟୁ ଧଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଜଳଧର ମଳିକ, ବ୍ରଜମୋହନ ମହାନ୍ତି, ପ୍ରଶାନ୍ତ ଜେନା, ରବିନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନ ଆଦର୍ଶ ଓ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ଗାନ୍ଧୀବାଦର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ୍ଦେ ଉତ୍କଳ ଜନନୀର ପ୍ରତିଷ୍ଠାତା ସ୍ୱର୍ଗତ ରବି ଲାବଣ୍ୟଙ୍କର ଭୂମିକାକୁ ଅତିଥିମାନେ ସ୍ମୃତି ଚାରଣ କରିବା ସହିତ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ନିତ୍ୟାନନ୍ଦ ବେହେରା, ପ୍ରଭାତ କୁମାର ପଣ୍ଡା, ନରେନ୍ଦ୍ର କୁମାର ଜେନା, ଦୟାନିଧି ଦାଶ, ମହେଶ୍ୱର ବିଶ୍ୱାଳ, ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ନରେନ୍ଦ୍ର କୁମାର ସିଂ, ରବିନ୍ଦ୍ର ଦାଶ, ଭରତ ଚନ୍ଦ୍ର ଦାସ, ବିବେକାନନ୍ଦ ଦାସ, ଜଗନ୍ନାଥ ମହାନ୍ତି, କିଶୋର କୁମାର ଜେନା, ଗଗନ ବିହାରି ରାଉତ, ନିରଞ୍ଜନ ବେହେରା, ଶରତ ଜେନା, ହେମନ୍ତ ଜେନା, ଧିରେନ୍ଦ୍ର ଦାସ, ଚକ୍ରଧର ସାହୁ, ପ୍ରମୋଦ ଜେନା, ରଣଜିତ ନାଏକ, ସୁଜିତ ଜେନା, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଝୁନାରାଣୀ ମିଶ୍ର, ରାଧାରାଣୀ ପଣ୍ଡା, ସନ୍ତୋଷିନୀ ପଣ୍ଡା, କଳ୍ପନା ଜେନା, ଲକ୍ଷ୍ମୀପ୍ରିୟା ଜେନା, ସ୍ୱର୍ଣ୍ଣପ୍ରଭା ପଣ୍ଡା, ଅନ୍ନପୂର୍ଣ୍ଣା ଜେନା, ସୁଚିତା ଜେନା, ରଶ୍ମିତା ନାଏକ, ଅମ୍ବିକା ସାହୁ, ସରସ୍ୱତୀ ସାହୁ, ରଞ୍ଜୁଲତା ସାହୁ, ଗିତାଞ୍ଜଳୀ ସାହୁ, ମାନସୀ ଦାସ, ମିତା ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ସଂଯୁକ୍ତା ପାଣିଗ୍ରାହୀ, ଦୀପିକା ବରାଳ, ସାବିତ୍ରୀ ଜେନା, ସବିତା ବିଶ୍ୱାଳଙ୍କ ସମେତ ଶତାଧିକ ମହିଳା ପୁରୁଷ ଉତ୍ସବରେ ଯୋଗଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଜାତି ବହୁଳ ଗ୍ରାମର ଗ୍ରାମସଭାରେ ଗ୍ରାମ କାର୍ଯ୍ୟଖସଡ଼ା ଅନୁମୋଦିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିକଶିତ ଭାରତ ଗଠନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ଅନୁସୂଚିତ ଜନଜାତି ଗ୍ରାମଗୁଡିକରେ ସମସ୍ତ ସୁବିଧା ପହଞ୍ଚାଇବା ସହ ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ ସମ୍ପନ୍ନ କରାଯାଉଛି । ସରକାରୀ କର୍ମଚାରୀଙ୍କ ମଧ୍ୟରେ ସେବା, ସମର୍ପଣ ଓ ସଂକଳ୍ପ ମନୋଭାବ ସୃଷ୍ଟି କରି କର୍ମ ସମ୍ପାଦନ କରିବା ହେଉଛି ଆଦି କର୍ମଯୋଗୀ ଅଭିଯାନର ମୂଳ ଲକ୍ଷ୍ୟ । ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ତରଫରୁ ଧରତି ଆବା- ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ କଟକ ଜିଲ୍ଲାର ୪ ଗୋଟି ବ୍ଲକର ମୋଟ୍ ୧୫ ଗୋଟି ପଞ୍ଚାୟତର ସମୁଦାୟ ୨୧ଟି ଜନଜାତି ବହୁଳ ଗ୍ରାମକୁ ଆଦି କର୍ମଯୋଗୀ ଅଭିଯାନରେ ସାମିଲ୍ କରାଯାଇଛି । ବାରଙ୍ଗ ବ୍ଲକର ଚକ୍ରଧରପୁର, ଆଠଗଡ଼ ବ୍ଲକର ସୌରିଆ, ଗୋବାରା, ଦମ୍ପତିପୁର, ରାହାଙ୍ଗୋଳ, ଖଣ୍ଡୁଆଳି, ରାଧାକୃଷ୍ଣପୁର, ମାଧପୁର, ଟାଙ୍ଗୀ-ଚୌଦ୍ୱାର ବ୍ଲକର କୋଚିଲାନୁଆଗାଁ, ରାମଚନ୍ଦ୍ରପୁର, ଆମ୍ବିଳିଝରି, ବଡ଼କୁସୁନପୁର, କରଞ୍ଜି, ମାଛପଙ୍ଗି, ଚନ୍ଦନପୁର, କୁସପଡା, ବଡପୋଖରୀ, ଅଭୟପୁର, ବଡମ୍ବା ବ୍ଲକର ମୁଲିଆବାଙ୍କ, ବୁଢ଼ାପଙ୍କ, ଖଳିବାଟି ଗ୍ରାମ ଗୁଡ଼ିକ ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଅଟନ୍ତି । ଆଦି କର୍ମଯୋଗୀ ଅଭିଯାନ ମାଧ୍ୟମରେ ପ୍ରତ୍ୟକ ଗ୍ରାମରୁ ଅତି କମ୍‌ରେ ୨୦ଜଣ ଆଦି ସାଥୀ ଓ ୧୦ ଜଣ ଆଦି ସହଯୋଗୀ ଚୟନ କରି ନିଜ ଅଞ୍ଚଳର ବିକାଶର ବାହକ ହେବା ସହ ବିକଶିତ ଭାରତ ଅଂଶିଦାରୀ ହେବାର ଲକ୍ଷ୍ୟ ରଖାଯାଇଥିବା ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି । ଧରିତି ଆବା-ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ଗ୍ରାମର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତ ବିଭାଗର ସହମତିରେ ପ୍ରତ୍ୟେକ ଗ୍ରାମ ପାଇଁ ଏକ Village Vision Plan ଓ Village Action Plan (ଗ୍ରାମ କାର୍ଯ୍ୟ ଖସଡ଼ା) ପ୍ରସ୍ତୁତି କରାଯିବା ସହ ଅକ୍ଟୋବର ୨ ତାରିଖରେ ପଞ୍ଚାୟତର ଗ୍ରାମସଭାରେ ଗ୍ରାମର Village Action Plan (ଗ୍ରାମ କାର୍ଯ୍ୟ ଖସଡ଼ା) ଅନୁମୋଦନ କରାଯାଇଛି। ଏହି ଅଭିଯାନ ଅଧୀନରେ ଜାତୀୟ ରକ୍ତହୀନତା ଦୂରୀକରଣ, ବୃତ୍ତି ପ୍ରଦାନ, ପିଏମ୍ କିଶାନ୍, ପିଏମ୍ ପୋଷଣ ଆଦି ଅନ୍ତର୍ଭୁକ୍ତ । ୧୭ ସେପ୍ଟେମ୍ବର ୨୦୨୫ ରୁ ୨୭ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଏହିସବୁ ଗ୍ରାମଗୁଡିକରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିବା ସହ ନୂତନ ଆଧାର କାର୍ଡ ତିଆରି କରିବା, ଆଧାର update କରିବା, ବ୍ୟାଙ୍କ ଖାତା ଖୋଲିବା, ଆୟୁଷ୍ମାନ ଭାରତ କାର୍ଡ ଯୋଗାଇ ଦେବା ଆଦି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଆଦି ସେବା ପର୍ବ ପାଳନ କରାଯାଇଥିଲା। ଏଥିସହ ବିଦ୍ୟାଳୟ, ଅଙ୍ଗନୱାଡ଼ି, ଗ୍ରାମପଞ୍ଚାୟତ ତଥା ଗ୍ରାମ ସ୍ତରରେ ସ୍ୱାସ୍ଥ୍ୟ ଓ ପରିମଳ, ଚିତ୍ରାଙ୍କନ, କୌତୁକ ପୋଷାକ, ବକ୍ତୃତା, ମୃତ୍ତିକା ହସ୍ତ କଳା, ନୃତ୍ୟ ପରିବେଷଣ, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ଅବହେଳିତ ଶଙ୍ଖଯୋଡ଼ି ବନ୍ଧମୁଣ୍ଡାବାସୀ



**ରଣପୁରଗଡ଼, ନ୍ୟୁଜ୍ ବ୍ୟୁରୋ**

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକର ସବୁଠାରୁ ଅବହେଳିତ ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତ ହେଉଛି ବନ୍ଧମୁଣ୍ଡା। ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ପାନୀୟଜଳ ଓ ବିଦ୍ୟୁତର ଲୁଚକାଳି ଖେଳ ଅଞ୍ଚଳବାସୀଙ୍କ ପାଇଁ କାଳ। ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଅଛି ହେଲେ ବିଦ୍ୟୁତର ଲୁଚକାଳି ଖେଳ ଯୋଗୁ ଚୁଆ ଗୋଳିଆ ପାଣି ଭରସା। ପାନୀୟଜଳ ଯୋଗାଣ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗକୁ ଦୋଷ ଦେଉଥିବା ବେଳେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ପାନୀୟଜଳ ବିଭାଗ ଯନ୍ତ୍ରୀ ଉପରେ ଦୋଷ ଦେଉଛନ୍ତି। ଅପର ପକ୍ଷରେ ନିଷ୍ପେସିତ ହେଉଛନ୍ତି ଆଦିବାସୀ। ସେଭଳି ଦେଖିବାକୁ ମିଳୁଛି ଶଙ୍ଖଯୋଡି ଓ ବନ୍ଧମୁଣ୍ଡା ଗ୍ରାମରେ। ଏବେ ପ୍ରକଳ୍ପ ଅଛି କିନ୍ତୁ ତିନି ମାସ ହେଲା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁନି। ଲୋକମାନେ ଚୁଆ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ସଂକ୍ରମିତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ମହାନ୍ତି କୁହନ୍ତି ପ୍ରକଳ୍ପକୁ ତିନି ଫେଜ୍ ବିଦ୍ୟୁତ୍ ସଂଯୋଗ ବ୍ୟତିକ୍ରମ ହେଉଛି। ତେଣୁ ପ୍ରକଳ୍ପ କାର୍ଯ୍ୟ କରୁନାହିଁ। ଆମେ ଓ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରିଛୁ କିନ୍ତୁ ସେମାନେ ମରାମତି କରୁନାହାନ୍ତି। କିନ୍ତୁ ଟାଙ୍ଗୀ ବିଦ୍ୟୁତ୍ ବିଭାଗ ଉପଖଣ୍ଡୀୟ ପରିଚାଳକ ଯନ୍ତ୍ରୀ ଅତିତ କୁମାର ମହାପାତ୍ର କୁହନ୍ତି ଆମ ବିଭାଗ ପାଖରେ କୌଣସି ଅଭିଯୋଗ ନାହିଁ। ଖବର ପାଇଲୁ ତେଣୁ ଏବେ କର୍ମଚାରୀ ପଠାଇ କଣ ଅସୁବିଧା ଦେଖିବାକୁ ପଡିବ। ବିଭାଗୀୟ ଉଚ୍ଚ ଅଧିକାରୀ ସମସ୍ୟା ପ୍ରତି ଦୃଷ୍ଟିଦେଇ ପ୍ରକଳ୍ପକୁ ସଚଳ କରିବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

## କଣ୍ଟାବାଞ୍ଜି ବିଜେଡ଼ି କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ଗାନ୍ଧୀ ଜୟନ୍ତୀ ଅବସରରେ କଣ୍ଟାବାଞ୍ଜି ବିଜେଡ଼ି କାର୍ଯ୍ୟାଳୟରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଗଲା । କାର୍ଯ୍ୟକ୍ରମ ଅଧ୍ୟକ୍ଷତା ଡା. ଅମଜଦ୍ ଖାନ୍ କଲେ । ବଙ୍ଗୋମୁଣ୍ଡା, ତୁରେକେଲା, ମୁରିବହାଲ ବ୍ଲକ୍ ଓ କଣ୍ଟାବାଞ୍ଜି ରୁ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଲେ । ଏହି ଅବସରରେ ଡା. ଅମଜଦ୍ ଖାନ୍, ରାଧେଶ୍ୟାମ କେତକି, ଲାଲଚନ୍ଦ ପୁଟେଲ, ଭକ୍ତବନ୍ଧୁ ବେହେରା, ଗୁରୁଚରଣ ଠେଲା, ଓମ୍ ରାୟ, ଅକ୍ଷୟ ସାହୁ, ନୃପତି ବେହେରା, ମନୋରଞ୍ଜନ ଭୋଇ, ସିମରନ୍ କୌର, ମୁକେଶ ଭୋଇ, ଏସ୍.କେ. ଅନବର, ଅବ୍ଦୁଲ ତାହିର, ମୁଇନୁଦ୍ଦିନ୍ ମଣିହାର, ସୂର୍ଯ୍ୟ ମିଶ୍ର, ଅନୀତା କର, ଖୁଶୀରାମ ନାୟକ, ସତ୍ୟ ରାୟ, ସନ୍ୟାସୀ ପୁଟେଲ, ଏସ୍.କେ. ଅମଜଦ୍, ଗୁଡୁ ପଣିକା ସହିତ ଅନେକ ବିଜେଡ଼ି ନେତାମାନେ ଉପସ୍ଥିତ ଥିଲେ । ସଙ୍କଳ୍ପ ପତ୍ର ପଢ଼ିଥିଲେ ଲାଲଚନ୍ଦ ପୁଟେଲ ଏବଂ ଧନ୍ୟବାଦ ଜ୍ଞାପନ ଦେଇଥିଲେ ରାଧେଶ୍ୟାମ କେତକି । ପଦଯାତ୍ରା କାର୍ଯ୍ୟକ୍ରମର ବିବରଣୀ ଡା. ଅମଜଦ୍ ଖାନ୍ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ସମାଜ ସେବାର ଆଦର୍ଶକୁ ଅନୁସରଣ କରିବାକୁ ସମସ୍ତେ ଶପଥ ନେଲେ ।




## ଫିଟ୍ ଆଣ୍ଡ ଫାଇନ୍ କ୍ଲବ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଫିଟ୍ ଆଣ୍ଡ ଫାଇନ୍ କ୍ଲବ ପକ୍ଷରୁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ଜୟନ୍ତୀ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳେ ଚୋରଦା କାଳୀ ମେଲଣ ପଡିଆରୁ ବାହାରି ବ୍ୟାସନଗର ହାଇସ୍କୁଲରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚୋରଦା ଛକରେ ଥିବା ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରି ଦୁଇ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଚୋରଦା ଛକ ଠାରେ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଦେଶ ସ୍ୱାଧୀନତାରେ ଗାନ୍ଧୀଜୀ ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ବିନୋଦ କୁମାର ଶର୍ମା, ସନ୍ତୋଷ କୁମାର ମହାନ୍ତି, ପ୍ରମୋଦ କୁମାର ବୋଇତାଇ, ସାମ୍ବାଦିକ ପବିତ୍ର ରଂଜନ ମହାନ୍ତି, କାଉନସିଲ ମଣୀନ୍ଦ୍ର କୁମାର ସାହୁ, ଅକ୍ଷୟ କୁମାର ଦେଓ, ରବୀନ୍ଦ୍ରନାଥ ଦେଓ, ବିଜୟ କୁମାର ମହାନ୍ତି, ଶରତ ଚନ୍ଦ୍ର ଦାଶ, ସୁଦର୍ଶନ ବେହୁରା, ରମାକାନ୍ତ ଦାସ, ମାନସ ରଞ୍ଜନ ସିଂ, ସୁସାନ୍ତ କୁମାର ରାଉତ, ସୁସାନ୍ତ କୁମାର ନାୟକ, ତାପସ ରଞ୍ଜନ ଚକ୍ର, ଶରତ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ମହାରଣା, ପ୍ରଦୀପ କୁମାର ଦେଓ, ଅଜୟ କୁମାର ଦାସ, ମୁକେଶ କୁମାର ଗୁପ୍ତ, ନିତ୍ୟାନନ୍ଦ ରାୟ, ଜୟଜିତ୍ ପରିଡା, ହେମନ୍ତ ପୋଥାଳ, ନରେନ୍ଦ୍ର ଦାସ, ବିଶ୍ୱଜିତ୍ ସେଠୀ, ଅଶ୍ୱିନୀ ଦାସ ଓ ମନୋଜ କୁମାର ସାମଲ ପ୍ରଭୃତି ସଭ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ।

## ଆସନ୍ତା ୬ ତାରିଖରୁ ଆରମ୍ଭ ହେବ ପ୍ରସିଦ୍ଧ ହରଗୌରୀ ଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୬ ତାରିଖରୁ ସହରର ଢ଼େରାପଡା ଠାରେ ଆରମ୍ଭ ହେବ ପ୍ରସିଦ୍ଧ ହରଗୌରୀ ଯାତ୍ରା । ପ୍ରତିବର୍ଷେ ଅନ୍ତରରେ ଏହା ସହରର ତେଲୁଗୁ ସମ୍ପ୍ରଦାୟ ଦେବାଙ୍ଗ (ଢେରା)ଙ୍କ ଦ୍ୱାରା ଆୟୋଜନ ହେଉଥିବା ଏହି ଯାତ୍ରା ୬ ତାରିଖରେ ପ୍ରଥମେ ଗୌରୀଙ୍କ ଆଗମନ ପରେ ୮ ତାରିଖରେ ହରଙ୍କୁ ଆମନ୍ତ୍ରଣ କରି ଅଣାଯିବ । ପ୍ରତିଦିନ ହରଗୌରୀଙ୍କ ଠାରେ ସୁପ୍ରଭାତମ୍, ମହାପୂଜା, ରୁଦ୍ରାଭିଷେକ ପ୍ରଭୃତି ଜାରି ରହିବା ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ । ୯ ତାରିଖରେ ବଲାଙ୍ଗୀରର ଡ୍ୟାନ୍ସ ଗୃପ୍ କିଲର୍ ବଏଜ୍‌ଙ୍କ ଦ୍ୱାରା ଡ୍ୟାନ୍ସ ପରିବେଷଣ ହେବାକୁ ଥିବାବେଳେ ୧୦ ତାରିଖରେ ଭକ୍ତି ଆରାଧନା ଭଜନ ସନ୍ଧ୍ୟା, ୧୧ ତାରିଖରେ ବର୍ଷାରାଣୀ ତ୍ରିପାଠୀଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ ହେବ। ୧୨ ତାରିଖରେ ସମ୍ବଲପୁରର ପଞ୍ଚବାଦ୍ୟ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକ ନୃତ୍ୟ ପରିବେଷଣ ରହିଛି। ୧୩ ତାରିଖରେ ହରିଓଁ ମେଲୋଡି ଓ ୧୪ ତାରିଖ ଭୁବନେଶ୍ୱରର ତରଙ୍ଗ ସଙ୍ଗୀତ ଭଜନ ସନ୍ଧ୍ୟା ଓ ମଧ୍ୟରାତ୍ରରୁ ଉଷାଶି ଉତ୍ସବ ଅନୁଷ୍ଠିତ ହେବ ବୋଲି ବୁଢ଼ିମା କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ସହଦେବ ପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ଏହି ଅବସରରେ କୁଙ୍କୁମପୂଜା ସହ ଦେବାଙ୍ଗ ଦମ୍ପତିଙ୍କ ପାଇଁ ଏକ ଦିକ୍ଷା ପ୍ରଦାନ ସମାରୋହ ଆୟୋଜିତ ହେବ। ଦେବାଙ୍ଗ ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ଯାତ୍ରା ୯ ଦିନ ଧରି ଚାଲିବ ବୋଲି ଯାତ୍ରା କମିଟିର ସମ୍ପାଦକ ବି. ସତ୍ୟନାରାୟଣ ରାଓ ସୂଚନା ଦେଇଛନ୍ତି ।



## ବିଜେଡ଼ିର ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧଦିବସ ପାଳନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନୀଳମଣି ରାଉତରାୟଙ୍କର ପୁଣ୍ୟ ତିଥି ଏ.ଜି. ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଛି। ଶ୍ରୀ ରାଉତରାୟଙ୍କର ରାଜନୀତିର ଜୀବନ ଥିଲା ସ୍ୱଚ୍ଛ ଓ ନିଷ୍କଳଙ୍କ। ସେ ଜଣେ ଅମାୟିକ ଓ ନିରହଙ୍କାରୀ ବ୍ୟକ୍ତିତ୍ୱ ଥିଲେ। ସାରା ଜୀବନ ସେ କାର୍ଯ୍ୟନିଷ୍ଠା ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନ ସାଢ଼େ ଆଠଟା ସମୟରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅଲେଖ ପ୍ରସାଦ ପ୍ରଧାନ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, କରୁଣାକର ନନ୍ଦୀ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲା ବେଳେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ନବ ମାତୃକା ଭାବେ ପୂଜା ପାଇଲେ ନଅଜଣ ମହିୟସୀ ମା'

**ବାଲେଶ୍ୱର, ନ୍ୟୁଜ୍**




ସାମ୍ପ୍ରତିକ ସମାଜରେ ମାତୃ ଜାତି ପ୍ରତି ଅବହେଳା ଓ ଅସମ୍ମାନକୁ ଆଖିଆଗରେ ରଖି ନବମାତୃକା ପୂଜା ସମସାମୟିକ ଆନ୍ଦୋଳନ ଆରମ୍ଭ ହୋଇଛି। ଧୀରେ ଧୀରେ ସମାଜରେ ଥିବା ଯୌଥ ପରିବାର ଏକକ ପରିବାରରେ ରୂପ ନେଉଛି। ଯିଏ ହାତରେ ଗଢ଼ିଥିଲା ଘର, ତାର ଆଶ୍ରୟ ହେଉଛି ବୃଦ୍ଧାଶ୍ରମ । ଯାହା ଏକ କ୍ରମ ବର୍ଦ୍ଧିଷ୍ଣୁ ସାମାଜିକ ବ୍ୟାଧି । 'ମୋ ମାଆ ହିଁ ଦୁର୍ଗା ମାଆ' ନ୍ୟାୟରେ ରେମୁଣା ନବମାତୃକା ପୂଜା କମିଟି ଦ୍ୱାରା ବାଲେଶ୍ୱର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ମହିୟସୀ ଓ ଗରିୟସୀ ସଫଳ ନଅ ଜଣ ମାଆଙ୍କୁ ପ୍ରତୀକାତ୍ମକ ଭାବେ ପୂଜା ହୋଇଆସୁଥିବା ବେଳେ ଚଳିତ ବର୍ଷ ଉତ୍ତର ଓଡ଼ିଶା ଭଦ୍ରକ, କେଉଁଝର, ମୟୂରଭଞ୍ଜ, ବାଲେଶ୍ୱରର ପ୍ରତିଭା ସମ୍ପନ୍ନ ନଅ ଜଣ ମାଆଙ୍କୁ ବାଲେଶ୍ୱର ସହରର ବ୍ରିଟ କଲ୍ୟାଣ ମଣ୍ଡପରେ ମହାନବମୀ ତିଥିର ପୂର୍ବାହ୍ନରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ନବମାତୃକା ପ୍ରେରଣାମୟୀ ମାଆ ସରସ୍ୱତୀ ଦାସ, (ବାଲେଶ୍ୱର) ସୁଗୃହିଣୀ ମାଆ ବସନ୍ତୀ ଦାସ, (ବାଲେଶ୍ୱର) ସଂଗ୍ରାମୀ ମାଆ ବନଲତା ଜେନା, (ଭଦ୍ରକ), ସେବାମୟୀ ମାଆ ସୁବାସିନୀ ବେହେରା (ମୟୂରଭଞ୍ଜ), ସାହିତ୍ୟିକା ମାଆ ଡ. କଳ୍ପନା ମହାନ୍ତି, (କେନ୍ଦୁଝର) ଚିକିତ୍ସିକା ମାଆ ଡା. ଭାରତୀ ବେହେରା (କେନ୍ଦୁଝର), ଅଧ୍ୟାପିକା ମାଆ ଡ. ରାଧାରାଣୀ ମହାପାତ୍ର (ଭଦ୍ରକ), ଯୋଗଗୁରୁ ମାଆ ଶୈଳବାଳା ପାଣିଗ୍ରାହୀ (ବାଲେଶ୍ୱର) ପ୍ରକୃତି ମାଆ ଗୋଲାପ ମଣି ରାଉତ (ମୟୂରଭଞ୍ଜ)ଙ୍କ ଉପସ୍ଥିତିରେ ମାତୃ ଜାତିର ସର୍ବମଙ୍ଗଳ କାମନା କରି ହୋମ ଯଜ୍ଞ ଆୟୋଜନ କରାଯାଇଥିଲା। ହୋମ କର୍ତ୍ତା କର୍ତ୍ତୀ ଭାବେ ଶିଳ୍ପୀ କେଶୁ ଦାସ ଓ ଧର୍ମପତ୍ନୀ କନକଲତା ଦାସ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପୁରୋହିତ ଭାବେ ଗୀତାରାଣୀ ପୁରୀ କାର୍ଯ୍ୟ ତୁଲାଇଥିଲେ। ହୋମ ପରେ ରାଧାରାଣୀ ଓମେନ ଉଇଙ୍ଗସ୍ ସଦସ୍ୟା ମାନଙ୍କ ଦ୍ୱାରା ଶଙ୍ଖ ହୁଳହୁଳି ପକାଇ ମାଆ ମାନଙ୍କୁ ପୂଜା ବେଦୀରେ ଉପବିଷ୍ଟନ କରାଇଥିଲେ। ପୂଜନର ଆଦ୍ୟରେ ଅନ୍ୟତମ ଆବାହିକା ତଥା ଯୁଗଶ୍ରୀ ଯୁଗନାରୀ ସମ୍ପାଦିକା ମମତା ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କମିଟିର ସଭାପତି ଡଃ ଭାଗବତ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିଲେ । ବିକର୍ତ୍ତନ ନାୟକ ମାଆମାନଙ୍କ ଉଦ୍ଦେଶ୍ୟରେ ଆବାହନୀ ସଙ୍ଗୀତ ପରିବେଷଣ କରିଥିବା ସମୟରେ ଶିଳ୍ପୀ କେଶୁ ଦାସ ଓ କନକଲତା ଦାସ ମାଆମାନଙ୍କ ପାଦ ପ୍ରକ୍ଷାଳନ, କନକଲତା ମାହାର୍ଣ୍ଣା ଓ ବିଜୟ ମାହାର୍ଣ୍ଣା ଅଙ୍ଗ ପ୍ରସାଧନ, କୁମୁଦିନୀ ସାହୁ ଓ ପ୍ରଭାକର ସାହୁ ମାଲ୍ୟାର୍ପଣ, ପାଞ୍ଚାଳୀ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ ବସ୍ତ୍ର ପ୍ରଦାନ, ସୁକାନ୍ତି ପାଣିଗ୍ରାହୀ ଓ ଗିରୀଶ କୁମାର ଷଡଙ୍ଗୀ ଅଳଙ୍କାର ପ୍ରଦାନ, ମୀନତି ପାତ୍ର ଓ ସୀତନାଥ ଦାସ ଗୋପୀନାଥଙ୍କ କ୍ଷୀର ଭୋଗ ପ୍ରଦାନ, ସତ୍ୟବତୀ ରାଉତ ଓ ରାଜେନ୍ଦ୍ର କୁମାର ରାଉତ ପ୍ରଣାମି ପ୍ରଦାନ ପରେ ସମୂହ ଆଳତି କରାଯାଇଥିଲା। କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ସ୍ୱରଚିତ ନାବାକ୍ଷରୀ ଗୁଣ କୀର୍ତ୍ତନ ପାଠ କଲାବେଳେ ଭୋଗ ଡଲାରେ ରେବତୀ ପତ୍ରିକା, ଯୁଗଶ୍ରୀ ଯୁଗନାରୀ ପତ୍ରିକା, ହରେକୃଷ୍ଣ ଗିରିଙ୍କ ପୁସ୍ତକ, ଗଣେଶ ପଣ୍ଡା ଗୀତା ପ୍ରଦାନ କରିଥିଲେ । ଏଥିସହ ଡଲାରେ ଦେବାଶିଷ ପତିଙ୍କ ଦ୍ୱାରା ଅଙ୍କିତ ପେନ୍‌ସିଲ୍ ପ୍ରତିକୃତି, ବାଲେଶ୍ୱରୀ ଜଉ କଣ୍ଢେଇ, ପ୍ରଶାନ୍ତ ପଟେଲଙ୍କ ଉପହାର, ପ୍ରଦୀପ ଗିରି ଉତ୍ତରୀୟ, ଗୋପବନ୍ଧୁ ଗିରି ବିଛଣା ଚାଦର, ଶିବାନୀ ସମଦ୍ଦାର ଦତ୍ତ ପ୍ରାକୃତିକ ଅଙ୍ଗ ପ୍ରସାଧନ ସାମଗ୍ରୀ, ବସନ୍ତ ପ୍ରଧାନ ଓ ରାଧା ଗୋବିନ୍ଦ ମାହାର୍ଣ୍ଣା ପନିପରିବା, ବିଜୟ ଆଚାର୍ଯ୍ୟ ପତ୍ର ପୋଡ଼ା ଓ ଦୁଷ୍ମନ୍ତ ଦାସ ବୃକ୍ଷ ପ୍ରଦାନ କରିଥିଲେ । କମିଟିର ମୁଖ୍ୟ ଉପଦେଷ୍ଟା ରେମୁଣା ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମହିଳା କମିଶନ ଅଧ୍ୟକ୍ଷା ଶୋଭାନା ମହାନ୍ତି, ମ୍ୟୁନିସିପାଲିଟି ଅଧ୍ୟକ୍ଷ ସବିତା ସାହୁ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ସାହିତ୍ୟିକା ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାଆ ମାନଙ୍କୁ ପ୍ରଣମ୍ୟ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ କର କମଳରେ 'ମୋ ମାଆ ହିଁ ଦୁର୍ଗା ମାଆ' ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଘୋଷ, ଷ୍ଟାଲିନ ମିଶ୍ର, ବୃନ୍ଦାବନ ବେହେରା, ରାଜେଶ ପାଢ଼ୀ, ସୁଧାକର ସେଠୀ, ସର୍ବେଶ୍ୱର ଜେନା, ବାସନ୍ତୀ ଦାସ, ଜୟଶ୍ରୀ ମିଶ୍ର, ପଦ୍ମଲୋଚନ ପ୍ରଧାନ, ବଂଶୀଧର ଦଳାଇ, ସୁନାମାନୀ ଜେନା, ରୁକ୍ମିଣୀ ମହାଳିକ, ସତ୍ୟଭାମା ମୁଦୁଲି, ଶ୍ରୀନିବାସ ପ୍ରଧାନ, ଗୋବିନ୍ଦ ଭୋଇ, ରମେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ଉପସଭାପତି ଗିରୀଶ କୁମାର ଷଡଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ବାଲେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଅଭିନବ ନବମାତୃକା ପୂଜାକୁ ଦର୍ଶନ କରିଥିଲେ । ଭୁବନେଶ୍ୱରର ବୃକ୍ଷ ପ୍ରେମୀ ସୁନାରାମ ସିଂଙ୍କ ଦ୍ୱାରା ମାଆମାନଙ୍କ କର କମଳରେ ବୃକ୍ଷ ରୋପଣ କରାଯାଇଥିଲା ।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତୀୟ ଦିନିକିଆ ଦଳ ଘୋଷଣା

# ଗିଲ୍‌ଙ୍କୁ ମିଳିଲା ବଡ଼ ଦାୟିତ୍ୱ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଅଷ୍ଟ୍ରେଲିଆ ଗସ୍ତ ପାଇଁ ଦିନିକିଆ ଦଳ ଘୋଷଣା କରିଛି। ଶୁବମନ ଗିଲଙ୍କୁ ଦଳର ନୂତନ ଅଧିନାୟକ ନିଯୁକ୍ତ କରାଯାଇଛି। ବିରାଟ କୋହଲି ଏବଂ ରୋହିତ ଶର୍ମା ମଧ୍ୟ ଦଳରେ ସାମିଲ ହୋଇଛନ୍ତି। ଶ୍ରେୟସ ଆୟରଙ୍କୁ ଭାରତର ହକି ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି।

ଦିନିକିଆ ସିରିଜ ପାଇଁ ଟିମ ଇଣ୍ଡିଆ :

ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପ-ଅଧିନାୟକ), ଅକ୍ଷର ପଟେଲ, କେଏଲ ରାହୁଲ (ୱିକେଟକିପର), ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କୃଷ୍ଣ, ଧ୍ରୁବ ଜୁରେଲ (ୱିକେଟକିପର), ଏବଂ ଯଶସ୍ୱୀ ଜୟସୱାଲ।

# ଭାରତର ଜବରଦସ୍ତ ବିଜୟ: ଅହମଦାବାଦ୍ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଚିତ୍‌ପଟାଙ୍ଗ

**ଅହମ୍ମଦାବାଦ**

ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଦୁଇଟି ଟେଷ୍ଟ ସିରିଜର ପ୍ରଥମ ମ୍ୟାଚକୁ ଭାରତ ଜିତିନେଇଛି। ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇ ଏହି ଟେଷ୍ଟକୁ ଟିମ ଇଣ୍ଡିଆ ଗୋଟିଏ ଇନିଂସ ଏବଂ ୧୪୦ ରନ ବ୍ୟବଧାନରେ ଜିତିଛି। ଭାରତୀୟ ଦଳ ଏହି ମ୍ୟାଚରେ ବ୍ୟାଟିଂ, ବୋଲିଂ ଏବଂ ଫିଲ୍ଡିଂରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲା। ଟିମ ଇଣ୍ଡିଆ ପାଇଁ ରବିନ୍ଦ୍ର ଜାଡେଜା, କେଏଲ ରାହୁଲ ଏବଂ ଧ୍ରୁବ ଜୁରେଲ ଶତକ ହାସଲ କରିଥିଲେ। ମହମ୍ମଦ ସିରାଜ ଏବଂ ଜାଡେଜା ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।

ଟିମ ଇଣ୍ଡିଆ ବିପକ୍ଷରେ ଉଭୟ ଇନିଂସରେ ୱେଷ୍ଟଇଣ୍ଡିଜର ବ୍ୟାଟିଂ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ପ୍ରଥମ ଇନିଂସରେ ଭ୍ରମଣକାରୀ ଦଳ ମାତ୍ର ୧୬୨ ରନ କରି ଅଲଆଉଟ ହୋଇଥିଲା ଏବଂ ଜବାବରେ ଟିମ ଇଣ୍ଡିଆ ୫ ୱିକେଟ ହରାଇ ୪୪୮ ରନ କରି ସେମାନଙ୍କର ଇନିଂସ ଘୋଷଣା କରିଥିଲା। ୨୮୬ ରନ ପଛରେ ପଡ଼ିଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ଦଳ ତାସ ଗଦା ପରି ଭାଙ୍ଗି ପଡ଼ିଥିଲା।



ଦ୍ୱିତୀୟ ଇନିଂସରେ, ୱେଷ୍ଟଇଣ୍ଡିଜ ତୃତୀୟ ଦିନର ଦ୍ୱିତୀୟ ଅଧିବେଶନ ମଧ୍ୟରେ ମାତ୍ର ୧୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ଭାରତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ଗୋଟିଏ ଇନିଂସ ଏବଂ ୧୪୦ ରନରେ ପରାସ୍ତ କରି ସିରିଜ ଅଗ୍ରଣୀ କରିବାରେ ସାହାଯ୍ୟ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲିକ ଆଥାନାଜେ ସର୍ବାଧିକ ୩୮ ରନ କରିଥିଲେ। ଜଷ୍ଟିନ ଗ୍ରେଭ୍ସ ୨୫ ରନ ଯୋଡ଼ିଥିଲେ। ଜୟଡେନ ସେଲ୍ସ ୨୨ ରନ କରିଥିଲେ। ଏହା ବ୍ୟତୀତ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଅଧିକ ସମୟ ପାଇଁ କ୍ରିଜ୍‌ରେ ରହିପାରି ନ ଥିଲେ।

ଏହି ଟେଷ୍ଟ ମ୍ୟାଚ୍ରେ ଭାରତୀୟ ବୋଲରମାନେ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନଙ୍କୁ ମୁକ୍ତ ଭାବରେ ଖେଳିବାକୁ ଦେଇ ନ ଥିଲେ। ଭ୍ରମଣକାରୀ ଦଳର କୌଣସି ବ୍ୟାଟସମ୍ୟାନ ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଦ୍ୱିତୀୟ ଇନିଂସରେ ରବିନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ନେଇଥିଲେ। ମହମ୍ମଦ ସିରାଜ ତିନୋଟି ୱିକେଟ ନେଇଥିଲେ, ଏବଂ କୁଲଦୀପ ଯାଦବ ଦୁଇଟି ୱିକେଟ ନେଇଥିଲେ।

ଏହି ଟେଷ୍ଟ ମ୍ୟାଚ୍ରେ ରବିନ୍ଦ୍ର ଜାଡେଜା ବ୍ୟାଟ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପ୍ରଥମେ, ସେ ୧୦୪ ରନ୍ରେ ଅପରାଜିତ ଶତକ ହାସଲ କରିଥିଲେ ଏବଂ ପରେ ୪ଟି ୱିକେଟ ନେଇ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜକୁ ଶୀଘ୍ର ଅଲଆଉଟ୍ କରିଥିଲେ।

# ରୋହିତ ଶର୍ମାଙ୍କୁ କାହିଁକି ଅଧିନାୟକ ପଦରୁ ହଟାଗଲା : ଅଜିତ ଅଗରକର

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯିବାକୁ ଥିବା ODI ଏବଂ ଟି-୨୦ ସିରିଜ ପାଇଁ ବିସିସିଆଇ ଟିମ ଇଣ୍ଡିଆ ଘୋଷଣା କରିଛି। ଦଳରେ ଏକ ବଡ଼ ପରିବର୍ତ୍ତନ ଦେଖାଯାଇଛି। ରୋହିତ ଶର୍ମାଙ୍କୁ ODI ଅଧିନାୟକ ପଦରୁ ହଟାଇ ଦିଆଯାଇଛି, ଏବଂ ଶୁବମନ ଗିଲଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବୋର୍ଡର ଏହି ନିଷ୍ପତ୍ତି ପଛରେ କ'ଣ କାରଣ ରହିଛି ତାହା ଆମେ ବ୍ୟାଖ୍ୟା କରିବା, ଯାହା ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ନିଜେ ପ୍ରକାଶ କରିଛନ୍ତି।

ଅଷ୍ଟ୍ରେଲିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ଦଳର ଅଧିନାୟକ ଭାବରେ ଶୁବମନ ଗିଲଙ୍କୁ ମନୋନୀତ କରାଯାଇଛି। ରୋହିତ ଶର୍ମା ଦଳରେ ଅଛନ୍ତି, କିନ୍ତୁ ତାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇଛି। ଏହା ସୋସିଆଲ ମିଡିଆରେ ହଇଚଇ ସୃଷ୍ଟି କରିଛି, ଏବଂ ପ୍ରଶଂସକମାନେ ଜାଣିବାକୁ ଚାହୁଁଛନ୍ତି ଯେ ବୋର୍ଡ ଏତେ କଠୋର ନିଷ୍ପତ୍ତି କାହିଁକି ନେଲା। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି। ଅଗରକର ବ୍ୟାଖ୍ୟା କରିଛନ୍ତି, 'ତିନୋଟି ଫର୍ମାଟ ପାଇଁ ତିନି ଜଣ ଅଧିନାୟକ ରଖିବା ପ୍ରାୟତଃ ଅସମ୍ଭବ, ଏବଂ ଏହା ବର୍ତ୍ତମାନ ସବୁଠାରୁ କମ ଖେଳାଯାଉଥିବା ଫର୍ମାଟ। ଆମର ଧ୍ୟାନ ଟି-୨୦ ବିଶ୍ୱକପ ଉପରେ।' ଆମର ଯୋଜନା ହେଉଛି ଗିଲଙ୍କୁ ସଠିକ ଭାବରେ ସ୍ଥିର ହେବା ପାଇଁ ସମୟ ଦେବା। ଅଭିଜ୍ଞ ଭାରତୀୟ କ୍ରିକେଟର ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ସମ୍ପର୍କରେ ଏକ ଅପଡେଟ ପ୍ରଦାନ କରାଯାଇଛି। ମୁଖ୍ୟ ଚୟନକର୍ତ୍ତା କହିଛନ୍ତି ଯେ ବିରାଟ ଏବଂ କୋହଲି ସମସ୍ତ ଆବଶ୍ୟକୀୟ ଔପଚାରିକତା ପୂରଣ କରିଛନ୍ତି।

ଅଜିତ ଅଗରକର କହିଛନ୍ତି, 'ବିରାଟ କୋହଲି ଏବଂ ରୋହିତ ଶର୍ମା ଦଳରେ ଯୋଗଦେବା ପାଇଁ ସମସ୍ତ ଆବଶ୍ୟକୀୟ ଔପଚାରିକତା ପୂରଣ କରିଛନ୍ତି। ଆମେ ସର୍ବଦା ଚୟନିତ ନାମଗୁଡ଼ିକୁ ଉଚ୍ଚର ନିକଟକୁ ପଠାଉ ଏବଂ ସେମାନଙ୍କ ଫିଟନେସ ନିଶ୍ଚିତ କରୁ।'

# ଆଜି ଭାରତ-ପାକିସ୍ତାନ ମହିଳା ଏକଦିବସୀୟ ବିଶ୍ୱକପ୍ ମ୍ୟାଚ

**ନୂଆଦିଲ୍ଲୀ**

ଭାରତ-ପାକିସ୍ତାନ ମ୍ୟାଚ ପୂର୍ବରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ମହିଳା ଓଡ଼ିଆଇ ବିଶ୍ୱକପ ୨୦୨୫ରେ ଏହି ମ୍ୟାଚ ୫ ଅକ୍ଟୋବରରେ ଖେଳାଯିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ମ୍ୟାଚ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମ୍ୟାଚ ପୂର୍ବରୁ ଟିମ ଇଣ୍ଡିଆ ୩ ଅକ୍ଟୋବର, ଶୁକ୍ରବାର ସନ୍ଧ୍ୟାରେ କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ଅଭ୍ୟାସ କରୁଥିଲା। ଅଭ୍ୟାସ ସେସନ ସମୟରେ, ଖେଳାଳିମାନଙ୍କ ମଧ୍ୟରେ ହଠାତ୍ ଏକ ସାପ ଦେଖାଗଲା, ଯାହା ପଡ଼ିଆରେ ହଙ୍ଗାମା ସୃଷ୍ଟି କଲା।

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ପୂର୍ବରୁ ଷ୍ଟାଡିୟମରେ ଏକ ସାପ ଦେଖାଯିବା ଘଟଣା। ଟିମ ଇଣ୍ଡିଆ କଲମ୍ବୋ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବା ସମୟରେ ଏହି ଘଟଣା



ଘଟିଥିଲା। ଭାରତୀୟ ଖେଳାଳିମାନେ ନେଟ ଆଡକୁ ଯାଉଥିବା ସମୟରେ ପଡ଼ିଆରେ ଏକ ମାଟିଆ ସାପ ଦେଖାଗଲା। ଜଣେ ଗ୍ରାଉଣ୍ଡକିପର ସାପଟିକୁ 'ଗରାଣ୍ଡିଆ' ବୋଲି ବର୍ଣ୍ଣନା କରିଛନ୍ତି। ଏହି ସାପଟି ବିଷାକ୍ତ ନୁହେଁ ଏବଂ କାହାକୁ କାମୁଡ଼େ ନାହିଁ। ଏହା କେବଳ ମୂଷା ଖୋଜେ।

ଯେତେବେଳେ ଭାରତୀୟ ଦଳର ଖେଳାଳିମାନେ ପଡ଼ିଆରେ ଏହି ସାପକୁ ଦେଖିଲେ, ଭୟଭୀତ ହେବା ପରିବର୍ତ୍ତେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ ଏହାକୁ ଆଗ୍ରହର ସହିତ ଦେଖୁଥିଲେ। ସାପଟି କୌଣସି ଖେଳାଳିଙ୍କୁ କୌଣସି କ୍ଷତି ପହଞ୍ଚାଇ ନଥିଲା।

ମହିଳା ଏକଦିବସୀୟ ବିଶ୍ୱକପରେ ଭାରତ-ପାକିସ୍ତାନ ମ୍ୟାଚ ରବିବାର, ଅକ୍ଟୋବର ୫ ତାରିଖରେ ଖେଳାଯିବ। ଭାରତ ଚଳିତ ବର୍ଷ ମହିଳା ବିଶ୍ୱକପ ଆୟୋଜନ କରୁଛି, କିନ୍ତୁ ପାକିସ୍ତାନର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ। ଏକଦିବସୀୟ କ୍ରିକେଟରେ ଭାରତ ଏବଂ ପାକିସ୍ତାନ ମହିଳା ଦଳ ମଧ୍ୟରେ କୌଣସି ପ୍ରତିଦ୍ୱନ୍ଦ୍ୱିତା ନାହିଁ। ଦୁଇ ଦଳ ଏକଦିବସୀୟରେ ୧୧ ଥର ପରସ୍ପରର ସାମ୍ନା କରିଛନ୍ତି, ଏବଂ ଟିମ ଇଣ୍ଡିଆ ପ୍ରତ୍ୟେକ ଥର ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ କେବେ ବି ଏକଦିବସୀୟରେ ଭାରତ ବିରୁଦ୍ଧରେ ଜିତିନାହିଁ।

# ଏସିଆ କପ ଟ୍ରଫି ନେଇଯାଇଥିବା ନକଭିଙ୍କୁ ମିଳିବ ବଡ଼ ପୁରସ୍କାର

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ ବୋର୍ଡ ମୁଖ୍ୟ ଏବଂ ଏସୀୟ କ୍ରିକେଟ ପରିଷଦ ଅଧ୍ୟକ୍ଷ ମୋହସିନ ନକଭି ପୁଣି ଥରେ ଖବରର ଶିରୋନାମାରେ ଅଛନ୍ତି। କିନ୍ତୁ ଏଥର କୌଣସି କ୍ରିକେଟ ସଫଳତା ପାଇଁ ନୁହେଁ, ବରଂ ଏକ ଅଜବ କାରଣ ପାଇଁ। ଏସିଆ କପ ୨୦୨୫ ଫାଇନାଲ ସମୟରେ ଟ୍ରଫି ଡ୍ରାମା ପରେ, ତାଙ୍କୁ ଏବେ ପାକିସ୍ତାନରେ "ସହୀଦ ଜୁଲଫିକର ଅଲି ଭୁଟ୍ଟୋ ଉତ୍କର୍ଷ ସ୍ୱର୍ଣ୍ଣ ପଦକ" ପ୍ରଦାନ କରାଯିବ।

ହଁ, ସେହି ନକଭି ଯାହାଙ୍କ ହାତରୁ ଭାରତର ଖେଳାଳିମାନେ ଫାଇନାଲ ପରେ ଟ୍ରଫି ଗ୍ରହଣ କରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଥିଲେ, ତାଙ୍କୁ ଏବେ ପାକିସ୍ତାନରେ "ସାହସ ଏବଂ ନୀତି" ର ପ୍ରତୀକ ଭାବରେ ସ୍ୱାଗତ କରାଯାଉଛି। ରିପୋର୍ଟ ଅନୁଯାୟୀ, ଏହି ନିଷ୍ପତ୍ତି ସିନ୍ଧ ଏବଂ କରାଚୀ ବାସ୍କେଟବଲ ଆସୋସିଏସନର ସଭାପତି



ଆଡଭୋକେଟ ଗୁଲାମ ଆବାସ ଜମାଲ ନେଇଥିଲେ। ଜମାଲ କହିଛନ୍ତି ଯେ ମୋହସିନ ନକଭି "ଭାରତୀୟ ଚାପ ଆଗରେ ନ ମୁଣ୍ଡ ନୁଆଁଇ ଜାତୀୟ ଗର୍ବ ବୃଦ୍ଧି କରିଥିଲେ" ଏବଂ ତାଙ୍କୁ ଏହି "ସାହାର୍ଯ୍ୟ" ପାଇଁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ତାଙ୍କ ଅନୁସାରେ, ନକଭି "ରାଜନୈତିକ ଏବଂ କ୍ରୀଡ଼ା ଉଭୟ କ୍ଷେତ୍ରରେ ପାକିସ୍ତାନର ପ୍ରତିଷ୍ଠା ବଜାୟ ରଖିଥିଲେ।"

ଏସିଆ କପ ୨୦୨୫ ଫାଇନାଲରେ ଭାରତର ବିଜୟ ପରେ, ଟ୍ରଫି ପ୍ରଦାନ ସମାରୋହ ସମୟରେ ଏକ ବିବାଦ ଦେଖାଦେଇଥିଲା। ରିପୋର୍ଟ ଅନୁଯାୟୀ, ଭାରତୀୟ ଖେଳାଳିମାନେ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ ଯଦି ମୋହସିନ ନକଭି ସେମାନଙ୍କୁ ଟ୍ରଫି ପ୍ରଦାନ କରନ୍ତି ତେବେ ସେମାନେ ଏହାକୁ ଗ୍ରହଣ କରିବେ ନାହିଁ। ଯେତେବେଳେ ନକଭି ମଞ୍ଚ ଉପରେ ପହଞ୍ଚିଲେ, ଭାରତୀୟ ଅଧିନାୟକ ଏବଂ ଖେଳାଳିମାନେ ଟ୍ରଫିଠାରୁ କିଛି ଦୂରରେ ଠିଆ ହୋଇଥିଲେ।

# ପୁରୀ ମୂକ ଓ ବଧିର ସଂଘ ପକ୍ଷରୁ ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ସପ୍ତାହ ପାଳିତ

**ପୁରୀ : ନ୍ୟୁଜ୍ ବ୍ୟୁରୋ**

ପୁରୀ ମୂକ ଓ ବଧିର ସଂଘ ପକ୍ଷରୁ ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ସପ୍ତାହ ଉପଲକ୍ଷେ ପୁରୀ ଟାଉନ ହଲରେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାଙ୍କେତିକ ଭାଷାର ଗୁରୁତ୍ୱକୁ ଉଜାଗର କରିବା, ବଧିର ସମୁଦାୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ସାମାଜିକ କଳଙ୍କକୁ ଦୂର କରିବା।

ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ପୁରୀ ମୂକ ଓ ବଧିର ସଂଘର ସାଧାରଣ ସମ୍ପାଦକ ରବିନାରାୟଣ ଦାଶ। ଏହି ଉତ୍ସବ ସଂଘର ସଦସ୍ୟମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପରିଗଣିତ ହୋଇଛି। ଶ୍ରୀ ଦାଶ କହିଛନ୍ତି, 'ଏହା ଏକ ଛୋଟ ଆରମ୍ଭ ଯାହା ଏହି ବର୍ଷ ଆରମ୍ଭ ହୋଇଛି ଏବଂ ଆଗାମୀ ବର୍ଷମାନଙ୍କରେ ମଧ୍ୟ ଜାରି ରହିବ। ଏହା ପୂର୍ବରୁ କେବେ ହୋଇନଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ଏବଂ ସେମାନଙ୍କୁ ଉନ୍ନୀତ କରିବା।'

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାର ପୂର୍ବତନ ବିଧାୟକ ଶ୍ରୀ ଉମା ବଲ୍ଲଭ ରଥ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ ଥିଲେ ପୁରୀ ପୌରପାଳିକାର ପୂର୍ବତନ କାଉନସିଲର କୃଷ୍ଣ ଚନ୍ଦ୍ର ପଣ୍ଡା, ପୁରୀ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଗୌରହରି ପ୍ରଧାନ ଏବଂ ସଂଘର ଜ୍ୟେଷ୍ଠ ସଦସ୍ୟ ଶ୍ରୀପତି ନାରାୟଣ ଯୋଶୀ।

କାର୍ଯ୍ୟକ୍ରମର ଆରମ୍ଭରେ ଦୀପ ପ୍ରଜ୍ୱଳନ କରାଯାଇଥିଲା, ଯାହା ପରେ ଅତିଥିମାନେ ପ୍ରେରଣାଦାୟୀ ଭାଷଣ ଦେଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ ପୂର୍ବରୁ ସେମାନେ ଅକ୍ଷମତା ସହିତ ଜୀବନଯାପନ କରୁଥିବା ବ୍ୟକ୍ତିଙ୍କ ସମସ୍ୟା ବିଷୟରେ ଅଧିକ ସଚେତନ ନଥିଲେ। ସେମାନେ ସମସ୍ତ ଅକ୍ଷମ ବ୍ୟକ୍ତିଙ୍କୁ ସମର୍ଥନ କରିବା ପାଇଁ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିବାକୁ




ପ୍ରତିଶ୍ରୁତି ଦେଇଥିଲେ।

ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବଧିର ସମୁଦାୟର ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ ନାନାଦି ସାଂସ୍କୃତିକ କାର୍ଯ୍ୟକ୍ରମ। ବିଶେଷତଃ ଛୋଟ ଶିଶୁମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଶୁଣିବା ଓ କହିବାରେ ଅକ୍ଷମ ହୋଇଥିଲେ ମଧ୍ୟ, ଏହି କଳାକାରମାନେ ନୃତ୍ୟ ଓ ଅନ୍ୟାନ୍ୟ ପରିବେଷଣରେ ଅସାଧାରଣ ସମନ୍ୱୟ ଓ ଉତ୍ସାହ ପ୍ରଦର୍ଶନ କରିଥିଲେ। ଏହା ପ୍ରମାଣ କରିଥିଲା ଯେ ଅକ୍ଷମତା ସେମାନଙ୍କ ପ୍ରତିଭାର ପଥରେ କୌଣସି ବାଧା ନୁହେଁ।

ଏହି ସଫଳ କାର୍ଯ୍ୟକ୍ରମ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନ ସହିତ ସମାପ୍ତ ହୋଇଥିଲା। ପୁରୀ ମୂକ ଓ ବଧିର ସଂଘ ଆଶା ରଖିଛି ଯେ ଏହି ଉତ୍ସବ ସମାଜରେ ନିରନ୍ତର ସମର୍ଥନ ଓ ସ୍ୱୀକୃତିର ପଥ ପ୍ରଶସ୍ତ କରିବ ଏବଂ ସମସ୍ତଙ୍କ ପାଇଁ ଏକ ଅଧିକ ସମାବେଶୀ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

ପୁରୀ ମୂକ ଓ ବଧିର ସଂଘର ମିଶନ:

ପୁରୀ ମୂକ ଓ ବଧିର ସଂଘ ଦୀର୍ଘ ବର୍ଷ ଧରି ଅକ୍ଷମତା ସହ ଜୀବନଯାପନ କରୁଥିବା ବ୍ୟକ୍ତିଙ୍କୁ ସଶକ୍ତ କରିବା ଓ ସେମାନଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଛି। ଏହି ସଂଘ ସାଙ୍କେତିକ ଭାଷା ଶିକ୍ଷା, ନିଯୁକ୍ତି ସୁଯୋଗ, ଏବଂ ସାମାଜିକ ସମାବେଶକୁ ପ୍ରୋତ୍ସାହନ ଦେବା ପାଇଁ ନିୟମିତ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ସପ୍ତାହ ପାଳନ ମାଧ୍ୟମରେ ସଂଘ ସାଙ୍କେତିକ ଭାଷାକୁ ଏକ ସାର୍ବଜନୀନ ଯୋଗାଯୋଗ ମାଧ୍ୟମ ଭାବେ ପ୍ରଚାର କରିବାକୁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ଏହି ସଂଘ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ସଚେତନତା କ୍ଷେତ୍ରରେ ଅଧିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯୋଜନା କରୁଛି।

ଆମେ ଆପଣଙ୍କୁ ଆହ୍ୱାନ ଜଣାଉଛୁ:

ଆସନ୍ତୁ, ଆମେ ସମସ୍ତେ ମିଳିତ ଭାବେ ଏକ ସମାବେଶୀ ସମାଜ ଗଠନ କରିବା ପାଇଁ ହାତ ମିଳାଇବା। ସାଙ୍କେତିକ ଭାଷାକୁ ପ୍ରୋତ୍ସାହନ ଦେଇ ଏବଂ ବଧିର ଓ ଅନ୍ୟାନ୍ୟ ଅକ୍ଷମ ସମୁଦାୟର ସମସ୍ୟାକୁ ବୁଝି ଆମେ ସମାନ ସୁଯୋଗ ସୃଷ୍ଟି କରିପାରିବା। ଏହି ଉଦ୍ୟମରେ ଆପଣଙ୍କ ସମର୍ଥନ ଏକ ଉନ୍ନତ ଓ ଅଧିକ ସମ୍ବେଦନଶୀଳ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

# ୨୦୨୭ ଏକଦିବସୀୟ ୱାର୍ଲଡ କପ ଖେଳିବେ ନାହିଁ ରୋହିତ-ବିରାଟ

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତର ଓଡ଼ିଆଇ ଏବଂ ଟି-୨୦ ଦଳ ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଓଡ଼ିଆଇ ସିରିଜ ପାଇଁ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ଦଳରେ ସାମିଲ କରାଯାଇଛି। ଶୁବମନ ଗିଲଙ୍କୁ ରୋହିତ ଶର୍ମାଙ୍କ ସ୍ଥାନରେ ଭାରତର ଓଡ଼ିଆଇ ଦଳର ଅଧିନାୟକ କରାଯାଇଛି। ରୋହିତଙ୍କ ଟେଷ୍ଟ କ୍ରିକେଟରୁ ଅବସର ପରେ ଗିଲଙ୍କୁ ଭାରତର ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ବର୍ତ୍ତମାନ, ଦଳରେ ରୋହିତଙ୍କ ନିରନ୍ତର ଉପସ୍ଥିତି ସତ୍ତ୍ୱେ, ଶୁବମନ ଗିଲଙ୍କୁ ଓଡ଼ିଆଇ ଦଳର ମଧ୍ୟ ଦାୟିତ୍ୱ ଦିଆଯାଇଛି। ଏହି ସମୟରେ, ୨୦୨୭ ଓଡ଼ିଆଇ ବିଶ୍ୱକପରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅଂଶଗ୍ରହଣକୁ ନେଇ ପ୍ରଶ୍ନ ଉଠିଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି।



ଅଷ୍ଟ୍ରେଲିଆ ବିପକ୍ଷ ଓଡ଼ିଆଇ ଏବଂ ଟି୨୦ ସିରିଜ ପାଇଁ ଟିମ ଇଣ୍ଡିଆ ଘୋଷଣା ପରେ, ଚୟନକର୍ତ୍ତା ଏବଂ ପୂର୍ବତନ କ୍ରିକେଟର ଅଜିତ ଅଗରକରଙ୍କୁ ୨୦୨୭ ଓଡ଼ିଆଇ ବିଶ୍ୱକପରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅଂଶଗ୍ରହଣ ବିଷୟରେ ପଚରାଯାଇଥିଲା। ଅଜିତ ଅଗରକର ପ୍ରତିକ୍ରିୟା ଦେଇ କହିଥିଲେ, 'ରୋହିତ ଏବଂ ବିରାଟ ଉଭୟ ଏହି ସମୟରେ ଏହା ଉପରେ ମନ୍ତବ୍ୟ ଦେବାକୁ ଚାହାଁନ୍ତି ନାହିଁ।'

୨୦୨୪ ଟି୨୦ ବିଶ୍ୱକପରେ ଭାରତର ବିଜୟ ପରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଟି୨୦ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ପରେ ରୋହିତ ଟିମ ଇଣ୍ଡିଆର ଇଂଲଣ୍ଡ ଗସ୍ତ ପୂର୍ବରୁ ମେ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ପାଞ୍ଚ ଦିନ ପରେ, ମେ ୧୨ ତାରିଖରେ ବିରାଟ କୋହଲି ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ତଥାପି, ଉଭୟ ଖେଳାଳି ଏପର୍ଯ୍ୟନ୍ତ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିନାହାଁନ୍ତି। ଆଗାମୀ ଦିନିକିଆ ବିଶ୍ୱକପ ବିଷୟରେ ବିସିସିଆଇର କୌଣସି ସୂଚନା ନାହିଁ।

# ଆଇଟିଇଆର ଏନଏସଏସ ସ୍ୱେଚ୍ଛାସେବୀଙ୍କ ଗ୍ରାମ ସଫେଇ ଅଭିଯାନ

**ଭୁବନେଶ୍ୱର : ନ୍ୟୁଜ୍ ବ୍ୟୁରୋ**

ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥିବା ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଏନଏସଏସ ୟୁନିଟ ଗଣ୍ଡମୁଣ୍ଡା ଗ୍ରାମରେ ଏକ ସଫେଇ ଅଭିଯାନ ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାମୁଦାୟିକ ସେବାର ଉଲ୍ଲେଖନୀୟ ଅଭିଯାନରେ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କ ଅଂଶ ଗ୍ରହଣରେ ଏହି ସଫେଇ ଅଭିଯାନ ସମ୍ପନ୍ନ ହୋଇଥିଲା। ଆଇଟିଇଆର ସମ୍ମୁଖରୁ ଆରମ୍ଭ ହୋଇ ସୁଭାଷ ପାର୍କରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀମାନେ 'ସ୍ୱଚ୍ଛତା ହିଁ ସେବା', 'କ୍ଲିନ୍ ଇଣ୍ଡିଆ-ଗ୍ରୀନ୍ ଇଣ୍ଡିଆ', 'ଭାରତ ମାତା କି ଜୟ' ଏବଂ 'ବନ୍ଦେ ମାତରମ' ଆଦି ସ୍ଲୋଗାନ୍ ଦେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ସହ ଗଣ୍ଡମୁଣ୍ଡା ଅଞ୍ଚଳକୁ ଭଲ ଭାବେ ସଫା କରିଥିଲେ। ଏହି ଅବସରରେ ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କ ନିଷ୍ଠାକୁ ପ୍ରଶଂସା କରିଥିବା ବେଳେ ଏନ୍‌ଏସ୍‌ଏସର ପ୍ରୋଗ୍ରାମ କୋଅର୍ଡିନେଟର ପ୍ରଫେସର କମଳ ଲୋଚନ ମହାନ୍ତ ସ୍ୱେଚ୍ଛାସେବୀଙ୍କୁ ପ୍ରେରଣା ଦେବା ସହ ଜାତୀୟ ମଙ୍ଗଳକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ।

# ଜଗତସିଂହପୁରରେ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ

**ଜଗତସିଂହପୁର : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ ସହଯୋଗ ରେ ରାବଣପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀରାମ କ୍ଲବ ସଭାପତି ରତ୍ନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଆଇନ୍, ପୂର୍ତ୍ତ ଓ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଜଗତସିଂହପୁର ଜିଲ୍ଲା ଏକ କଳା, ସାହିତ୍ୟ ଓ ସଂସ୍କୃତି ର ଜିଲ୍ଲା। ଏହି ଉତ୍ସବ ଆମକୁ ସୂଚାଇ ଦେଉଛି ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଏବଂ ଅନ୍ୟାୟ ଉପରେ ନ୍ୟାୟର ଜୟ । ପ୍ରଭୁ ଶ୍ରୀ ରାମଚନ୍ଦ୍ର ଏହି ସବୁ ଅସ୍ତ୍ର କୁ ପ୍ରୟୋଗ କରି ରାବଣ ବଧ କରିଥିଲେ। ସେ ସମସ୍ତଙ୍କୁ କ୍ରୋଧ, ମୋହ, ଲୋଭ, ଅହଙ୍କାର ଭଳି କୁପ୍ରକୃତି ରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ ଏବଂ ନିଜ ଭିତରେ ଦେବତ୍ୱ ଭାବ ଆଣିବା ପାଇଁ ମଧ୍ୟ କହିଥିଲେ । ସେ କିଛି ବର୍ଷ ଧରି ବନ୍ଦ ରହିଥିବା ଆକର୍ଷଣୀୟ ଆତସ ବାଜି କାର୍ଯ୍ୟକ୍ରମର ପୁନଃ ଆରମ୍ଭ ପାଇଁ ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ଓ ଶ୍ରୀରାମ କ୍ଲବ୍ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଶେଷରେ ରାବଣ ଦେହରେ ବୈଦ୍ୟୁତିକ ଅଗ୍ନି ସଂଯୋଗ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଜିଲ୍ଲା ରେ ହେଉଥିବା ଏହି ପାର୍ବଣ ର ପର୍ବ କୁ ସୂଚାରୁ ରୂପେ ପାଳି ଥିବାରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ସେ ସମସ୍ତଙ୍କୁ ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଉପଦେଶ ଦେଇଥିଲେ । ଅନ୍ୟ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟା ମାଣେ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ଥାନପତି ମେଢ଼ ର ସଭାପତି ସତ୍ୟ ବ୍ରତ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ପ୍ରାରମ୍ଭରେ ଶ୍ରୀରାମ କ୍ଲବ ସମ୍ପାଦକ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ରାମଲୀଳା ପ୍ରଦର୍ଶିତ ହୋଇଥିଲା ।ଏଥିରେ ରାବଣ ଜଟାୟୁ ଯୁଦ୍ଧ, ସୀତା ହରଣ, ରାମରାବଣ ଯୁଦ୍ଧ ଓ ରାବଣ ବଧ ବେଶ ଆକର୍ଷଣୀୟ ହୋଇଥିଲା। ଶେଷରେ ଶ୍ରୀରାମ କ୍ଲବ୍ ର କାର୍ଯ୍ୟକର୍ତ୍ତା ସୁଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆରକ୍ଷୀ ବାହିନୀ ପକ୍ଷରୁ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

## ପୂର୍ବତନ ଏସଡିସି ଅଧ୍ୟକ୍ଷଙ୍କ ଘରୁ ଚୋରି ପୋଲିସର ପାଟ୍ରୋଲିଂ ଉପରେ ପ୍ରଶ୍ନବାଚୀ

**ରାଇଘର : ନ୍ୟୁଜ୍ ବ୍ୟୁରୋ**

ରାଇଘର ସଦର ସଦର କୋଦଭାଟା ସାହିରେ ରୁହନ୍ତି ଉପେନ୍ଦ୍ର ଗଣ୍ଡଙ୍କ ସହ ପରିବାର ବର୍ଗ ।ଗତ ୩୦ତାରିଖ ଦିନ ୪ଟା ବେଳେ ନିଜ ପରିବାରଙ୍କୁ ଧରି ଦଶହରା ପାଳିବାକୁ ନିଜ ଗ୍ରାମ ହଳଦୀ ଯାଇଥିଲେ । ସେଠାରେ ଦୁଇଦିନ ରହିବାପରେ ଶୁକ୍ରବାର ପ୍ରାୟ ୩ଟା ବେଳେ କୋଦଭାଟା ସ୍ଥିତ ଘରକୁ ଫେରିଥିଲେ । ଘରର ପାଚେରୀ ଫାଟକ ଚାବି ଖୋଲି ଭିତରକୁ ଆସି ଦେଖିଲା ବେଳକୁ ଘରର ମୁଖ୍ୟ ଦ୍ୱାର ତାଲା ଭଙ୍ଗା ହୋଇଛି ।ଏହାପରେ ଘର ଭିତରେ ପଶି ଦେଖନ୍ତି ତ ଘରଭିତରର ସବୁ ରୁମ କବାଟ ଖୋଲା ହେବା ସହ ଘରେ ଥିବା ଆସବାବ ପତ୍ର ସବୁ ଘର ସାରା ବିଞ୍ଚି ହୋଇ ପଡିଛି ।



# କୃଷି ଓଡ଼ିଶା ସମାବେଶ ଆୟୋଜନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କୃଷି ଓଡ଼ିଶା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ବୈଠକ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜାନୁଆରୀ ମାସ ୨୨ ତାରିଖରୁ ୨୪ ତାରିଖ ଯାଏଁ ତିନିଦିନ ବ୍ୟାପୀ କୃଷି ଓଡ଼ିଶା ସମାବେଶ ଖୁବ୍ ଉତ୍ସାହର ସହ ପାଳନ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ପ୍ରତିବର୍ଷ ଜାନୁଆରୀ ମାସ ଏହି ଦିନରେ ହିଁ କୃଷି ଓଡ଼ିଶା ସମାବେଶର ଆୟୋଜନ କରାଯିବ। ଦେଶ ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ବୁଦ୍ଧିଜୀବୀ, ସଫଳ ଚାଷୀ, ବୈଜ୍ଞାନିକ, କୃଷି ଉତ୍ପାଦକମାନେ ଯୋଗଦେବେ । କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ମିଶନ ଶକ୍ତି ସଦସ୍ୟସଦସ୍ୟାଙ୍କ ଦ୍ୱାରା ୨୫୦ ରୁ ଊର୍ଦ୍ଧ୍ୱ ଷ୍ଟଲର ପ୍ରଦର୍ଶନ କରାଯିବ ଏବଂ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାବେଶ ହେବ । କୃଷି ଯାନ୍ତ୍ରୀକିକରଣ ତଥା ଅତ୍ୟାଧୁନିକ ଯନ୍ତ୍ରପାତିର ସ୍ୱତନ୍ତ୍ର ପ୍ରଦର୍ଶନ କରାଯିବା ଯୋଜନା ମଧ୍ୟ ରହିଛି । ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଭାଇ ଭଉଣୀଙ୍କ ରହିବା ତଥା ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ପ୍ରସ୍ତୁତି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ଶ୍ରୀ ସୁବ୍ରତ କୁମାର ପଣ୍ଡା, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ବୈଠକର ପ୍ରସ୍ତୁତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଏହାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ଅନାଥ ପିଲାଙ୍କ ପାଇଁ ଭୁବନେଶ୍ୱରରେ ଗ୍ଲୋବାଲ୍ କେଲବି ୱାନ ଫୋଟୱାକ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଫଟୋଗ୍ରାଫି ପ୍ରତି ଉତ୍ସାହ ରଖୁଥିବା ଓଡ଼ିଶାର ଫଟୋଗ୍ରାଫରମାନେ ଗତ ଶନିବାର ଐତିହ୍ୟ ଭୁବନେଶ୍ୱରରେ ଅନାଥ ପିଲାମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ବିଶ୍ୱସ୍ତରୀୟ 'କେଲବି ୱାନ୍ ଫୋଟୱାକ୍'ରେ ସାମିଲ ହୋଇଛନ୍ତି । ପ୍ରତିବର୍ଷ ଅକ୍ଟୋବର ପ୍ରଥମ ଶନିବାରରେ ସାରା ବିଶ୍ୱରେ ଏହି ୱାକ୍ ଆୟୋଜିତ ହୁଏ । 'ମୁକ୍ତେଶ୍ୱର ଫୋଟୱାକ୍' ନାମରେ ପରିଚିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ସୁନିଲା ପାଢ଼ୀଙ୍କ ନେତୃତ୍ୱରେ ପାଖାପାଖି ୩୧ ଜଣ ଫଟୋଗ୍ରାଫର ଅଂଶଗ୍ରହଣ କରିଥିଲେ । ଏହି ଫଟୋଗ୍ରାଫରମାନଙ୍କ ମଧ୍ୟରେ ବିଶ୍ୱଜିତ ତ୍ରିପାଠୀ, ଦେବାଶିଷ ମିଶ୍ର, ସତ୍ୟଜିତ ଦାସ, ପ୍ରକାଶ ସାହୁ, ସନ୍ତୋଷ ପଣ୍ଡା, ଅଜୟ ମୋହନ ସାହୁ, ଶମ୍ପାଶ୍ରୀ ମୁଣ୍ଡ, ସନ୍ଦୀପ କୁମାର ପ୍ରିୟଦର୍ଶୀ, ପ୍ରମୋଦ ନାଥ, ସରଜୁ ଦାଶ, ଦେବେନ୍ଦ୍ର କୁମାର ପଟ୍ଟନାୟକ, ସିଦ୍ଧାର୍ଥ ଦେ, କଳ୍ପନା ରଥ ତଥା ଅନେକ ଯୁବ ପ୍ରତିଭା ସାମିଲ ଥିଲେ। ଏହି ଫୋଟୱାକ୍ ଐତିହାସିକ ମୁକ୍ତେଶ୍ୱର ମନ୍ଦିରରୁ ଆରମ୍ଭ ହୋଇ ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୩୧ ଜଣ ଫଟୋଗ୍ରାଫର ପଞ୍ଜୀକରଣ କରିଥିଲେ । ଏହି ଫୋଟୱାକ୍ କେବଳ ଫଟୋଗ୍ରାଫିର ଉତ୍ସବ ନଥିଲା, ବରଂ ଏହା ଏକ ମାନବିକ ଉଦ୍ଦେଶ୍ୟକୁ ସମର୍ଥନ କରିଥିଲା । 'କେଲବି ୱାନ୍'ର ପ୍ରତିଷ୍ଠାତା ସ୍କଟ୍ କେଲବିଙ୍କ ଦୂରଦୃଷ୍ଟି ଅନୁଯାୟୀ, ଏ ବର୍ଷ ଏହି ଇଭେଣ୍ଟରୁ ସଂଗୃହୀତ ଦାନ କେନିଆରେ ଥିବା 'ସ୍ପ୍ରିଙ୍ଗସ୍ ଅଫ୍ ହୋପ୍ ଅନାଥାଶ୍ରମ'କୁ ପ୍ରଦାନ କରାଯାଇଛି । ଫଟୋଗ୍ରାଫି ଜରିଆରେ ସାମାଜିକ ଦାୟିତ୍ୱବୋଧର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଛନ୍ତି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଉପରାଷ୍ଟ୍ରପତି ...

ସୁଯୋଗ ପ୍ରାପ୍ତ ହେଲା । ଏହି ଅବସରରେ ରାଜ୍ୟରେ ଆମ ସରକାରଙ୍କ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣ ଯୋଜନା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କଲି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପରାଷ୍ଟ୍ରପତିଙ୍କୁ 'ଓଡ଼ିଶା ଭିଜନ୍ ୨୦୩୬- ୨୦୪୭' ପ୍ରଦାନ କରି ରାଜ୍ୟର ଦୀର୍ଘମିଆଦୀ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଲି । ତାଙ୍କର ପ୍ରେରଣା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶନିବାର ନୂଆଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀରେ ଆମ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବାର ସୁଯୋଗ ପ୍ରାପ୍ତ ହେଲା ।

ଏହି ସାକ୍ଷାତକାର ସମୟରେ ବିଭିନ୍ନ ସାଙ୍ଗଠନିକ ବିଷୟ, ରାଜନୈତିକ ପରିସ୍ଥିତି ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ନଡ୍ଡାଙ୍କ ଦୃଷ୍ଟିଭଙ୍ଗୀ ଓ ପରାମର୍ଶ ଆମକୁ ଆଗାମୀ ଦିନରେ ଅଧିକ ସକ୍ରିୟ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପିଓକେରେ...

ରୂପ ନେଇଥିଲା। ବିକ୍ଷୋଭକାରୀଙ୍କ ଉପରେ ସୁରକ୍ଷା ବାହିନୀ ବଳ ପ୍ରୟୋଗ କରିଥିଲା। ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେକେଜେଏଏସି) ପକ୍ଷରୁ ଏହି ବିକ୍ଷୋଭ ଆରମ୍ଭ ହୋଇଥିଲା। ପିଓକେର ନିଲମ ଭ୍ୟାଲି ପବ୍ଲିକ ଆକ୍ସନ କମିଟି ଓ ଜଏଣ୍ଟ ଆକ୍ସନ ମାର୍କେଟ କମିଟି ସମର୍ଥନ କରି ସମସ୍ତ ପ୍ରକାର ଦୋକାନ ବଜାରକୁ ବନ୍ଦ କରିଥିଲା। ଚୌଧୁରୀ ଅନୱର ଉଲ୍ ହକ୍‌ଙ୍କ ନେତୃତ୍ୱାଧୀନ ପିଓକେ ସରକାର ଲୋକଙ୍କ ଦାବିକୁ ପୂରଣ କରିବାରେ ବିଫଳ ହୋଇଥିବା ପବ୍ଲିକ ଆକ୍ସନ କମିଟି କହିଛି। ସେନା ଓ ପୁଲିସ ଗୁଳିରେ ୧୨ଜଣ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବା ଖବରକୁ ଚୌଧୁରୀ ଅନୱର ଉଲ୍ ହକ୍ ଇସଲାମାବାଦରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ୱୀକାର କରିଛନ୍ତି। ଚୌଧୁରୀ କହିଛନ୍ତି ଯେ ପିଓକେବାସୀଙ୍କ ୯୦ ପ୍ରତିଶତ ଦାବିକୁ ଗ୍ରହଣ କରାଯାଇଛି। ମାତ୍ର ଦୁଇଟି ଦାବି ଯଥା କଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ବିଧାନସଭାରେ ସଂରକ୍ଷଣ ଥିବା ଆସନକୁ ଉଚ୍ଛେଦ କରିବା ଓ ବିଧାନସଭାରେ ମନ୍ତ୍ରୀ ସଂଖ୍ୟା ହ୍ରାସ କରିବାକୁ ସରକାର ବିଚାର କରୁଛନ୍ତି।

## ଦୁର୍ଗାମେଢ଼ଙ୍କୁ ...

ଅନୁଦାନ ରାଶି ପ୍ରଦାନ କରାଯିବ। )'ଗ' ବର୍ଗ : ୫୦ ବର୍ଷ ପୁରୁଣା ଦୁର୍ଗାମେଢ଼ - ଏହି ବର୍ଗରେ ୬୭୩ଟି ମେଢ଼କୁ ୩ କୋଟି ୩୬ ଲକ୍ଷ ୫୦ହଜାର ଟଙ୍କା ପ୍ରଦାନ କରାଯିବ। (ଏହି ବର୍ଗରେ ପ୍ରତ୍ୟେକ ମେଢ଼କୁ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ।) ରାଜ୍ୟର ସମୁଦାୟ ୧ ହଜାର ୮୫ଟି ଦଶହରା ଦୁର୍ଗାମେଢ଼ଙ୍କୁ ୭ କୋଟି ୧ ଲକ୍ଷ ୪୦ ହଜାର ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

## ଏସ୍ଆଇ ପରୀକ୍ଷା...

ପ୍ରକାର ସତର୍କତା ଅବଲମ୍ବନ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୋଲିସ୍ ଏସ୍ଆଇ ଚାକିରି କେଳେଙ୍କାରୀ ଘଟଣାରେ ସଂପୃକ୍ତ ଆଉ ଜଣେ ବ୍ୟକ୍ତିଙ୍କୁ ପୋଲିସ୍ ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ୧୧୪ଜଣ ଛାତ୍ର ଓ ୩ଜଣ ଦଲାଲଙ୍କୁ ପୋଲିସ୍ ଗିରଫ କରିଥିଲା।

## କଟକ ଭସାଣି ...

ସେ ଆହୁରି କହିଛନ୍ତି ଯେ ଉପର ପଡ଼ିଆରେ ବାଲିଯାତ୍ରା ହେବ। ଏନେଇ ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିଥିଲା । ଚଳିତ ବର୍ଷ ବାଲିଯାତ୍ରାରେ ଅନେକ ବିଶିଷ୍ଟ ବ୍ୟକ୍ତି ସାମିଲ ହେବେ। ଜିଲ୍ଲାପାଳ ଭାବରେ ବିଭିନ୍ନ ଦିଗକୁ ନେଇ ମୁଁ ବୈଠକରେ ପ୍ରସ୍ତାବ ଉପସ୍ଥାନ ରଖିଛି ବୋଲି ସେ କହିଛନ୍ତି।

## କଥାବାର୍ତ୍ତା ହେବାର...

ସମସ୍ତ ନକ୍ସଲ ପ୍ରଭାବିତ ଅଞ୍ଚଳର ବିକାଶ ପାଇଁ ପ୍ରତିବଦ୍ଧ। ଏବେ ଆଲୋଚନା କରିବାକୁ କ'ଣ ଅଛି ? ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି କାର୍ଯ୍ୟକାରୀ କରାଯାଇଛି।'ଆଗକୁ ଆସନ୍ତୁ ଏବଂ ନିଜର ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରନ୍ତୁ । ଅମିତ ଶାହ ଚେତାବନୀ ଦେଇଛନ୍ତି ଯେ ସୁରକ୍ଷା ବାହିନୀ ବସ୍ତରର ଶାନ୍ତି ବିପର୍ଯ୍ୟସ୍ତ କରୁଥିବା ଲୋକଙ୍କୁ ଉଚିତ ଜବାବ ଦେବେ।

## ଏସଆଇ ପରୀକ୍ଷା...

ଆମେ ପରବର୍ତ୍ତୀ ପଦକ୍ଷେପ ନିର୍ଦ୍ଦିଷ୍ଟ ଭାବରେ ଘୋଷଣା କରିବୁ। ସମସ୍ତ ପିଲା ଭଲରେ ପରୀକ୍ଷା ଦେବେ। କିଛି ବ୍ୟସ୍ତ ହେବାର ନାହିଁ। ସମୟ ଆସିଲେ ତାରିଖ ଘୋଷଣା କରିବୁ।

## ବର୍ଷା ଯୋଗୁଁ ଗଜପତି...

ଜେନା ମଧ୍ୟ ଦୁଇ ଦିନ ରହି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଏବେ ପରିସ୍ଥିତି ନିୟନ୍ତ୍ରଣରେ ଅଛି ବୋଲି ମନ୍ତ୍ରୀ କହିଛନ୍ତି ।

# ପଞ୍ଚସଖା ଶିକ୍ଷା ସେତୁର ପ୍ରଥମ ପରିଚାଳନା ପରିଷଦ ବୈଠକ

## ପୁରାତନ ଛାତ୍ରଛାତ୍ରୀଙ୍କ ଯୋଗଦାନକୁ ଅଧିକ ବ୍ୟାପକ କରାଯିବ: ମୁଖ୍ୟଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ ଅତୁଳନୀୟ । ସେମାନଙ୍କ ସହଯୋଗ ଓ ସହଭାଗିତାରେ ବିଦ୍ୟାଳୟର ସମୃଦ୍ଧି ହେଉଛି । ବିଦ୍ୟାଳୟର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାଦାନରେ ପରିବର୍ତ୍ତନ ଆସିଛି । ସେମାନଙ୍କର ଏହି ନିଷ୍ପାପର ସହଯୋଗ ଓ ତ୍ୟାଗ ବିଦ୍ୟାଳୟକୁ ଅଗ୍ରଗତି ଆଡକୁ ନେଉଛି । ଆଗାମୀ ଦିନରେ ଅଧିକରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ଏହାର ବିକାଶରେ ଯେପରି ନିଜକୁ ସାମିଲ କରିବେ ସେ ଦିଗରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଶନିବାର ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ପ୍ରଥମ ପରିଚାଳନା ପରିଷଦ ବୈଠକରେ ପରିଷଦର ଅଧ୍ୟକ୍ଷ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଏହା ଉଲ୍ଲେଖ କରିଛନ୍ତି ।
ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସଂଗଠନର ପ୍ରଥମ ଓ ଦ୍ୱିତୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଦୁଇଟି ବୈଠକରେ ରାଜ୍ୟର ୨୫ଟି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଆର୍ଥିକ ଅନୁଦାନ ସହ ସରକାରଙ୍କ ଦୁଇଗୁଣା ଅନୁଦାନ ରାଶିକୁ ମିଶାଇ ମୋଟ ୨୬ କୋଟି ଟଙ୍କାରେ ୧୫୬୯ଟି ପ୍ରକଳ୍ପକୁ ମଞ୍ଜୁର ଦିଆଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସଂଗଠନ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।
ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଏମ୍‌ଶ୍ରୀ ବିଦ୍ୟାଳୟ ଗୁଡିକରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ଶିକ୍ଷା ଦିଆଯିବ । ଏଥିପାଇଁ ଜାତୀୟ ଆର୍ଥିକ ଶିକ୍ଷା କେନ୍ଦ୍ର (ଏନ୍‌ସିଏଫ୍‌ଇ) ସହ ପିଏସଏସର ଚୁକ୍ତିନାମା ସ୍ୱାକ୍ଷରିତ ହେବ । ଏହି ବୈଠକରେ ଐତିହ୍ୟ ବିଦ୍ୟାଳୟ ଅଧୀନରେ ରାଜ୍ୟର ୫୧ଟି ସବୁଠାରୁ ପୁରାତନ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶକୁ ଅନୁମୋଦନ ଦିଆଯାଇଛି। ଏହା ସହ ରାଜ୍ୟରେ ଚିହ୍ନଟ କରାଯାଇଥିବା କିଛି ବିଦ୍ୟାଳୟରେ ସିଏସଆର ଅର୍ଥରେ ମଧ୍ୟାହ୍ନଭୋଜନ ହଲ୍ ନିର୍ମାଣ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ଦିଆଯାଇଛି। ଏହା ସହ ପରିଚାଳନା ପରିଷଦ ସଂଗଠନର ବାର୍ଷିକ ବ୍ୟୟକୁ ଅନୁମୋଦନ ଦେବା ସହ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ଓ ଅଟକଳ ବ୍ୟୟକୁ ମଞ୍ଜୁର ଦେଇଛନ୍ତି। ବୈଠକରେ ଉପାଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ବିଦ୍ୟାଳୟ ବିକାଶରେ ପୁରାତନ ଛାତ୍ରଛାତ୍ରୀ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ପରିଷଦର ସଦସ୍ୟ ସଂଯୋଜକ ତଥା ପଞ୍ଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ଶ୍ରୀମତୀ ଅନନ୍ୟା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶିବାଶିଷ ଧଳ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂଇଆଁ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀମତୀ ନିୟତି ପଟ୍ଟନାୟକ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ସଚିବ ଭାସ୍କର ରାଇତୋ, କେନ୍ଦ୍ରାପଡ଼ାର ଜିଲ୍ଲାପାଳ ରଘୁରାମ ଆୟର, ସୁନ୍ଦରଗଡ଼ର ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ମାଲକାନଗିରିର ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ପଞ୍ଚସଖା ଶିକ୍ଷା ସେତୁ ସଂଗଠନର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀମତୀ ରାଜଲକ୍ଷ୍ମୀ ଦାଶ, ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସ୍ ଏସ୍.ଆଇ. ନିଯୁକ୍ତି ମହାଦୁର୍ନୀତୀର ବିଚାର ବିଭାଗୀୟ ତଦନ୍ତ ପାଇଁ ସି.ପି.ଆଇ.(ଏମ୍)ର ଦାବି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**
ପୋଲିସ୍ ଏସ୍.ଆଇ. ନିଯୁକ୍ତି ମହାଦୁର୍ନିତୀ ସଂପର୍କରେ ବିଚାର ବିଭାଗୀୟ ତଦନ୍ତ କରାଇ ପ୍ରକୃତ ଦୋଷୀ ଏବଂ ର୍ୟାକେଟ୍‌ରେ ସଂପୃକ୍ତ ସମସ୍ତଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଦାବି କରାଯାଇଛି। ବର୍ତ୍ତମାନର ଘଟଣା ଏବଂ ପୂର୍ବର ଘଟଣା ଗୁଡ଼ିକ ସଂପର୍କରେ ପରସ୍ପର କାଦୁଅ ଫୋପଡ଼ା ଫୋପଡ଼ିରେ ଲିପ୍ତ ରହି ଖବରକାଗଜର ଶିରୋନାମାରେ ସ୍ଥାନ ପାଇବା ମଧ୍ୟଦେଇ ମୁଖ୍ୟ ଆସାମୀ ଓ ସମଗ୍ର ର୍ୟାକେଟ୍‌କୁ ଲୋକଲୋଚନରୁ ଲୁଚାଇ ଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ସି.ପି.ଆଇ.(ଏମ୍) ବିଚାର କରୁଛି । ଖୋଦ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଗୃହ ବିଭାଗର ଦାୟିତ୍ୱରେ ରହିଛନ୍ତି, କିନ୍ତୁ ବିଜ୍ଞପ୍ତି ପ୍ରକାଶ ସମୟରୁ ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଏହି କାରବାର ଗୁଡ଼ିକ ସଂପର୍କରେ କୌଣସି ଖବର ନପାଇବା ଏବଂ ହଠାତ୍ ଖବର ପାଇ ତଦନ୍ତ ନିର୍ଦ୍ଦେଶ ଦେଲେ ବୋଲି ପ୍ରଚାର କରାଇ ଯେଉଁ ସାବାସୀ ନେବା ପାଇଁ ଚେଷ୍ଟା କରୁଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ । ରାଜ୍ୟରେ ବିଜେପି କ୍ଷମତାସୀନ ହେବାପରେ ଆଜି ପର୍ଯ୍ୟନ୍ତ ପ୍ରାୟ ସମସ୍ତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିବା ଉଦ୍ଦେଶ୍ୟରେ "ପ୍ରଶ୍ନପତ୍ର ଲିକ୍"କୁ ଏକ ବ୍ୟବସାୟିକ ଶିଳ୍ପରେ ପରିଣତ କରିଛନ୍ତି । ଏହା ଫଳରେ ନିଯୁକ୍ତି ପାଇବା ପାଇଁ ଅପେକ୍ଷାରତ ଅହରହ ପରିଶ୍ରମ କରି ଲକ୍ଷ ଲକ୍ଷ ଟଙ୍କା ଦେଇ ଆବେଦନ କରିଥିବା ହଜାର ହଜାର ବେକାର ଯୁବକ-ଯୁବତୀଙ୍କୁ ପ୍ରତାରଣା କରାଯାଉଛି । ପରୀକ୍ଷା ପରିଚାଳନାର ଦାୟିତ୍ୱ ନେଇଥିବା ଠକ ସଂସ୍ଥାର ମାଲିକ ସିଧାସଳଖ ବିଜେପି ସହିତ ସଂପୃକ୍ତି ଥିବାର ଅଭିଯୋଗ ହେଉଛି । ପୋଲିସ୍ ଏସ୍.ଆଇ. ନିଯୁକ୍ତି ପ୍ରକ୍ରିୟା ପୋଲିସ୍ ବିଭାଗ ଦ୍ୱାରା ନିୟନ୍ତ୍ରଣ ଓ ପରିଚାଳନା କରାଯାଉଥିବା ବେଳେ ସେହି ବିଭାଗୀୟ ଅଧିକାରୀମାନଙ୍କ ସଂପୃକ୍ତିକୁ ଧରିବା ପାଇଁ ସେହି ପୋଲିସ୍ ବିଭାଗକୁ ଦାୟିତ୍ୱ ଦେବା ଜନଗଣଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିବା ସହ ସମାନ ବୋଲି ସି.ପି.ଆଇ.(ଏମ୍) ମନେ କରେ । ତେଣୁ, ଏହିପରି ଏକ ମହାଦୁର୍ନୀତି ଘଟଣାର ତଦନ୍ତ ଜଣେ ବିଚାରପତିଙ୍କ ଦ୍ୱାରା କରାଇ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହିତ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଦାବି କରାଯାଉଛି । ଉପରୋକ୍ତ ଦାବି ଉପରେ ସାରା ରାଜ୍ୟରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନେବା ପାଇଁ ସି.ପି.ଆଇ.(ଏମ୍) ତରଫରୁ ଆହ୍ୱାନ ଦିଆଯାଇଛି ।

# ପୋଲିସ ଏସ୍ଆଇ ନିଯୁକ୍ତିରେ କେଳେଙ୍କାରୀର ସିବିଆଇ ତଦନ୍ତ ଦାବିରେ ରାଜରାସ୍ତାକୁ ଓହ୍ଲାଇବ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଘଟଣାରେ ରାଜ୍ୟ ସରକାରଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଅଭିଯୋଗ କରି ସିବିଆଇ ତଦନ୍ତ ଦାବିରେ ଆନେ୍ଦାଳନକୁ ଓହ୍ଲାଇବ ବୋଲି ବିଜୁ ଜନତା ଦଳ ଘୋଷଣା କରିଛି । ପୋଲିସ ବିଭାଗରେ ଏହି ଦୁର୍ନୀତି ହୋଇଥିବା ବେଳେ ପୋଲିସ ବିଭାଗର ଏକ ଅଂଶ ଭାବେ ରହିଥିବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ବିଜୁ ଜନତା ଦଳ କହିଛି ।
ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରୀତି ରଞ୍ଜନ ଘଡେଇ ଓ ବିଜୁ ଯୁବ ଜନତା ଦଳର ସଭାପତି ଶ୍ରୀ ଚିନ୍ମୟ ସାହୁ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷାରେ ହୋଇଥିବା କେଳେଙ୍କାରୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଭୂମିକା ପ୍ରଶ୍ନବାଚୀ ହୋଇଛି ବୋଲି କହିଥିଲେ ।ସୋମବାର ଅର୍ଥାତ ୬ ଅକ୍ଟୋବର ଦିନ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ରାଜଧାନୀ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ସେ ସୂଚନା ଦେଇଥିଲେ।
ଶ୍ରୀ ଘଡେଇ କହିଥିଲେ, ଏହି ନିଯୁକ୍ତି ପରୀକ୍ଷାକୁ କରିବା ପାଇଁ ପ୍ରାଥମିକ ଭାବେ ଆଇଟିଆଇ ସଂସ୍ଥାକୁ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ, ଏହା ଦୁଇ ଦୁଇଟି ସଂସ୍ଥାକୁ ଆଉଟସୋର୍ସିଂ କରାଯାଇଥିଲା । ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ନୀତି ସ୍ପଷ୍ଟ ହେବା ଦରକାର । କାହା ନିଦ୍ରେ୍ଦଶରେ ଏପରି ଏକ ଅନଭିଜ୍ଞ କମ୍ପାନୀକୁ ଆଉଟସୋର୍ସିଂ କରାଯାଇଥିଲା । ଏହି ଆଉଟସୋର୍ସିଂ ମାଧ୍ୟମରେ ଦୁର୍ନୀତି କରିବା ପାଇଁ ବାଟ ତିଆରି କରିଥିଲେ ରାଜ୍ୟ ସରକାର । ଏହି ଘଟଣାରେ, ଓପିଆରବିର ଅଧ୍ୟକ୍ଷ ଓ ରାଜ୍ୟ ସରକାରଙ୍କ ଗୃହ ବିଭାଗର ସଚିବ ତଦନ୍ତ ପରିସରଭୁକ୍ତ ହେବା ଦରକାର । ରାଜ୍ୟର ହଜାର ହଜାର ଚାକିରୀ ଆଶାୟୀ ଯୁବକ ଆଜି ଏହି ଘଟଣାରେ ହତାଶ ହୋଇଛନ୍ତି । ଏହି ଘଟଣାରେ ପୋଲିସ ଅଧିକାରୀ ମଧ୍ୟ ଅଭିଯୁକ୍ତ ରହିଥିବା ବେଳେ କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରେ ନ୍ୟାୟ ମିଳିବା ନେଇ ସନେ୍ଦହ ରହିଛି। ତେଣୁ, ସିବିଆଇ ତଦନ୍ତ ଏକ ମାତ୍ର ବିକଳ୍ପ । ଯଦି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀ ଏହି ଘଟଣାରେ ତାଙ୍କର ସ୍ୱଚ୍ଛତା ପ୍ରତିପାଦନ କରିବାକୁ ଚାହୁଁଛନ୍ତି, ତାହେଲେ ତୁରନ୍ତ ଏହି ଘଟଣାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରନ୍ତୁ ବୋଲି ଶ୍ରୀ ଘଡ଼େଇ କହିଥିଲେ ।
ଚିନ୍ମୟ ସାହୁ କହିଥିଲେ, ଚାକିରୀ ବିକ୍ରି ଘଟଣା ହେଉଛି ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ । ଚଳିତ ବର୍ଷ ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଥିଲା। ପରୀକ୍ଷା ବାତିଲ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ କାରଣ ଦିଆଯାଇନଥିଲା । ବାସ୍ତବରେ, ଚାକିରୀ ବିକ୍ରି କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ଯୋଜନାର ଏହା ଥିଲା ଅୟମାରମ୍ଭ । ବିଜେପି ସଭାପତି ଶ୍ରୀ ମନମୋହନ ସାମଲ ଗତ କାଲି ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ସାହୁ କହିଥିଲେ, ମଲମ ପର୍ଯ୍ୟାପ୍ତ ନୁହେଁ, ସର୍ଜରୀର ଆବଶ୍ୟକତା ରହିଛି ବୋଲି କହିଥିଲେ। ବାସ୍ତବିକ, ମଲମ ମାନେ କମ ଅଙ୍କରେ ନୁହେଁ, ସର୍ଜରୀ ଅର୍ଥ ମୋଟା ଅଙ୍କରେ ଚାକିରୀ ବିକ୍ରି ପାଇଁ ବିଜେପି ଯୋଜନା କରି ପ୍ରଥମ ପରୀକ୍ଷାକୁ ବାତିଲ କରାଯାଇଥିଲା । ତାପରେ ନିଯୁକ୍ତି ପରୀକ୍ଷା ଆୟୋଜନ କରିବାରେ ତିଳେ ମାତ୍ର ଅଭିଜ୍ଞତା ନଥିବା ସଂସ୍ଥା ପଞ୍ଚସଫ୍ଟକୁ ଆଉଟସୋର୍ସିଂ କରାଯାଇଥିଲା । ଏହି କମ୍ପାନୀ ମାଧ୍ୟମରେ ଆଶାୟୀ ମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇଥିଲା । ପ୍ରତି ଆଶାୟୀଙ୍କ ଠାରୁ ଦଶ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ଆଦାୟ ହୋଇ ସାରିଥିଲା ଓ ସର୍ତ୍ତ ଅନୁସାରେ ଚାକିରୀ ପାଇବା ପରେ ଆଉ ପନ୍ଦର ଲକ୍ଷ ଦେବାକୁ ବାକି ରହିଥିଲା । କିନ୍ତୁ, ବ୍ରହ୍ମପୁରରେ ସେମାନଙ୍କୁ ଏକତ୍ରିତ କରି ଶ୍ରୀକାକୁଲମ ନେବା ପୂର୍ବରୁ ଆଶାୟୀ ମାନଙ୍କୁ ସେମାନଙ୍କ ଅରିଜିନାଲ ସାର୍ଟିଫିକେଟ ସଂସ୍ଥା ପାଖରେ ବନ୍ଧକ ରଖିବାକୁ କୁହାଯାଇଥିଲା । କିଛି ଆଶାୟୀ ଏହି ସର୍ତ୍ତରେ ରାଜି ହୋଇ ନଥିବାରୁ ଘଟଣା ବିଷୟରେ ପୋଲିସକୁ ଖବର ଯାଇଥିଲା ଓ ଶ୍ରୀକାକୁଲମ ଠାରେ ପୋଲିସ ଗିରଫ କରିଥିଲା । ତେଣୁ, ବିଜେପି ସଭାପତି ଶ୍ରୀ ମନମୋହନ ସାମଲ, ଏହି ଘଟଣାରେ ସରକାରଙ୍କ ସମ୍ପୃକ୍ତିକୁ ନେଇ ଖଣ୍ଡନ କରିବା, ମନ୍ଦିରରେ କିଏ ନା ମୁଁ କଦଳୀ ଖାଇନି ସଦୃଶ୍ୟ । ରାଜ୍ୟ ସରକାରଙ୍କ ସମ୍ପୃକ୍ତି ଜଳ ଜଳ ହୋଇ ଦିଶୁଛି । ତେଣୁ, ବିଜେଡି ଏହାର ସିବିଆଇ ତଦନ୍ତ ଦାବି କରିଛି ।

# ବାତିଲ ନିଯୁକ୍ତି ପରୀକ୍ଷାକୁ ନେଇ ସରକାରଙ୍କ କଡା ଆଭିମୁଖ୍ୟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଦେଖାଦେଇଥିବା ଅନିୟମିତାକୁ ନେଇ ପରୀକ୍ଷାର୍ଥୀ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। କେବଳ ପରୀକ୍ଷାର୍ଥୀ ନୁହେଁ, ଏହି ପ୍ରସଙ୍ଗ ରାଜନୀତିକ ମହଲରେ ବି ବେଶ୍ ଚର୍ଚ୍ଚାରେ । ଏମିତିରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ଜୁନ୍ ୨୦୨୪ରୁ ଆଜି ପର୍ଯ୍ୟନ୍ତ ବାତିଲ ହୋଇଥିବା ସବୁ ପରୀକ୍ଷାର ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ। ଶନିବାର ଜିଏ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକ ସବୁ ଆୟୋଗ ଏବଂ ନିଯୁକ୍ତି ବୋର୍ଡକୁ ଜୁନ ୨୦୨୪ରୁ ଆଜି ପର୍ଯ୍ୟନ୍ତ ବାତିଲ ନିଯୁକ୍ତି ପରୀକ୍ଷାର ବିବରଣୀ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ, ସମସ୍ତ ସରକାରୀ ବିଭାଗ, ଓପିଆରବି, ଓପିଏସସି, ଓଏସଏସସି, ଓଏସଏସବି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣକୁ ଶନିବାର ସୁଦ୍ଧା ବିସ୍ତୃତ ରିପୋର୍ଟ ଇମେଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।
ଚନାଥାଉକି, ନିକଟରେ ପୁଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣା ସାମ୍ନାକୁ ଆସିଛି। ଯାହା ପରେ ପୂରା ପରୀକ୍ଷାକୁ ବାତିଲ୍ କରାଯାଇଛି। ଏହି ଘଟଣାର ତଦନ୍ତରୁ ପରୀକ୍ଷା ଜାଲିଆତିର ନେଟୱର୍କ ରାଜ୍ୟସାରା ବ୍ୟାପିଥିବା ଜଣାପଡ଼ିଛି। ଆହୁରି ମଧ୍ୟ ଏହା ପଛରେ ବଡ଼ ରାକେଟରେ ହାତ ରହିଥିବା ଜଣାପଡ଼ିଥିବାବେଳେ, ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲଙ୍କୁ ଗିରଫ ପରେ ଜେଲ ପଠାଇଦିଆଯାଇଛି। କିଛି ବଡ଼ମୁଣ୍ଡଙ୍କ ଦ୍ୱାରା ସବୁ ଷଡ଼ଯନ୍ତ୍ର ପରିଚାଳିତ ହେଉଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି ।
ପୂର୍ବରୁ ଓଟିଇଟି ପରୀକ୍ଷାରେ ମଧ୍ୟ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ପ୍ରଶ୍ନପତ୍ର ଲିକ୍ ହେବା କାରଣରୁ ପରୀକ୍ଷାକୁ ଗୋଟିଏ ଦିନ ପୂର୍ବରୁ ବାତିଲ୍ କରାଯାଇଥିଲା। ଘଟଣାର ତଦନ୍ତକ୍ରମେ ବୋର୍ଡ ଉପସଭାପତିଙ୍କ ସମେତ ୮ ଜଣକୁ ଗିରଫ କରାଯାଇଥିଲା। ସେହିଭଳି ଆରଆଇ, ଅମୀନ ପରୀକ୍ଷା ମଧ୍ୟ ବ୍ୟାପକ ଅନିୟମିତତା କାରଣରୁ ବାରମ୍ବାର ବାତିଲ ହୋଇଥିଲା।

# ସମ୍ବଲପୁରୀ ନୃତ୍ୟ ପାଇଁ ପ୍ରିୟଲ ପ୍ରଧାନଙ୍କୁ 'ହିନ୍ଦୁରତ୍ନ ପୁରସ୍କାର'

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**
ସମ୍ବଲପୁର ଏ. କଟାପାଲି ନିବାସୀ ତଥା ରାଜଧାନୀ ନୂଆଦିଲ୍ଲୀର ଏମ୍ସରେ କାର୍ଯ୍ୟରତ ସତ୍ୟନାରାୟଣ ପ୍ରଧାନ ଓ ଚନ୍ଦ୍ରମୁଖୀ ପ୍ରଧାନଙ୍କ ୯ ବର୍ଷୀୟ ପୁତ୍ରୀ ପ୍ରିୟଲ ପ୍ରଧାନଙ୍କୁ ଆଗାମୀ ୩୧ ଅକ୍ଟୋବରରେ ସମ୍ମାନଜନକ ଜାତୀୟ ସ୍ତରର 'ହିନ୍ଦୁରତ୍ନ' ପୁରସ୍କାର ପ୍ରଦାନ କରାଯିବ । ନୂଆଦିଲ୍ଲୀର ଜନକପୁରୀ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିବା ପ୍ରିୟଲଙ୍କୁ ଏହି ପୁରସ୍କାର ଉତ୍କୃଷ୍ଟ ସମ୍ବଲପୁରୀ ଲୋକ ନୃତ୍ୟ ପାଇଁ ପ୍ରଦାନ କରାଯିବ। ମହାରାଷ୍ଟ୍ରର ପୁନେ ସ୍ଥିତ ପଦ୍ମଶ୍ରୀ ଡା. ମନିଭାଇ ଦେଶାଇ ମାନବସେବା ଟ୍ରଷ୍ଟ ଓ ଡା. ରବିନ୍ଦ୍ର ଭୋଲେ ଆରୋଗ୍ୟ ସେବା କେନ୍ଦ୍ରର ପ୍ରତିଷ୍ଠାତା ସଭାପତି ତଥା ସମାଜସେବୀ ଡା. ରବିନ୍ଦ୍ର ଭୋଲେଙ୍କ ତରଫରୁ ଦିଆଯାଇଥିବା ପତ୍ର ଅନୁଯାୟୀ, ସାରା ଭାରତବର୍ଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତି ବର୍ଷ 'ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ହିନ୍ଦୁରତ୍ନ' ପୁରସ୍କାର ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆଗାମୀ ୩୧ ଅକ୍ଟୋବର ପୁନେ ଠାରେ ଭାରତରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ପୁନେର ଆନ୍ନାଭାଓ ସାଠେ ସାଂସ୍କୃତିକ ଭବନ ଠାରେ ଆୟୋଜିତ ହେବ । ସୁଚନାଯୋଗ୍ୟ ଯେ, ପ୍ରିୟଲ ପ୍ରଧାନଙ୍କ ଛୋଟ ବୟସରୁ ହିଁ ସମ୍ବଲପୁରୀ ନୃତ୍ୟ ପ୍ରତି ରୁଚି ରହିଥିବା ଦେଖି ତାଙ୍କର ପିତାମାତାଙ୍କ ପ୍ରୋତ୍ସାହନରେ ରାଜଧାନୀ ଦିଲ୍ଲୀ ସମେତ ଦେଶର ଅନ୍ୟ ସ୍ଥାନରେ ସେ ଅନେକ ଥର ନିଜର ପ୍ରତିଭା ପ୍ରଦର୍ଶନ କରି ପୁରସ୍କୃତ ହେବା ସହିତ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।




**OFFICE OF THE PANCHAYAT SAMITI, BASUDEVPUR** i-
At/Po: Basudevpur, Dist: BhadrakEmail: ori-basudevpur@nic.in
Letter No: 2934 /Date: 03.10.2025
**Tender Call Notice-05/2025-26**

1. Name of the Project :- "Completion of Conference Hall at Block Premises
2. Total No of Project :- 01 No
3. Class of Contractor :- 'C & D' Class
4. Period of Completion :- 3 Calender Months
5. Other details :- As per DTCN.

| Sl No | Procurement Officer | Available Tender On-line for bidding | | Last date of receipt of Bids | Date & time of opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 04.10.2025 | 15.10.2025 | 15.10.2025 3.00 PM | 15.10.2025 4.00 PM |

6. Further details can be seen from the website portal "https:// www.bhadrak.odisha.gov.in
7. Any other changes/Corrigendum/Addendum may be seen only in website www.bhadrak.odisha.gov.nic.in

OIPR-19306/11/0016/2526
Block Development Officer
Basudevpur

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER ,
ROURKELA IRRIGATION DIVISION,ROURKELA
email Id :- seridrkl@gmail.com
A-651
'e' Procurement Notice
e-PROCUREMENT NOTICE NO - SERID-RKL-04/2025-26 (ONLINE) DT 18.10.2025
The Superintending Engineer, Rourkela Irrigation Division, Rourkela on behalf of Governor of Odisha invites Percenatge Rate Bid in single cover system to be received in online mode from the eligible contractors registered with the State Government, contractors of equivalent Grade/ Class Registered with Central Government/ MES/ Railways/CPWD work as detailed below:

| | | | |
|---|---|---|---|
| 1. | Nature of Work | : | CIVIL WORKS |
| 2. | Total Number of works | : | 16(sixteen) nos |
| 3. | Bid Identification No. | : | SERID-RKL-04/2025-26 (ONLINE) |
| 4. | Estimated Cost | : | Rs. 4.24 lakh to 14.12 lakh |
| 5. | Class of Contractor | : | 'D' & 'C' class Contractor |
| 6. | Cost of Tender Paper | : | Referred to DTCN |
| 7. | Earnest Money Deposit | : | Referred to DTCN |
| 8. | Period of completion | : | Referred to DTCN |
| 9. | Date & time of Availability of Bid documents in the portal | : | From dt 04.10.2025 at 10.00 A.M to dt. 14.10.2025 up to 05.30 P.M. |
| 10. | Last Date / time for receipt of bids in the portal | : | Dt. 14.10.2025 up to 05.30 P.M. |
| 11. | Date and time of Opening of Bids | : | dt. 15.10.2025 at 11.00 A.M. |
| 12. | Last date & time of seeking of clarification | : | Dt. 11.10.2025 at 05.30 P.M |
| 13. | Place of Opening | : | Office of the Superintending Engineer, Rourkela Irrigation Division, Rourkela |
| 14. | Name and Address of the Officer Inviting Bid | : | Superintending Engineer, Rourkela Irrigation Division, Rourkela |

1. Any addendum/corrigendum/ cancellation/ erratum of tender can also be seen in the said website.
2. Further details can be seen from Government Website http://tenderodisha.gov.in

OIPR-32018/11/0020/2526
SUPERINTENDING ENGINEER
ROURKELA IRRIGATION DIVISION
ROURKELA

ଭୁବନେଶ୍ୱର
୫ ଅକ୍ଟୋବର,
ରବିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27









ଭୁବନେଶ୍ୱର : ସହିଦନଗର ଦୁର୍ଗାପୂଜା ସମିତିର ପୂଜା ମଣ୍ଡପରୁ ବାହାରିଥିବା ଜଗତ୍‌ଜନନୀ ମା' ଦୁର୍ଗାଙ୍କ ବିସର୍ଜନ ଶୋଭାଯାତ୍ରା । ('ଟୋ : ସମ୍ବାଦ କଳିକା)

### 'ସମ୍ବାଦ'ର ୪୧ତମ ଓ 'କନକ ନ୍ୟୁଜ'ର ୧୬ତମ ବାର୍ଷିକ ଉତ୍ସବ

# 'ସମ୍ବାଦ' ଓଡ଼ିଶା ଗଣମାଧ୍ୟମରେ ଏକ ବିଶାଳ ବରଗଛ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୪/୧୦ ନ୍ୟୁଜ ବ୍ୟୁରୋ**

'ସମ୍ବାଦ' ଓଡ଼ିଶାର ଖବରକାଗଜର ଏକ ମାଇଲଖୁଣ୍ଟ । ୧୯୮୪ ମସିହାରେ ଯେତେବେଳେ ଆଜିର ଦିନରେ ଏହି ଖବରକାଗଜ ପ୍ରକାଶିତ ହେଲା, ସେତେବେଳେ ପ୍ରଥମରୁ ହିଁ ପାଠକମାନଙ୍କ ନିକଟରେ ଲୋକପ୍ରିୟତା ଅର୍ଜନ କରିଥିଲା । ସେହି ସମୟରେ ଡାକ ସଂସ୍କରଣ ଥିଲା । ଯେତେବେଳେ ସୌମ୍ୟରଞ୍ଜନ ପଟ୍ଟନାୟକ ସକାଳ ସଂସ୍କରଣ ଆରମ୍ଭ କରିଥିଲେ, ସେତେବେଳେ ତାଙ୍କୁ ଅନେକ ଲୋକ ସମାଲୋଚନା କରିଥିଲେ । ସୌମ୍ୟବାବୁ ବାସି ଖବର ବଦଳରେ ସତେଜ ଖବର ଦେବା ପାଇଁ ଉଦ୍ୟମ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏହା କହିଛନ୍ତି । ସ୍ଥାନୀୟ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ 'ସମ୍ବାଦ'ର ୪୧ତମ ଓ 'କନକ ନ୍ୟୁଜ'ର ୧୬ତମ ବାର୍ଷିକ ଉତ୍ସବକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଶ୍ରୀ ମାଝୀ କହିଛନ୍ତି, ଯେତେବେଳେ ଖେଳ ହେଉ ବା ବାଣିଜ୍ୟ ହେଉ, ସବୁ ଖବର ପହଞ୍ଚିଲା ବେଳକୁ ସନ୍ଧ୍ୟା ୮ଟା ହୋଇଯାଏ । ସମସ୍ତ ଖବର ଆସିଲା ପରେ ସମ୍ପାଦନ କରାଯାଏ ଓ ରାତି ୩ଟା ସୁଦ୍ଧା ମୁଦ୍ରଣ କରାଯାଇ ପାଠକଙ୍କ ପାଖକୁ ସକାଳୁ ପହଞ୍ଚାଇବାକୁ ପଡ଼ିଥାଏ । ସମୟର ପରିଚାଳନା କରି ଖବରକାଗଜ ପ୍ରକାଶ କରିବା କଷ୍ଟକର କାମ । ମୁଖ୍ୟମନ୍ତ୍ରୀ କହିଛନ୍ତି ଅତୀତରେ ଖବରକାଗଜଗୁଡ଼ିକ ୮ ପୃଷ୍ଠା ଥିଲା । ବୋଧେ 'ସମ୍ବାଦ' ଏହାକୁ ପ୍ରଥମେ ୧୨ ପୃଷ୍ଠା ଏବଂ ପରବର୍ତ୍ତୀ ସମୟରେ ୧୬ ପୃଷ୍ଠା କରିଥିଲା । କେଉଁ ପୃଷ୍ଠାରେ କେଉଁ ପ୍ରସଙ୍ଗ ରହିବ ତାହାକୁ ଗୁରୁତ୍ୱ ଦେଇଥିଲା । ୪୧ ବର୍ଷ ପରେ 'ସମ୍ବାଦ' ଆଜି ପ୍ରତିଯୋଗିତାର ଆଗରେ ରହିଛି । ଲୋକଙ୍କ ପାଖରେ ପାଠକୀୟ ଆଦର ବଢ଼ିବଢ଼ି ଚାଲିଛି । ସାମାଜିକ ଗଣମାଧ୍ୟମର ବହୁଳ ପ୍ରଚାରପ୍ରସାର ହୋଇଥିଲେ ମଧ୍ୟ 'ସମ୍ବାଦ'ର ଲୋକପ୍ରିୟତାକୁ ହ୍ରାସ କରିପାରି ନାହିଁ । 'ସମ୍ବାଦ'ର ଆଦରକୁ କମ କରିପାରି ନାହିଁ । 'ସମ୍ବାଦ'କୁ ଗଢ଼ିବାରେ ସୌମ୍ୟବାବୁ ବହୁ ପରିଶ୍ରମ କରିଛନ୍ତି । ନୂଆପିଢ଼ିର ଯୁବକ/ଯୁବତୀଙ୍କୁ ସୁଯୋଗ ଦେଇ ଗଣମାଧ୍ୟମକୁ ଆଣିପାରିଛନ୍ତି । ଆଜି ଯେଉଁମାନେ ସାମ୍ବାଦିକ ଭାବେ ପ୍ରତିଷ୍ଠିତ ହୋଇଛନ୍ତି, ସେମାନେ ଅତୀତରେ 'ସମ୍ବାଦ'ରେ କାମ କରିଥିବେ । 'ସମ୍ବାଦ' ଓଡ଼ିଶା ଗଣମାଧ୍ୟମରେ ଏକ ବିଶାଳ ବରଗଛ । ସୌମ୍ୟବାବୁଙ୍କର ଆମଘର ହାଲଚାଲ ଯେତେବେଳେ ଆସେ, ସରକାର ଦୋହଲି ଯାଇଥାଏ । ସମ୍ବାଦପତ୍ର ହେଉଛ ସମାଜର ଦର୍ପଣ । ଖବରକାଗଜ ମାଧ୍ୟମରେ ହିଁ ଅନେକ କଥା ଜାଣି ହେଉଛି । ଖବରକାଗଜ ପାଠକମାନେ ହିଁ ସମାଜର ସ୍ଥିତି ଜାଣିପାରିଥାନ୍ତି । ଭାରତରେ ପ୍ରଥମେ 'ଦ ବେଙ୍ଗଲ୍ ଗେଜେଟ୍‌ସ' ଏବଂ ଓଡ଼ିଶାରେ ପ୍ରଥମେ 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା । ସ୍ୱାଧୀନତା ପୂର୍ବରୁ ଏବଂ ପରେ ମଧ୍ୟ ଦେଶର ବିକାଶରେ ଗଣମାଧ୍ୟମର ଭୂମିକା ରହିଛି । ଗଣମାଧ୍ୟମ ହେଉଛି ଗଣତନ୍ତ୍ର'ର ଚତୁର୍ଥ ସ୍ତମ୍ଭ । କୌଣସି କାମ ସରକାରଙ୍କ ନଜରକୁ ଆଣିବା ହେଉଛି ଗଣମାଧ୍ୟମର କାମ, ଯାହା ସୌମ୍ୟବାବୁ ଭଲଭାବରେ ଜାଣିଛନ୍ତି । ପୂର୍ବ ସରକାର ସଂପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗଣମାଧ୍ୟମକୁ ୫ ବର୍ଷ ପର୍ଯ୍ୟନ୍ତ କଷ୍ଟ ଦିଆଯାଇଥିଲା । ସେମାନଙ୍କ ପାଇଁ କଟକଣା ଲଗାଯାଇଥିଲା । ସେତେବେଳେ ମୁଁ ବିରୋଧୀ ଦଳରେ ଥିଲି । ଆମ ସରକାର ସାମ୍ବାଦିକମାନଙ୍କୁ ଅବହେଳା କରିବ ନାହିଁ । ଏହି ଅବସରରେ 'ସମ୍ବାଦ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି । ସମାରୋହରେ ସମ୍ମାନିତ ଅତିଥି ହିନ୍ଦୀ ଦୈନିକ 'ଦୈନିକ ଭାସ୍କର'ର ଗ୍ରୁପ ଏଡିଟର ପ୍ରକାଶ ଦୁବେ, ହିନ୍ଦୁ ବିଜନେସ୍ ଲାଇନ୍‌ର ରେସିଡେଣ୍ଟ ଏଡିଟର ପୂର୍ଣ୍ଣିମା ଯୋଶୀ, 'ସମ୍ବାଦ'ର ସଂପାଦକ ତନୟା ପଟ୍ଟନାୟକ, ସମ୍ବାଦ-କନକ ନ୍ୟୁଜର ବାର୍ତ୍ତା ସଂପାଦକ ଭବାନୀ ଶଙ୍କର ତ୍ରିପାଠୀ ପ୍ରମୁଖ ଉପସ୍ଥିତଥିଲେ ।




# ଭସାଣରେ ଗୋଷ୍ଠୀ ସଂଘର୍ଷ: ୬ ଗିରଫ

**କଟକ, ୪/୧୦ ନ୍ୟୁଜ ବ୍ୟୁରୋ**

କଟକ ଦରଘା ବଜାର ଭସାଣ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ୍ ୬ ଜଣଙ୍କୁ ଗିରଫ କରିଛି । ଏ ନେଇ ପୁଲିସ୍ କମିଶନର ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ ଶୁକ୍ରବାର କଟକରେ ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଚାଲିଥିବାବେଳେ ବିଳମ୍ବିତ ରାତିରେ ଦରଘାବଜାର ଥାନା ଅଞ୍ଚଳରେ ପ୍ରବଳ ଗଣ୍ଡଗୋଳ ଘଟିଥିଲା । ଢେଲାମାଡରେ ଡିସିପିଙ୍କ ସମେତ ୧୫ରୁ ଅଧିକ ଆହତ ହୋଇଥିଲେ । ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପୁଲିସ ସ୍ଥାନୀୟ ଅଞ୍ଚଳରେ ବିଏନ୍‌ଏସ୍‌ର ୧୬୩ ଧାରା ଜାରି କରିଥିଲା । ଉତ୍ତେଜନାକୁ ପ୍ରଶମିତ କରିବାକୁ ଯାଇ ପୁଲିସକୁ ଲାଠିଚାଳନା କରିବାକୁ ପଡିଥିଲା । ରାତି ପ୍ରାୟ ୨ଟା ସମୟରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାରେ ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲେ । ତେବେ ଦରଘାବଜାର ଜେଲରୋଡ଼ର ଏକ ନିର୍ଦ୍ଦିଷ୍ଟ ଦିଗରୁ ହଠାତ୍ ଢେଲାମାଡ଼ ହୋଇଥିଲା । ଢେଲାମାଡ଼ର କାରଣ ବୁଝିବା ଆଗରୁ ଗୋଟିଏ ପରେ ଗୋଟିଏ ଢେଲାମାଡ଼ ହେବାକୁ ଲାଗିଥିଲା । ପ୍ରାୟ ୧୫ ଜଣରୁ ଅଧିକ ଏଥିରେ ଆହତ ହୋଇଥିଲେ । ତେବେ ଆରମ୍ଭରୁ ଢେଲାମାଡ଼ ଯୋଗୁଁ ପ୍ରତିପକ୍ଷ ଗୋଷ୍ଠୀ ପକ୍ଷରୁ ମଧ୍ୟ ପାଲଟା ନିର୍ଦ୍ଦିଷ୍ଟ ଦିଗକୁ ଢେଲାମାଡ଼ ହୋଇଥିଲା । ଫଳରେ ପରିସ୍ଥିତି ସଂପୂର୍ଣ୍ଣ ଅଣାୟତ୍ତ ହୋଇପଡିଥିଲା ।

## ଗୋଷ୍ଠୀ ସଂଘର୍ଷ ଘଟଣାକୁ ନିନ୍ଦା କଲେ ନବୀନ



**ଭୁବନେଶ୍ୱର, ୪/୧୦ ନ୍ୟୁଜ ବ୍ୟୁରୋ**

ଦଶହରା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ ଚିନ୍ତାଜନକ ବୋଲି କହିଛନ୍ତି ନବୀନ । ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି କି, ଦଶହରା ଭସାଣି ସମୟରେ କଟକ ଦରଘା ବଜାରରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଦୃଢ଼ ନିନ୍ଦା କରୁଛି । ଭାଇଚାରାର ସହର କଟକରେ ଏପରି ଅପ୍ରୀତିକର ସ୍ଥିତି ବେଶ ଚିନ୍ତାଜନକ । ଭସାଣି ସମୟରେ ଢେଲା ପଥର, ବୋତଲ ମାଡ଼ ପରି ଘଟଣା ଏକ ବଡ଼ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରୁଛି । ଶାନ୍ତିପ୍ରିୟ ଓଡ଼ିଶାରେ ଏ ଅଶାନ୍ତିର ବାତାବରଣ କଦାପି ଗ୍ରହଣୀୟ ନୁହେଁ । ଏପରି ସ୍ଥିତିକୁ ନିୟନ୍ତ୍ରଣ କରିବା ଆଗରେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସହାୟ ମନେ ହେଉଛି । ବିଜେପି ସରକାରରେ ପୋଲିସ ଉପରେ ରହୁଥିବା ଚାପ ରାଜ୍ୟରେ ଆଇନଶୃଙ୍ଖଳାକୁ ବିଗାଡ଼ି ଦେଉଛି । ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦଭାବନା ବଜାୟ ରଖିବା ଆମ ସମସ୍ତଙ୍କ ପ୍ରଥମ ଲକ୍ଷ୍ୟ ଏବଂ କର୍ତ୍ତବ୍ୟ ହେଉ । ସମାଜରେ ଶାନ୍ତି ଓ ମୈତ୍ରୀ ବଜାୟ ରହୁ ।

# ଗଜପତିରେ ଲଗାଣ ବର୍ଷା : ରିଲିଫ କମିଶନରଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୪/୧୦ ନ୍ୟୁଜ ବ୍ୟୁରୋ**



ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲା ଗୁଡ଼ିକରେ ଲଗାଣ ବର୍ଷା ଲାଗି ରହିଛି । ଏହି ବର୍ଷାରେ ଗଜପତି ଜିଲ୍ଲାରେ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ହୋଇ ଅନେକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଦେଖାଦେଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଜପତି ଜିଲ୍ଲା ପରିସ୍ଥିତି ଉପରେ ନଜର ରଖିବା ସହିତ ସ୍ଥିତି ପରଖିବା ଓ ସହାୟତା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଜେନାଙ୍କୁ ମୁଖ୍ୟମନ୍ତ୍ରୀ ଗଜପତି ଜିଲ୍ଲାକୁ ପଠାଇଛନ୍ତି । ମୁଖ୍ୟମନ୍ତ୍ରୀ ଗଜପତି ଜିଲ୍ଲାପାଳଙ୍କ ସହିତ କଥା ହୋଇ ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି ।

ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜିଲ୍ଲାର ଅନେକ ସ୍ଥାନରେ ପାହାଡ଼ରୁ ମାଟି ଖସି ଯାତାୟାତ ବାଧାପ୍ରାପ୍ତ ହୋଇଛି ।

# ବିଏମ୍‌ସି ପକ୍ଷରୁ ଗୋଟିଏ ଦିନରେ ସଫା ହେଲା ସମସ୍ତ ପୂଜା ମଣ୍ଡପ

**ଭୁବନେଶ୍ୱର , ୦୪/୧୦ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ତତକ୍ଷଣାତ୍ ପୂଜା ମଣ୍ଡପଗୁଡିକୁ ସଫେଇ କରାଯାଇଛି । ଶନିବାର ସକାଳୁ ସକାଳୁ ୩ଟି ଜୋନ୍ ରେ ସ୍ୱଚ୍ଛ କର୍ମୀମାନେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପୂଜା ମଣ୍ଡପରେ ସଫେଇ କାର୍ଯ୍ୟ କରିଥିଲେ । ମେୟର ଶ୍ରୀମତୀ ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ସହିତ ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ସାହୁ, ସମସ୍ତ ଜୋନାଲ କମିଶନର, ସହକାରୀ କମିଶନର, ସ୍ଥାନୀୟ କର୍ପୋରେଟର, ଇଂଜିନିୟର ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଶନିବାର ସକାଳୁ ବିଭିନ୍ନ ପୂଜା ମଣ୍ଡରରେ ପହଞ୍ଚି ସଫେଇ କାର୍ଯ୍ୟର ତଦାରଖ କରିଥିଲେ । ପୂଜା କମିଟିର କର୍ମକର୍ତ୍ତା ଓ ସାଧାରଣ ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସର୍ବସାଧାରଣଙ୍କ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଡ୍ରେନ, ରାସ୍ତା କିମ୍ବା ମୁଖ୍ୟ ରାସ୍ତା ଉପରେ ପଡିଥିବା ସମସ୍ତ ଅସ୍ଥାୟୀ ଦୋକାନ, ଷ୍ଟଲ, ଟ୍ରଲି, ଠେଲା ଗାଡି ଆଦିକୁ ମଧ୍ୟ ହଟାଇ ଦିଆଯାଇଛି । ଚଳିତ ବର୍ଷ ଭସାଣିର ପରଦିନ ସମସ୍ତ ପୂଜା ମଣ୍ଡପ ଗୋଟିଏ ଦିନରେ ସଫେଇ କରାଯାଇଛି । ଏଥିପାଇଁ ଅଧିକ ସଫେଇ କର୍ମୀଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରାଯାଇଥିଲା । ସହିଦ ନଗର ପୂଜା ମଣ୍ଡପ ନିକଟରେ ଜବରଦଖଲ କରିଥିବା ଦୁଇଜଣ କବାଡି ବାଲାଙ୍କୁ ମଧ୍ୟ ହଟାଇ ଦିଆଯାଇଛି । ପୂଜା ମଣ୍ଡପଗୁଡିକର ତ୍ୱରଣଗୁଡିକ ଭାଙ୍ଗିବା ସମୟରେ ସଂପୃକ୍ତ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାର କର୍ମଚାରୀମାନେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି । ତୋରଣଗୁଡିକ ଖୋଲିବା ସମୟରେ ଯେପରି କୌଣସି ଦୁର୍ଘଟଣା ନ ଘଟେ, ସେଥିପ୍ରତି ଧ୍ୟାନ ଦେବା ସହ ବିଦ୍ୟୁତ୍ ସରବରାହରେ ଯେପରି ବ୍ୟାଘାତ ସୃଷ୍ଟି ନ ହୁଏ ବା ବିଦ୍ୟୁତ୍ ସଂସ୍ପର୍ଶରେ କେହି ନ ଆସନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବା, ଆବଶ୍ୟକସ୍ଥଳେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହାୟତା ନେବାକୁ କୁହାଯାଇଛି ।

### ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି

# ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ୍ ଶଙ୍କର ! କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ତଦନ୍ତ ଦାୟିତ୍ୱ

**ବ୍ରହ୍ମପୁର/କଟକ/ ଭୁବନେଶ୍ୱର,୦୪/୧୦ ନ୍ୟୁଜ ବ୍ୟୁରୋ**

ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତିର ନେଟୱାର୍କ ରାଜ୍ୟସାରା ବ୍ୟାପିଛି । ପଛରେ ଅଛି ବଡ଼ ର୍ୟାକେଟ । ସବୁ ଷଡ଼ଯନ୍ତ୍ର ପରିଚାଳିତ ହେଉଥିଲା କିଛି ବଡ଼ମୁଣ୍ଡଙ୍କ ଦ୍ୱାରା । ଏହାକୁ ଏବେ ଖୋଜୁଛି କ୍ରାଇମବ୍ରାଞ୍ଚ । ଗିରଫ ହୋଇଥିବା ପରୀକ୍ଷାର୍ଥୀ ଓ ଦଲାଲଙ୍କ ଘର ୧୮ ଜିଲ୍ଲାରେ ରହିଛି । ଏହାର ଅର୍ଥ ସମସ୍ତ ଜିଲ୍ଲାରେ ଏହି ନେଟୱର୍କର ଦଲାଲ ସକ୍ରିୟ ରହିଛନ୍ତି । ଏବେ ଗିରଫ ହୋଇଛନ୍ତି ମାତ୍ର ୩ ଦଲାଲ । ଅନ୍ୟମାନଙ୍କୁ ଠାବ କରିବାକୁ କ୍ରାଇମବ୍ରାଞ୍ଚ ସବୁ ଜିଲ୍ଲାକୁ ଟାର୍ଗେଟ କରିଛି । ଅପରପକ୍ଷରେ, ଦଲାଲ ଓ ପରୀକ୍ଷାର୍ଥୀଙ୍କ ଭିତରେ କିଛି କୋଚିଂ ସେଣ୍ଟର ମଧ୍ୟସ୍ଥି ଭୂମିକା ନେଇଥିବା ପୁଲିସ ଅନୁମାନ କରୁଛି । କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀଙ୍କୁ ଏସଆଇ ପରୀକ୍ଷାର ତଦନ୍ତ ଦାୟିତ୍ୱ ମିଳିଛି ।




ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ସମସ୍ତ ମାମଲାର ସେ ତଦନ୍ତ କରିବେ । ସୁପରଭାଇଜିଂ ଅଫିସର ଭାବେ ରହିବେ କ୍ରାଇମବ୍ରାଞ୍ଚ ଏସପି ଅନୀଲ ବେଉରିଆ ସହଯୋଗ କରିବେ । ପୁଲିସ ସୂଚନାନୁସାରେ, ଗିରଫ ହୋଇଥିବା ଦଲାଲ ଓ ପରୀକ୍ଷାର୍ଥୀ ୧୧୭ ଜଣ ବିଭିନ୍ନ ଜିଲ୍ଲାର ବାସିନ୍ଦା । ସର୍ବାଧିକ ୩୩ ଜଣ କଟକ ଜିଲ୍ଲାରୁ ଅଛନ୍ତି । ଗଞ୍ଜାମରୁ ୨୫ ଜଣ, ଢେଙ୍କାନାଳରୁ ୧୨, ପୁରୀରୁ ୪, ସୋନପୁରରୁ ୨, ଖୋର୍ଦ୍ଧାରୁ ୯, ବରଗଡ଼ରୁ ୭, ଭଦ୍ରକରୁ ୨, ଯାଜପୁରରୁ ୨, ନୟାଗଡ଼ରୁ ୫, ବାଲେଶ୍ୱରରୁ ୨, କଳାହାଣ୍ଡିରୁ ୨, ବୌଦ୍ଧରୁ ୩ , କେନ୍ଦ୍ରାପଡ଼ାରୁ ୩, ବଲାଙ୍ଗୀରରୁ ୨, ଅନୁଗୁଳ, କେନ୍ଦୁଝର, ରାୟଗଡ଼ା ଓ ନୂଆପଡ଼ାରୁ ଜଣେ ଲେଖାଏଁ ଗିରଫ ହୋଇଛନ୍ତି । ଏହି ଚିତ୍ର ହିଁ କହୁଛି ର୍ୟାକେଟର ଚେର କେତେ ଲମ୍ବା । ପୁଲିସ ଏସ୍‌ଆଇ ଲିଖିତ ପରୀକ୍ଷା କେଳେଙ୍କାରୀ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକଙ୍କୁ ଜେରା କରିଛି । ସଂସ୍ଥାର ନିର୍ଦ୍ଦେଶକ ସୁରେଶ କୁମାର ନାୟକଙ୍କୁ କ୍ରାଇମ୍‌ବ୍ରାଞ୍ଚ ମୁଖ୍ୟାଳୟରେ ତଦନ୍ତକାରୀ ଟିମ୍ ଦୀର୍ଘ ସମୟ ପଚରାଉଚରା କରି ତଥ୍ୟ ଆଦାୟ କରିଛି । ବ୍ରହ୍ମପୁର ଓ ଭୁବନେଶ୍ୱରରେ ୫ଟି ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ଚଢ଼ଉ କରି ବହୁ କାଗଜପତ୍ର ଓ ଲାପଟପ୍ ଜବତ କରିଛି । ଭୁବନେଶ୍ୱର ପଟିଆ ଡିଏଲ୍‌ଏଫ୍ ଟାୱାରରେ ଥିବା ସିଲିକନ୍ ଟେକ୍‌ଲାବ୍ ଅଫିସ ସିଲ୍ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଛି । ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ସୂଚନା ପାଇ ବ୍ରହ୍ମପୁର ପୁଲିସ୍ ୩୦ ତାରିଖରେ ବସ୍‌ରେ ଆନ୍ଧ୍ରପ୍ରଦେଶ ଯାଉଥିବା ୧୧୭ ଜଣଙ୍କୁ ଗିରଫ କରିଥିଲା । ସିଲିକନ୍ ଟେକ୍‌ଲାବ୍ ସଂସ୍ଥାର ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୦୯ରୁ ଏହା କମ୍ପାନି ଆକ୍ଟରେ ପଞ୍ଜିକୃତ । ଭୁବନେଶ୍ୱର ପଟିଆ ଡିଏଲ୍‌ଏଫ୍ ଟାୱାରରେ ଏହାର କାର୍ଯ୍ୟାଳୟ ରହିଛି ।

# ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟ ଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବେ ବାଚସ୍ପତି ସୁରମା ପାଢ଼ୀ

**ଭୁବନେଶ୍ୱର,୪।୧୦ ନ୍ୟୁଜ ବ୍ୟୁରୋ**



୬୮ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀ ଓ ନବମ ରାଜ୍ୟ ଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବେ ବାଚସ୍ପତି ସୁରମା ପାଢ଼ୀ । ଏଥିପାଇଁ ଅକ୍ଟୋବର ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ବିଦେଶ ଗସ୍ତରେ ଯିବେ ବାଚସ୍ପତି । ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘରେ ୫୬ଟି ଦେଶ ସଭ୍ୟ ଭାବେ ରହିଥିବା ବେଳେ ଭାରତ ଏହା ମଧ୍ୟରୁ ଅନ୍ୟତମ ସର୍ବ ବୃହତ୍ତମ ଦେଶ । ଏ ନେଇ ବିଧାନସଭାରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ବାଚସ୍ପତି ସୁରମା ପାଢ଼ୀ ।

ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ନେତୃତ୍ୱରେ ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ, ପାର୍ଲାମେଣ୍ଟ ସଦସ୍ୟ, ୨୨ଟି ରାଜ୍ୟର ବାଚସ୍ପତି, ଉପବାଚସ୍ପତି ଓ ସଚିବ ଏହି ସମ୍ମିଳନୀରେ ଯୋଗ ଦେବେ । ଓଡ଼ିଶାରୁ ବାଚସ୍ପତି ସୁରମା ପାଢ଼ୀ ଏହି ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବାଚସ୍ପତି ଅକ୍ଟୋବର ୫ ତାରିଖରେ ଭୁବନେଶ୍ୱରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଲଣ୍ଡନ ଦେଇ ଅକ୍ଟୋବର ୬ ତାରିଖ ବାର୍ବାଡୋସ୍‌ରେ ପହଞ୍ଚିବେ ।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ

**ପୁରୀ ,୩/୧୦ ନ୍ୟୁଜ ବ୍ୟୁରୋ**

କିଛି କିମ୍ବଦନ୍ତୀ ଯାହା ଦୀର୍ଘ ଦିନ ଧରି ଲୋକ ମାନସରେ ଓ ଲୋକ ବିଶ୍ୱାସରେ ଜୀବିତ ଅଛି ଅଦ୍ୟାବଧି । ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବିଭିନ୍ନ ନୀତି, ଉତ୍ସବ, ବେଶ ପରିପାଟୀ ସବୁବେଳେ ଅନନ୍ୟ ଯାହା କି ଅନ୍ୟ କେଉଁ ମନ୍ଦିରରେ ଅନୁଷ୍ଠିତ ହୁଏନି । ଅନେକ ଝଡ଼ଝଞ୍ଜା ଦେଇ ମଧ୍ୟ ଏସବୁ ପରମ୍ପରା ତିଷ୍ଠି ରହିଛି । ଓଡ଼ିଆ ମାନଙ୍କ ଦୃଢ଼ ଆସ୍ଥା ଓ ବିଶ୍ୱାସ ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇ ରଖିଛି ଆଜି ପର୍ଯ୍ୟନ୍ତ । କାର୍ତ୍ତିକ ମାସରେ ବିଷ୍ଣୁଙ୍କୁ ଦାମୋଦର ନାମରେ ପୂଜା କରାଯାଏ । ସବୁଠାରୁ ପବିତ୍ର ମାସ ଓ ବିଷ୍ଣୁଙ୍କର ଅତିପ୍ରିୟ ମାସ । ପ୍ରତିବର୍ଷ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କର ପବିତ୍ର 'ରାଧା-ଦାମୋଦର' ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ରାତ୍ର ଦୁଇଘଡ଼ି ଥାଇ ମଙ୍ଗଳ ଆଳତି ଓ ଅବକାଶ ନୀତି ଶେଷ ହେବା ପରେ ଶ୍ରୀବିଗ୍ରହମାନଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହୋଇ ଥାଏ । ଠାକୁରମାନେ ଏହି ବେଶରେ ବାଲଭୋଗ ପର୍ଯ୍ୟନ୍ତ ରହନ୍ତି । ଏହି ବେଶରେ ଥାଇ ଶ୍ରୀଜୀଉଙ୍କର ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଭୋଗ, ସକାଳ ଧୂପ ଓ ବାଲ ଭୋଗ ହୋଇଥାଏ । ବାଲଭୋଗ ଛେକ ଆସିବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରନ୍ତି ଓ ବାଲ ଭୋଗ ସରିବା ପରେ ତିନି ବାଡ଼ରେ ବନ୍ଦାପନା ହୋଇ ବେଶ ଓଲାଗି ହୋଇଥାଏ । ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ଓ ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଠାକୁରମାନଙ୍କୁ ଲାଗି କରାଯାଇଥାଏ । ଏହି ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ତ୍ରିକଚ୍ଛ ପରିଧାନ କରିଥାନ୍ତି । ଦୁଇ ହସ୍ତରେ ସୁବର୍ଣ୍ଣ ନଳୀଭୁଜ (ନଳୀଭୂଜରେ ଆୟୁଧର ଚିତ୍ର ଥାଏ), ତ୍ରିମୁଣ୍ଡିରେ ବାଉଁଶ ପାତିଆ ଓ କନାରେ ନିର୍ମିତ ଚୂଳ, ଚୂଳର ଅଗ୍ରଭାଗରେ ରୂପା ଚନ୍ଦ୍ରିକା, କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ କମରପଟି, କଣ୍ଠରେ ସୁବର୍ଣ୍ଣ ଘାଗଡ଼ା ମାଳି, କପାଳରେ ତିଳକ, ଚନ୍ଦ୍ର, ସୂର୍ଯ୍ୟ ଏବଂ ରାମାନନ୍ଦୀ ଚିତା ଇତ୍ୟାଦି ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀଜୀଉମାନେ ଭୂଷିତ ହୋଇଥାନ୍ତି । ମସ୍ତକରେ ଓଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁବର୍ଣ୍ଣ ଅଳଙ୍କାର ସହ ପାଟଶାଢ଼ୀ, ଫୁଟା, ଶିରୀ କପଡ଼ା, ପହରଣ, ବଳା, ଅଧରବଳା ଓ ଉତ୍ତରୀୟ ବସ୍ତ୍ର ଲାଗି ହୁଏ । ଏହି ବେଶରେ ବିଭିନ୍ନ ବାରରେ ବିଭିନ୍ନ ରଙ୍ଗର ପାଟବସ୍ତ୍ର ଶ୍ରୀଜୀଉମାନେ ଲାଗି ହୁଅନ୍ତି । ରବିବାର ନାଲି, ସୋମବାର ଧଳାରେ କଳାଛିଟ, ମଙ୍ଗଳବାର ବାରପାଟିଆ, ବୁଧବାର ନୀଳ, ଗୁରୁବାର ହଳଦିଆ, ଶୁକ୍ରବାର ଶୁକ୍ଳ ଓ ଶନିବାର କଳାରଙ୍ଗ ପାଟବସ୍ତ୍ର ଲାଗି ହୁଅନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋସ୍ଥ ଶ୍ରୀନୀଳମାଧବଙ୍କର ମଧ୍ୟ ଏକମାସ ଏହି ବେଶ ହୋଇଥାଏ । ରାଇ ଦାମୋଦର ବେଶର ଏକାଧିକ ପୌରାଣିକ ଭିତ୍ତି ରହିଛି । ଶ୍ରୀଜଗନ୍ନାଥ ବା ଭଗବାନ ବିଷ୍ଣୁଙ୍କର କାର୍ତ୍ତିକ ମାସର ନାମ ହେଉଛି 'ଦାମୋଦର' । ଏହାର ସଂପର୍କ ରହିଛି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ସହିତ । କାରଣ 'ଦାମ'ର ଅର୍ଥ ରଜ୍ଜୁ ବା ଦଉଡ଼ି । କୁବେରଙ୍କ ପୁତ୍ର ନଳକୁବେର ଓ ମଣିଗ୍ରୀବ ଧନଗର୍ବରେ ଅନ୍ଧ ଓ ମଦମତ୍ତ ହୋଇ କର୍ତ୍ତବ୍ୟ ଅକର୍ତ୍ତବ୍ୟ ଜ୍ଞାନ ଭୁଲିଯାଇଥିବାରୁ ନାରଦ ସେମାନଙ୍କୁ ଅଭିଶାପ ଦେଇଥିଲେ ।